


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-131 FRIDAY 7 NOVEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୩୧ ଶୁକ୍ରବାର ୭ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ବିହାର ନିର୍ବାଚନ
# ୭୩ ବର୍ଷରେ ସର୍ବାଧିକ ମତଦାନ

■ **ପାଟନା, ୬।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୬୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି । ଏହା ୨୦୨୦ ନିର୍ବାଚନ ତୁଳନାରେ ୮.୯୮ ପ୍ରତିଶତ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ । ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି ।

ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ ୬୪.୬୬ ପ୍ରତିଶତ ମତଦାନ ହେଉଛି ବିହାର ନିର୍ବାଚନ ଇତିହାସ(୭୩ବର୍ଷ)ରେ ସର୍ବାଧିକ । ଏହାପୂର୍ବରୁ ୨୦୦୦ରେ

### ପ୍ରଥମ ପର୍ଯ୍ୟାୟରେ ୬୪.୬୬ % ଭୋଟ୍



ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ ଏତେ ଅଧିକ ହାରରେ ମତଦାନ ସୂଚାଉଛି ଯେ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବ । ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅଧିକ ମତଦାନ ସରକାର ପରିବର୍ତ୍ତନର ଆଭାସ ଦେଉଛି । ଏଥର ନିର୍ବାଚନରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ ।

ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ପ୍ରମୁଖ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି । ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି । ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପ।ରେ ଆକ୍ରମଣ ଘଟଣାକୁ ଛାଡ଼ିଦେଲେ କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି । ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି । ବିହାରରେ ବିବାଦୀୟ ଏସ୍‌ଆଇଆର୍ ପରେ ପ୍ରଥମ ଥର ଲାଗି ମତଦାନ ହେଉଛି । ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି । ▶ପୃଷ୍ଠା-୭

# ଘାଟି ଚଢୁଚଢୁ ଜଳିଗଲା ବସ୍

■ **ପଟ୍ଟାଙ୍ଗି, ୬।୧୧ (ସମିସ):** ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ଜଳିଯାଇଛି । ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି । ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି ।

### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ୍ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା । ସକାଳ ପ୍ରାୟ ସାଢ଼େ ୭ଟାରେ ବସ୍‌ଟି ଓଡ଼ିଶା ସୀମାନ୍ତ ପାସିପେଣ୍ଟା ଥାନା ଅନ୍ତର୍ଗତ କୋନାୱାଲାସା ଗ୍ରାମ ନିକଟ ସାଲୁର୍ ଘାଟି ଚଢୁଥିବା ବେଳେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିବାକୁ ପାଇଥିଲେ । ତେଣୁ, ସେ ଗାଡ଼ିଟିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ । କିଛି ସମୟ ପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା । ଘାଟି ନିକଟରେ ଏକ ପୁଲିସ ଚେକ୍‌ପୋଷ୍ଟରୁ ଖବର ପାଇ ସାଲୁର ସହରରେ ରହିଥିବା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ସେତେବେଳକୁ ବସ୍‌ଟି ସଂପୂର୍ଣ୍ଣ ଜଳି ଯାଇଥିଲା । ପାସିପେଣ୍ଟା ପୁଲିସ ଏକ ମାମଲା ରୁଜୁ କରି ଅଧିକ ଯାଞ୍ଚ ଚଳାଇଛି ।

# ଆଜି ନୂଆପଡ଼ାରେ ନବୀନ ଶୋ'

■ **ନୂଆପଡ଼ା, ୬।୧୧ (ସମିସ):** ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି ।



### ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା
### ଅପରାହ୍ନରେ ପାରକୋଡ଼ରେ ଜନସମାବେଶ

ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ । ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲ ପମ୍ପ ଛକ ନିକଟରେ ଜନସମାବେଶକୁ ଉଦ୍‌ବୋଧନ ଦେବେ । ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମାବେଶରେ ନବୀନ ଉଦ୍‌ବୋଧନ ଦେବେ । ସେହିପରି ଅପରାହ୍ଣରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ । ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେକରୁଛି । ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେକରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର ।

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ବୀଭତ୍ସ ହତ୍ୟା

■ **ରାୟଗଡ଼ା, ୬।୧୧(ସମିସ):** ଉତ୍ତରାଖଣ୍ଡରେ ଓଡ଼ିଆ ଯୁବତୀଙ୍କୁ ବୀଭତ୍ସ ହତ୍ୟା । ମୃତ ଯୁବତୀଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩) । ପୁଲିସ ସେଠାକାର ଏକ ନଦୀରୁ ତାଙ୍କ ଶବ ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ୍ ସୃଷ୍ଟ ଭଡ଼ାରେ ରହୁଥିବା ଘର ମାଲିକର ପୁଅକୁ ଗିରଫ କରିଛି । ସେ ହେଲା, ଅମିତ ସିଂହ । ସୃଷ୍ଟିଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ସେ ଶବକୁ ଚାଦରରେ ଗୁଡ଼ାଇ ସେଥିରେ ଇଟା, ପଥର ▶ପୃଷ୍ଠା-୭




### ଘର ମାଲିକ ପୁଅ ଗିରଫ


## ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ
# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%

■ **ନୂଆଦିଲ୍ଲୀ, ୬।୧୧ (ଏଜେନ୍ସି):** ସମ୍ପ୍ରତି ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି । କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି । ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି ।

### ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ
### ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା




ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି । ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି । ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି । ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ▶ପୃଷ୍ଠା-୭






# ପ୍ରଥମ ପ୍ରୟାସରେ ରିକ୍ସାବାଲାଙ୍କ ପୁଅ ଆଇଏଏସ୍



ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ରିକ୍ସାବାଲାଙ୍କ ପୁଅ ହୋଇଥିଲେ ମଧ୍ୟ ପ୍ରଥମ ପ୍ରୟାସରେ ୟୁନିୟନ ପବ୍ଲିକ ସର୍ଭିସ କମିସନ (ୟୁପିଏସ୍‌ସି) ପରୀକ୍ଷାରେ ସଫଳତା ହାସଲ କରି ଆଇଏଏସ୍ ପାଇଛନ୍ତି ଗୋବିନ୍ଦ ଜୟସ୍ୱାଲ। ସେ ଉତ୍ତରପ୍ରଦେଶର ବାରଣାସୀରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ତଥା ଆର୍ଥିକ ଅନଟନ ତାଙ୍କ ସ୍ୱପ୍ନକୁ ପୂରଣ କରିବାରେ ବାଧକ ସାଜି ନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରିବ ବୋଲି ସେ ପ୍ରମାଣ କରିଥିଲେ। ନିକଟରେ ଏକ ସାକ୍ଷାତକାର ଦେବା ଅବସରରେ ଗୋବିନ୍ଦ ନିଜର ସଂଘର୍ଷ କାହାଣୀ ବଖାଣିଛନ୍ତି। ଯଦି ମୁଁ ଆଇଏଏସ୍ ପାଇଛି, ତେବେ ସମସ୍ତେ ମଧ୍ୟ ପାଇପାରିବେ। କୌଣସି ପ୍ରକାର ସ୍ଥିତିରେ ଖରାପ ପରିସ୍ଥିତିର ଦୋଷ ଦେବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଏବେ ସେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦରେ କାର୍ଯ୍ୟ କରୁଛନ୍ତି।

ବାପା ନାରାୟଣ ଜୟସ୍ୱାଲ ରିକ୍ସା ଟାଣନ୍ତି। ମା'ଙ୍କ ଚିକିତ୍ସା କାରଣରୁ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ଗୋବିନ୍ଦ ୭ମ ଶ୍ରେଣୀରେ ପଢୁଥିବା ବେଳେ ବ୍ରେନ ହାମରେଜ କାରଣରୁ ମା'ଙ୍କ ଦେହାନ୍ତ ହୋଇଥିଲା। ଫଳରେ ସ୍ଥିତି ଆହୁରି ଖରାପ୍ ହୋଇଥିଲା। ଲୋକ ଗୋବିନ୍ଦଙ୍କୁ ଏହି ସ୍ଥିତିରେ ପରିହାସ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ବାପାଙ୍କ ଭଳି ରିକ୍ସା ଟାଣିବାକୁ ଓ ଭଉଣୀମାନଙ୍କ ପର ଘରେ ବାସନ ମାଜିବାକୁ ଲୋକେ ତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ। ଗୋବିନ୍ଦ ଏ ସବୁ ଚୁପ୍‌ଚାପ ଶୁଣି ସହିଯାଉଥିଲେ। କିନ୍ତୁ ନିଜ ଶୈଳୀରେ ସେ ସମସ୍ତଙ୍କୁ ଉଚିତ ଜବାବ ଦେବେ ବୋଲି ମନେମନେ ସ୍ଥିର କରି ନେଇଥିଲେ। ଅଭାବ ଅସୁବିଧା ସତ୍ତ୍ୱେ ନାରାୟଣ କେବେବି ପୁଅ ଓ ୩ ଝିଅଙ୍କ ପାଠ ପଢ଼ାରେ ଅବହେଳା କରିନାହାନ୍ତି। ପାଠ ଓ ଜ୍ଞାନ ବଳରେ ପୁଅ ଓ ଝିଅଙ୍କ ଜୀବନ ସାର୍ଥକ ହେବ ବୋଲି ସେ ଭଲଭାବେ ଅବଗତ ଥିଲେ। ନିଜ ୪ ପିଲାଙ୍କୁ ପଢ଼ାଇବା ପାଇ ସେ ସବୁ ପ୍ରକାର ପ୍ରୟାସ କରିଥିଲେ। କୌଣସି ପ୍ରକାର ଗୋବିନ୍ଦ ଓ ତାଙ୍କ ୩ ଭଉଣୀ ଗ୍ରାଜୁଏସନ କରିଥିଲେ। ପିଲାଟି ବେଳୁ ଗୋବିନ୍ଦ ୟୁପିଏସ୍‌ସି ସିଭିଲ ସର୍ଭିସ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଆଇଏଏସ୍ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। ସେ ରିକ୍ସାବାଲାଙ୍କ ପୁଅ ବୋଲି ଜାଣିପାରି ତାଙ୍କ ସାଙ୍ଗଙ୍କ ପରବାର ଲୋକେ ମଧ୍ୟ ତାଙ୍କୁ ଏକାଧିକବାର ଖରାପ ବ୍ୟବହାର କରିଥିଲେ। ସମସ୍ତଙ୍କ କଡ଼ା ଜବାବ ଦେବେ ବୋଲି ସେ ସ୍ଥିର କରିନେଇଥିଲେ। କିନ୍ତୁ ଆଇଏଏସ ହେବାର ରାସ୍ତା ଆଦୌ ସହଜ ନଥିଲା। କୌଣସି କାରଣରୁ ଆହତ ହେବା ପରେ ନାରାୟଣ ଆଉ ରିକ୍ସା ଚଳାଇପାରି ନଥିଲେ। ତେଣୁ ସେ ଜମି ବିକ୍ରି କରି ଗୋବିନ୍ଦଙ୍କୁ ଦିଲ୍ଲୀ ପଠାଇଥିଲେ। ଅର୍ଥାଭାବ କାରଣରୁ ଗୋବିନ୍ଦ ଦିଲ୍ଲୀରେ ଟ୍ୟୁସନ କରି ନିଜେ ପାଠ ପଢ଼ିବା ସହ ନିଜ ପରିବାରକୁ ଟଙ୍କା ପଠାଉଥିଲେ। ସେ ମଧ୍ୟ ଗୋଟିଏ ଓଳି ଖାଇବା ଛାଡ଼ି ଦେଇଥିଲେ। ୨୦୦୬ରେ ସେ ପ୍ରଥମଥର ପାଇଁ ଆଇଏସ୍ ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମାନ୍ୟତାରେ ସେ ୪୮ ତମ ସ୍ଥାନ ଅଧିକାର କରିଥିଲେ।

## ଫିଲିପାଇନ୍ସରେ ବାତ୍ୟା; ୧୧୪ ମୃତ

ମାନିଲା, ୬ ।୧୧(ଏଜେନ୍ସି): ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର ଗୁରୁବାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଛନ୍ତି। ବାତ୍ୟା କାଲମାଗୀ ଯୋଗୁଁ ଦେଶରେ ୧୧୪ ଜଣ ଲୋକ ମୃତ୍ୟୁବରଣ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା କାରଣରୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବୈଠକରେ ମାର୍କୋସ ଏହି ଘୋଷଣା କରିଥିଲେ। ଚଳିତବର୍ଷ କାଲମାନୀ ଦେଶରେ ସର୍ବବୃହତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି। ଅଧିକାଂଶ ଲୋକ ଅଚାନକ ଆସିଥିବା ବନ୍ୟାରେ ବୁଡିବା ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏବେ ମଧ୍ୟ ୧୨୭ଜଣ ଲୋକ ନିଖୋଜ ଅଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ସବୁ ପ୍ରଦେଶର ବୋଲି କୁହାଯାଇଛି। ଏହି ବାତ୍ୟାରେ ପାଖାପାଖି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫.୬ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ପଡ଼ିଥିଲା। ଏବେ ୪.୫ ଲକ୍ଷ ଲୋକ ରିଲିଫ୍ ଶିବିରରେ ଶରଣ ନେଇଛନ୍ତି। ଇତିମଧ୍ୟରେ ଆଉ ଏକ ବାତ୍ୟା ପ୍ରଶାନ୍ତ ମହାସାଗରରୁ ଆସିବ ଓ ଏହା ଆସନ୍ତା ସପ୍ତାହରେ ଫିଲିପାଇନ୍ସରେ ଲ୍ୟାଣ୍ଡଫଲ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ସୈନିକ ସ୍କୁଲ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

ଇଟାନଗର, ୬ ।୧୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାସ୍ଥିତ ନିଗଲୋକ ସୈନିକ ସ୍କୁଲ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏନେଇ ଛାତ୍ରଙ୍କ ଭଉଣୀ ତାଡୁ ଲୁନିଆ ସିନିଅର ଛାତ୍ରଙ୍କ ଉପରେ ର୍‌ୟାଗିଂ କରିବାର ଅଭିଯୋଗ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ସେୟାର କରି ସେ ଏହି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୧ ରାତି ୧୧ଟାରେ ୧୦ମ ଓ ୮ମ ଶ୍ରେଣୀର ଜୁନିଅର ଛାତ୍ରଙ୍କ କୋଠରୀରେ ପଶିଥିଲେ। ବରିଷ୍ଠ ଛାତ୍ରମାନେ ୭ମ ଶ୍ରେଣୀ ଛାତ୍ରଙ୍କୁ ଡରାଇବା ଓ ଧମକାଇବା ସହ ମୋ ଭାଇକୁ ୧୦ମ ଶ୍ରେଣୀ କୋଠରୀକୁ ନେଇଥିଲେ। ରାତିସାରା ଭାଇକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ମୋ ଭାଇକୁ ସେମାନେ ଚୋର କହିଥିଲେ ବୋଲି ଲୁନିଆ କହିଛନ୍ତି। ଛାତ୍ରଙ୍କ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସିନିଅର ଛାତ୍ରମାନେ ନିର୍ଯାତନା ଦେଉଥିଲେ ଓ ଏବେ କ'ଣ କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ନଭେମ୍ବର ପହିଲାରେ ୧୨ ବର୍ଷର ଜଣେ ଛାତ୍ରଙ୍କ ମୃତଦେହ ପାଣି ଟାଙ୍କିରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୁଲିସ ୮ ଜଣ ଛାତ୍ରଙ୍କୁ ଗିରଫ କରିଛି ଓ ଯାଞ୍ଚ ଆରମ୍ଭ କରିଛି।

### ରାଗିଂର ଅଭିଯୋଗ, ୮ ଛାତ୍ର ଗିରଫ

## ପାକିସ୍ତାନରେ ଜେନ୍-ଜେଡ୍ ବିକ୍ଷୋଭ

ଇସଲାମାବାଦ୍, ୬ ।୧୧(ଏଜେନ୍ସି): ନେପାଳ ଓ ବାଂଲାଦେଶ ପରେ ଏବେ ପାକିସ୍ତାନରେ ସରକାରଙ୍କ ବିରୋଧରେ ଜେନ୍- ଜେଡ୍ ପ୍ରଦର୍ଶନ ଆରମ୍ଭ ହୋଇଛି। ସରକାରଙ୍କ ବିରାଧରେ ଯୁବଗୋଷ୍ଠୀ ସଡ଼କକୁ ଓହ୍ଲାଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଏହି ପ୍ରଦର୍ଶନ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପରୀକ୍ଷା ଇ- ମାର୍କିଂ ସିଷ୍ଟମରେ ସମସ୍ୟା, ଫି ବୃଦ୍ଧି ଓ ମୌଳିକ ସୁବିଧା ସୁଯୋଗ ନେଇ ଏହି ପ୍ରଦର୍ଶନ ହୋଇଛି। ଏହି ଆନ୍ଦୋଳନ ନଭେମ୍ବର ୪ରେ ପିଓକେ ରାଜଧାନୀ ମୁଜାଫରାବାଦ୍‌ର ୟୁନିଭର୍ସିଟି ଅଫ୍ ଆଜାଦ ଜମ୍ମୁ ଆଣ୍ଡ କଶ୍ମୀରରୁ ଆରମ୍ଭ ହୋଇଥିଲା। ସେମିଷ୍ଟାର ଫିସ୍‌ରେ ଲକ୍ଷ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରମାନେ ଏହାର ବିରୋଧ କରିଥିଲେ। ଆନ୍ଦୋଳନ ଅବସରରେ ଜଣେ ଛାତ୍ରଙ୍କ ଦେହରେ ଗୁଳି ବାଜିଥିଲା। ଫଳରେ ଆନ୍ଦୋଳନ ଆହୁରି ଉଗ୍ର ହୋଇଥିଲା। ମୁଜାଫରାବାଦ୍‌ରୁ ବାହାରି ଏହି ଆନ୍ଦୋଳନ ମୀରପୁର, କୋଟଲି, ରାବଲାକୋଟ ଓ ଅନ୍ୟ ସହରକୁ ବ୍ୟାପୀ ଯାଇଥିଲା। ଲାହୋରରେ ମଧ୍ୟ ଇଣ୍ଟରମିଡିଏଟ୍ ଛାତ୍ରମାନେ ଧାରଣା ଦେଇଛନ୍ତି। ଛାତ୍ରମାନେ 'ଆଜାଦୀ ଓ ହତ୍ୟାକାରୀ ଜବାବ ଦିଅ, ରକ୍ତର ହିସାବ ଦିଅ' ସ୍ଲୋଗାନ ଦେବା ସହ ପାକ୍ ସେନା ଉପରେ ଅତ୍ୟାଚାର କରୁଥିବାର ଅଭିଯୋଗ କରିଥିଲେ। ପୂର୍ବରୁ ଦରଦାମ ବୃଦ୍ଧି ନେଇ ପିଓକେରେ ୫ ଦିନଧରି ପ୍ରଦର୍ଶନ ଚାଲିଥିଲା। ପୂର୍ବରୁ ମଧ୍ୟ ପିଓକେରେ ଏଭଳି ଏକାଧିକ ଉଗ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

### ସେନାର ଅତ୍ୟାଚାର, ଫି' ବୃଦ୍ଧିକୁ ନେଇ ରାସ୍ତାରେ ବିକ୍ଷୋଭ

# ପୋଖରୀରେ ହଜାର ହଜାର ଆଧାର କାର୍ଡ



କୋଲକାତା୬ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏକ ପୋଖରୀରୁ ହଜାର ହଜାର ଆଧାର କାର୍ଡ ମିଳିଛି। ବର୍ଦ୍ଧମାନ ଜିଲ୍ଲାର ଲଳିତପୁର ଅଞ୍ଚଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହାଁମୁହିଁ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲଳିତପୁରରେ କିଛି ଲୋକ ଏକ ପୋଖରୀ ସଫା କରୁଥିବା ବେଳେ ଏକ ବଡ଼ ବ୍ୟାଗ୍ ପାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଆଧାର କାର୍ଡ ଥିଲା। ବେଙ୍ଗଲ ବିଜେପି ସୋସିଆଲ ମିଡିଆ 'ଏକ୍ସ'ରେ ଏହାର ଭିଡିଓ ସେୟାର କରିଛି। ମମତା ବାନାର୍ଜୀ ନିଜର ଆସନକୁ ସୁରକ୍ଷିତ ରଖିବା ପାଇଁ ଦେଶର ସମ୍ପ୍ରଭୁତାକୁ ବିପଦରେ ପକାଉଛନ୍ତି ଓ ଭାରତୀୟଙ୍କର ପରିଚୟ ପ୍ରଣାଳୀକୁ ବିପଦରେ ପକାଇଛନ୍ତି ବୋଲି ବିଜେପି ଫଟୋ କ୍ୟାପସନରେ ଉଲ୍ଲେଖ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ବିରୋଧ କରି ନଭେମ୍ବର ୪ରେ କୋଲକାତାରେ ପଦଯାତ୍ରା ବାହାର କରିଥିଲେ।

### ଏସ୍‌ଆଇଆର୍‌କୁ ନେଇ ଅଷ୍ଟମ ଆତ୍ମହତ୍ୟା

ଅନ୍ୟପଟେ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟିଯିବା ଡରରେ ସଫିକୁଲ ଗାଜି ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ଗତ କିଛିମାସ ହେବ ଶ୍ୱଶୁର ଘରେ ରହୁଥିଲେ। ଏସ୍‌ଆଇଆର ପ୍ରକ୍ରିୟା ଲାଗୁ ହେବା କାରଣରୁ ସେ ଆଶଙ୍କାରେ ରହୁଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବୈଧ ପରିଚୟ ପତ୍ର ନଥିବା କାରଣରୁ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସେ ଆଶଙ୍କାରେ ଥିଲେ। ଏସ୍‌ଆଇଆର୍‌କୁ ନେଇ ପଶ୍ଚିମବଙ୍ଗରେ ଏହା ୮ମ ଆତ୍ମହତ୍ୟା ଘଟଣା ବୋଲି ଟିଏମ୍‌ସି କହିଛି। ଏସ୍‌ଆଇଆର୍‌କୁ ନେଇ ବିଜେପି ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଟିଏମ୍‌ସି ଅଭିଯୋଗ ଆଣିଛି। ସେପଟେ ଏସ୍‌ଆଇଆର୍‌କୁ ନେଇ ମାତୁଆ ସମ୍ପ୍ରଦାୟର ଲୋକ ଆମରଣ ଅନସନ ଜାରି ରଖିଛନ୍ତି। ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ନାଗରିକତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ କେରଳରେ ଏସ୍‌ଆଇଆର୍ ବିରୋଧରେ ବିଜେପିକୁ ବାଦ୍ ଦେଇ ସବୁ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏସ୍‌ଆଇଆର ପ୍ରକ୍ରିୟାକୁ ସରକାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବିରୋଧୀ ଦଳ ମଧ୍ୟ ଏ ବାବଦରେ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଇନା- ଧାୱନଙ୍କ ୧୧ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗୁରୁବାର ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ଦୁଇ ଖେଳାଳି ଅନ୍‌ଲାଇନ୍ ବେଟିଂ ଆପ୍ '୧xବେଟ୍'ର ପ୍ରମୋଶନ କରି ଉପାର୍ଜନ କରିଥିବା ଅର୍ଥକୁ ନିବେଶ ଓ ସମ୍ପତ୍ତି କ୍ରୟ କରିବାରେ ଖର୍ଚ୍ଚ କରିଥିଲେ ବୋଲି ଇଡି କହିଛି। କଳା ଧନକୁ ବୈଧ ବା ଧଳା କରିବା ଅର୍ଥାତ ମନି ଲଣ୍ଡରିଂ ନିରୋଧ ଆଇନ୍ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଇନା ୬, ୬୪ କୋଟି ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ ଓ ଧାୱନଙ୍କ ୪.୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ଏହି ସମ୍ପତ୍ତିକୁ ଅପରାଧରୁ ଉପାର୍ଜିତ ଧନ ବୋଲି ବିବେଚନା କରାଯିବ ବୋଲି ଇଡି କହିଛି।

### ବେଟିଂ ଆପ୍‌ରେ ବିଜ୍ଞାପନ

# ଦିଲ୍ଲୀରେ ୨୨ ଲକ୍ଷ ପିଲାଙ୍କୁ ଫୁସ୍‌ଫୁସ୍ ରୋଗ



ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ସାରା ଦେଶରେ ଏବେ ବାୟୁ ପ୍ରଦୂଷଣ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି। ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏହାକୁ ଲୁକ୍ ଖ୍ରୀଷ୍ଟାଫର କାଉଣ୍ଟିନୋ ଦାଏର କରିଛନ୍ତି। ପ୍ରଦୂଷଣ ଏତେ ବୃଦ୍ଧି ପାଇଛି ଯେ, ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ସ୍ତରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହା ଗାଁ ଓ ସହରରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। କେବଳ ଦିଲ୍ଲୀରେ ହିଁ ୨୨ ଲକ୍ଷ ଛୋଟ ସ୍କୁଲ ପିଲାଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି ଓ ଏମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ଏବେ କଷ୍ଟକର ବୋଲି ଏହି ଆବେଦନରେ ଉଲ୍ଲେଖ କରାଯାଇଛି। ସରକାରୀ ଓ ମେଡିକାଲ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଧୂଆଁ ଛାଇ ରହିଥିଲା ଓ ଏକ୍ୟୁଆଇ ୨୭୮ ଥିଲା। ଏହା ଖରାପ ବର୍ଗରେ ସାମିଲ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଖରାପ୍ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ନଭେମ୍ବର ୬ରୁ ୮ ମଧ୍ୟରେ ପ୍ରଦୂଷଣ ଆହୁରି ଖରାପ୍‌ସ୍ତରରେ ପହଞ୍ଚିବ। ସୁପ୍ରିମକୋର୍ଟ ଦୁଇଦିନ ତଳେ ଦିଲ୍ଲୀ-ଏନ୍‌ସିଆରରେ ବର୍ଦ୍ଧିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ କୋର୍ଟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ପ୍ରଶ୍ନ ପଚାରିଥିଲେ।



ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଦେବାକୁ ଲାଇନ୍‌ରେ ମତଦାତା

# ମୃତ ମହିଳାଙ୍କ ଭୋଟର କାର୍ଡରେ ମଡେଲଙ୍କ ଫଟୋ

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ନେଇ ସାମ୍ନାକୁ ଆସିଛନ୍ତି ରହସ୍ୟମୟୀ ବ୍ରାଜିଲ ମଡେଲ। ସେ ହେଉଛନ୍ତି ଲାରିସା। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଏ ନେଇ ନିଜର ମତ ରଖିଛନ୍ତି। ଏହି ଭିଡିଓରେ ସେ ପର୍ତ୍ତୁଗାଲ ଭାଷାରେ ବାର୍ତ୍ତା ଦେଇଛନ୍ତି। ଭାରତରେ ଭୋଟ ଦେବା ପାଇଁ ମୋର ପୁରୁଣା ଫଟୋର ବ୍ୟବହାର କରାଯାଉଛି। ମୋତେ ଭାରତୀୟ ବୋଲି କହି ନିଜ ଭିତରେ ଲଢ଼େଇ କରୁଛନ୍ତି। ମୁଁ କେବେବି ଭାରତ ଗସ୍ତ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।





୨୦୨୨ରେ ମୃତ୍ୟୁବରଣ କରିଥିବା ହରିୟାଣାର ଜଣେ ମହିଳାଙ୍କ ଭୋଟର ରେକର୍ଡରେ ଲାରିସାଙ୍କ ଫଟୋ ରହିଛି ବୋଲି ଜଣାପଡ଼ିଛି। ଏହି ମହିଳା ହେଉଛନ୍ତି ବିନୋଦଙ୍କ ପତ୍ନୀ ଗୁନିଆ। ମୃତ୍ୟୁର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଗୁନିଆଙ୍କ ନାମ ଭୋଟର ତାଲିକାରେ ରହିଥିବାରୁ ତାଙ୍କ ପରିବାର ଲୋକ ଚକିତ ହୋଇଛନ୍ତି। ପୁଣି ତାଲିକାରେ ଗୁନିଆଙ୍କ ବଦଳରେ ଏହି ବିଦେଶୀ ମଡେଲଙ୍କ ଫଟୋ ରହିଛି ବୋଲି ଗୁନିଆଙ୍କ ଶାଶୁ କହିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଭୋଟ୍ ଦେଇଥିଲେ କିନ୍ତୁ ଏ ଫଟୋ କିଭଳି ଆସିଲା ସେ ପ୍ରଶ୍ନ କରିଛନ୍ତି।

ରାହୁଲ ଗାନ୍ଧୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଭୋଟ ଚୋରି ହୋଇଥିଲା। ସେ ନିଳ ଡେନିମ ଜ୍ୟାକେଟ ପିନ୍ଧିଥିବା ଜଣେ ମହିଳାଙ୍କ ଫଟୋ ଦେଖାଇ ପ୍ରଶ୍ନ କରିଥିଲେ। ହରିୟାଣା ଭୋଟର ତାଲିକାରେ ଏହି ବ୍ରାଜିଲ ମଡେଲଙ୍କର କ'ଣ କାମ ବୋଲି ସେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଥିଲେ। ଏହି ମଡେଲ ହରିୟାଣାରେ ୧୦ଟି ବୁଥ୍‌ରେ କେତେବେଳେ ସୀମା, ସୁଇଟି, ସରସ୍ୱତୀ ନାମରେ ୨୨ଥର ଭୋଟ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ହରିୟାଣା ଭଳି ବିହାରରେ ମଧ୍ୟ ସରକାର ଭୋଟ ଚୋରି କରିବାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ରାହୁଲ କହିଥିଲେ। ରାହୁଲ ଲାରିସାଙ୍କ ୧୮ କିମ୍ବା ୨୦ ବର୍ଷର ଫଟୋ ଦେଖାଇଥିଲେ। ସେତେବେଳେ ମଡେଲିଂ ଆରମ୍ଭ କରୁଥିଲି ବୋଲି ଲାରିସା କହିଛନ୍ତି। ବିନା ଅନୁମତିରେ ମୋ ଫଟୋ ବ୍ୟବହାର କରାଯାଇଛି। ଏବେ ମଡେଲିଂ କରୁନାହିଁ। ସେମାନେ ଠକିବା ପାଇଁ ମୋ ଫଟୋର ବ୍ୟବହାର କରୁଛନ୍ତି। ଭାରତର ରାଜନୀତି ନେଇ ମୋର କୌଣସି ଯାଏ ଆସେ ନାହିଁ ବୋଲି ଲାରିସା ସ୍ପଷ୍ଟ କରିଛନ୍ତି।

## ଭାରତ-ପାକିସ୍ତାନ ଯୁଦ୍ଧରେ ୭ ନୁହେଁ; ୮ ଜେଟ୍ ଖସିଛି: ଟ୍ରମ୍ପ

ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତ- ପାକିସ୍ତାନ ଯୁଦ୍ଧ ତଥା ଅପରେସନ ସିନ୍ଦୂର ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହ ତୁଟିବାର ନାମ ନେଉନାହିଁ। ସେ ବାରମ୍ବାର ଏନେଇ ନିଜର ମତ ଦୋହରାଉଛନ୍ତି ଓ ମତ ବଦଳାଉଛନ୍ତି ମଧ୍ୟ। ୩ ଦିନର ଏହି ଛୋଟିଆ ଯୁଦ୍ଧରେ କେତେ ସଂଖ୍ୟାରେ ଲଢୁଆ ଜେଟ୍ ବିମାନ ଖସିଛି ସେ ନେଇ ଏକ ନୂଆ ତଥ୍ୟ ଦେଇଛନ୍ତି। ସେ ବିନା କୌଣସି ତଥ୍ୟ ଓ ପ୍ରମାଣ ପୂର୍ବରୁ ଏକାଧିକ ବାର ମନ୍ତବ୍ୟ ଦେଇଛନ୍ତି। ଏବେ ସେ ଏକ ବିଜ୍‌ନେସ ଫୋରମ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୂର୍ବ ମନ୍ତବ୍ୟକୁ ସଂଶୋଧନ କରିଛନ୍ତି। ମେ ୭ରୁ ୧୦ ତାରିଖ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ ୮ଟି ଜେଟ୍‌କୁ ମାରି ଖସାଯାଇଥିଲା ବୋଲି ସେ କହିଛନ୍ତି। ତାଙ୍କ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି। ଆର୍ଥିକ କଟକଣା ଲାଗୁ କରିବାର ଧମକ ଦେବା ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧରେ ୭ଟି ଜେଟ୍‌କୁ ମାରି ଖାସା ଯାଇଥିଲା ଓ ଅଷ୍ଟମ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅର୍ଥାତ ମୋଟ ଉପରେ ୮ଟି ବିମାନ ଧ୍ୱଂସ ହୋଇଥିଲା ବୋଲି ସେ କହିଛନ୍ତି। ସେ ଏହି ଯୁଦ୍ଧକୁ ରୋକିବାର ଶ୍ରେୟ ନେବାକୁ ଗତ ମାସ ମଧ୍ୟରେ ଅତିକମ୍‌ରେ ୬୦ରୁ ଅଧିକଥର ଦାବି କରି ସାରିଛନ୍ତି। ଅବଶ୍ୟ ଖସା ଯାଇଥିବା ବିମାନ କେଉଁ ଦେଶର ସେ କେବେ କହିନାହାନ୍ତି। ଏହି ଯୁଦ୍ଧରେ ୫ଟି ବିମାନକୁ ଧ୍ୱଂସ କରି ଖସାଯାଇଥିବା କଥା ସେ ପୂର୍ବରୁ କହିଥିଲେ। ଏବେ ଏହାର ସଂଖ୍ୟାକୁ ସେ ବୃଦ୍ଧି କରି ୮ରେ ପହଞ୍ଚାଇଛନ୍ତି। ଏହି ଯୁଦ୍ଧରେ ପାକିସ୍ତାନର ୮ରୁ ୧୦ଟି ବିମାନକୁ ମାରି ଖସାଯାଇଛି ବୋଲି ଭାରତ ପୂର୍ବରୁ ଦାବି କରିଥିଲା। ଏଥିରେ ଏଫ୍-୧୬ ଓ ଜେଏଫ୍-୧୭ ବିମାନ ସାମିଲ ଥିଲା।

# ମମ୍‌ଦାନୀଙ୍କ କେଜ୍ରିୱାଲ ମଡେଲ: କାମରେ ଆସିଲା ମାଗଣା ଯୋଜନା ପ୍ରତିଶ୍ରୁତି


ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ମେୟର ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାରେ ଆମେରିକାର ଅଶ୍ୱେତ ତଥା କୃଷ୍ଣକାୟ ସମ୍ପ୍ରଦାୟ ଓ ଏସୀୟ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନ୍ୟୁୟର୍କରେ ୫୫ ପ୍ରତିଶତ କୃଷ୍ଣକାୟ ଓ ୫୧ ପ୍ରତିଶତ ଏସୀୟ ପ୍ରବାସୀ ରୁହନ୍ତି। ପୁଣି ୩୪ ବର୍ଷୀୟ ମମ୍‌ଦାନୀ ଜଣେ ଯୁବ ନେତା ହୋଇଥିବାରୁ ଜେନ୍- ଜେଡ୍ ଉପରେ ତାଙ୍କ ଯାଦୁ ସବୁଠାରୁ ଅଧିକ କାମ କରିଥିଲା। ୧୫ରୁ ୨୯ ବର୍ଷ ବୟସର ଯୁବକ ଯୁବତୀମାନେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇଥିଲେ। ମମଦାନୀଙ୍କ ଏହି ବିଜୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଆର୍ଥିକ ନୀତି ବିରୋଧରେ ସବୁଠାରୁ ବଡ଼ ଜନମତ ବୋଲି ବିବେଚନା କରାଯାଉଛି। ମମ୍‌ଦାନୀ ଏବେ ପ୍ରବାସୀଙ୍କ ପାଇଁ ନୂଆ ଆଶାଭରସା ସୃଷ୍ଟି କରିଛନ୍ତି। ମମ୍‌ଦାନୀ ନିର୍ବାଚିତ ହେବା ପରେ ପ୍ରବାସୀମାନଙ୍କ ପାଇଁ ଆମେରିକାରୁ ବିଦା ହେବା ଆଶଙ୍କାକୁ କମ୍ କରିଛି। ଏଥିସହ ବିଭିନ୍ନ କାରଣ ପାଇଁ ମମ୍‌ଦାନୀଙ୍କୁ ଆମେରିକାର କେଜ୍ରିୱାଲ ବୋଲି କୁହାଯିବା ଆରମ୍ଭ ହୋଇଛି। ମମ୍‌ଦାନୀ କେଜ୍ରିୱାଲଙ୍କ ଭଳି ନିର୍ବାଚନ ମାଗଣା ପ୍ରତିଶ୍ରୁତି ଦେଇ ଅର୍ଥାତ କେଜ୍ରିୱାଲଙ୍କ ନୀତି ଆପଣାଇ ବିଜୟୀ ହେବାକୁ ସକ୍ଷମ ହୋଇଛନ୍ତି ବୋଲି କୁହାଯାଉଛି। ବିଜୟୀ ହେବା ପାଇଁ ସେ କେଜ୍ରିୱାଲଙ୍କ ଭଳି ବିଭିନ୍ନ ମାଗଣା ଯୋଜନାର ଘୋଷଣା କରିଥିଲେ ଓ ଏହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ନିର୍ବାଚନରେ ବିଜୟୀ ହେବା ପାଇଁ ଏହି ନୀତି ଆପଣାଇ ସଫଳତା ପାଇଥିଲେ।

କେଜ୍ରିୱାଲଙ୍କ ଭଳି ମମ୍‌ଦାନୀ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନ୍ୟୁୟର୍କରେ ସେ ଆଗାମୀ ୪ ବର୍ଷ ପାଇଁ ଘର ଭଡ଼ା ନ ବୃଦ୍ଧି କରିବା ନେଇ ଭୋଟରଙ୍କୁ କଥା ଦେଇଥିଲେ। ପୁଣି ସରକାରୀ ପାଣ୍ଠିରୁ ଗରିବ ଲୋକଙ୍କ ପାଇଁ ସେ ଦୁଇ ଲକ୍ଷ ବାସଗୃହ ନିର୍ମାଣ କରି ପ୍ରଦାନ କରିବେ ବୋଲି କହିଥିଲେ। ପୁଣି ଲୋକଙ୍କୁ ଶସ୍ତା ରାଶନ ଦେବା ପାଇଁ ଶସ୍ତା ରାଶନର ଦୋକାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ମିଳିଥିଲା ଓ ସେ ନ୍ୟୁୟର୍କର ଦକ୍ଷିଣ ଏସିଆର ପ୍ରଥମ ମୁସ୍‌ଲିମ୍ ମେୟର ନିର୍ବାଚିତ ହେବାର ପଥ ପରିଷ୍କାର ହୋଇଥିଲା। ଠିକ୍ ଏହିପରି କେଜ୍ରିୱାଲ ମଧ୍ୟ ଦିଲ୍ଲୀରେ ମାଗଣା ବିଜୁଳି, ପାଣି ଦେବାକୁ ଘୋଷଣା କରି ନିର୍ବାଚନ ଜିତିଥିଲେ। କିନ୍ତୁ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ଏବେ ମମ୍‌ଦାନୀ ପାଇଁ ଆଦୌ ସହଜ ହେବ ନାହିଁ। ନ୍ୟୁୟର୍କର ବଜେଟ ମଧ୍ୟ ଏତେ ପର୍ଯ୍ୟାପ୍ତ ନୁହେଁ ଯେ, ସେ ତାଙ୍କ ସବୁ ପ୍ରତିଶ୍ରୁତି ପାଳନ କରିବେ।



ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାର ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ନିର୍ଭର କରିବାକୁ ହେବ। ଟ୍ରମ୍ପ ତାଙ୍କୁ ସହାୟତା କରିବାର ସମ୍ଭାବନା କମ୍ ରହିଛି। ପୂର୍ବରୁ ଯଦି ମମ୍‌ଦାନୀ ବିଜୟୀ ହେବେ, ନ୍ୟୁୟର୍କ ସହରର ବଜେଟକୁ ରୋକି ଦେବେ ବୋଲି ପୂର୍ବରୁ ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇସାରିଛନ୍ତି। ପୁଣି ଆମେରିକାର ଚାଲିଥିବା ସଟ୍‌ଡାଉନ୍ ସ୍ଥିତିକୁ ଆହୁରି ଖରାପ୍ କରିଛି। ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ମମ୍‌ଦାନୀଙ୍କୁ ଧନୀଲୋକଙ୍କ ଉପରେ ଟିକସ୍ ବୃଦ୍ଧି କରିବାର ଏକ ବିକଳ୍ପ ରହିଛି। ଆୟଠାରୁ ବ୍ୟୟ ଅଧିକ ହେବା ନିଶ୍ଚିତ। ତେଣୁ ସୀମିତ ସମ୍ବଳକୁ ବାଦ୍ ଦେଲେ ଏବେ ଅର୍ଥ କେଉଁଠାରୁ ଆସିବ ସେ ନେଇ ମମ୍‌ଦାନୀ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେବେ। ସେ କେଜ୍ରିୱାଲ ମଡେଲ ଆପଣେଇ ବିଜୟୀ ହେବାକୁ ସକ୍ଷମ ହେଲେ। କିନ୍ତୁ କେଜ୍ରିୱାଲଙ୍କ ଭଳି ଏବେ ତାଙ୍କର ଅନ୍ତ ମଧ୍ୟ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କରି କହିଛନ୍ତି। ପ୍ରତିଶ୍ରୁତି ପୂରଣ ନ କରିପାରିଲେ ନ୍ୟୁୟର୍କରେ ଅବ୍ୟବସ୍ଥା ଦେଖା ଦେବ। ତେଣୁ ମୋଟମୋଟି ଉପରେ ଏବେ ମମ୍‌ଦାନୀଙ୍କ ଉପରେ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ।

# ୫ ଡିଗ୍ରୀ ଖସିବ ପାରଦ



ଭୁବନେଶ୍ୱର, ୬।୧୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ହେବାରେ ଲାଗିଛି। ତାପମାତ୍ରା ହ୍ରାସ ଯୋଗୁଁ ଅନେକ ସ୍ଥାନରେ ଥଣ୍ଡା ବଢ଼ିଛି। ମଙ୍ଗଳବାର ତୁଳନାରେ ଯଦିଓ ବୁଧବାର ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ହେଲେ ଶୁକ୍ରବାରଠାରୁ ପୁଣି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ତାପମାତ୍ରା ହ୍ରାସର ଧାରା ପ୍ରାୟ ୨ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଆଗକୁ ଶୀତର ପ୍ରଭାବ ଲାଗି ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଶୁକ୍ରବାରଠାରୁ ରାଜ୍ୟରେ ରାତିର ତାପମାତ୍ରା ହ୍ରାସ ପାଇବା ଯୋଗୁଁ ଥଣ୍ଡା ବୃଦ୍ଧି ପାଇବ। ରବିବାର ରାତି ସୁଦ୍ଧା ପ୍ରାୟ ୩-୫ ଡିଗ୍ରୀ ତାପମାତ୍ରା କମିବ। ରାଉରକେଲା, ତୁରୁମୁଙ୍ଗା, ବାଲିଗୁଡ଼ା, ଗଜାପୁର(ଗଜପତି)ରେ ତାପମାତ୍ରା ୧୨ ଡିଗ୍ରୀ ପହଞ୍ଚିପାରେ। ସମ୍ବଲପୁର, ଭାବନୀପାଟଣା, ଝାରସୁଗୁଡ଼ା, ମୋହନାରେ ତାପମାତ୍ରା ୧୪ ଡିଗ୍ରୀ ସହ ଭୁବନେଶ୍ୱରରେ ୧୮ ଡିଗ୍ରୀ ସେଲ୍‌ସିୟସ, ବାଲେଶ୍ୱରରେ ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସିପାରେ। ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଏହି ଥଣ୍ଡା ଜାରି ରହିବ। ଦିନର ତାପମାତ୍ରା ଦକ୍ଷିଣ ଆଭ୍ୟନ୍ତରୀଣରେ ୨୪ ଡିଗ୍ରୀ ଉତ୍ତର ଆଭ୍ୟନ୍ତରୀଣରେ ୨୪-୨୫ ଡିଗ୍ରୀ ଓ ଭୁବନେଶ୍ୱର ସମେତ ଉପକୂଳରେ ୨୭-୨୮ ଡିଗ୍ରୀକୁ ଖସିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି ଯେ, ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରଭାବ ରହିବ। ଏହି ସମୟରେ ଅନେକ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ବିଶେଷ କରି ୧୪-୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବା ହେତୁ ଶୀତର ପ୍ରଭାବ ଅଧିକ ରହିବ। ଏମିତି କି ଏହି ସମୟରେ କିଛି ଜିଲ୍ଲାରେ ଶୀତ ଲହରୀ ପଡ଼ିବାର ମଧ୍ୟ ସମ୍ଭାବନା ରହିଛି।

# ଚଣ୍ଡୀ ମନ୍ଦିର ନବକଳେବର ପ୍ରକଳ୍ପ ବାଟବଣା

କଟକ, ୬।୧୧ (ସମିସ): ଆଧ୍ୟାତ୍ମିକତା, ଭାବାବେଗ ଓ କିଂବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ। ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ। ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି। ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି।

୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା। ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇ ପାରିନାହିଁ। ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ





ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି,

**■ ଜଗମୋହନରେ ଶୋଉଛି କୁକୁର**
**■ ପାର୍ଶ୍ୱ ଦେବଦେବୀଙ୍କୁ ଆସ୍ଥାନ ମିଳିନି**
**■ ବର୍ଷା ହେଲେ ମନ୍ଦିରରେ ବନ୍ୟା**
**■ କଣ୍ଟ ପୂରିବାକୁ ଆଉ ମାସେ ବାକି**

କଣ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି।

ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି। ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ କି ଫାଟକ ଖଞ୍ଜା ଯାଇନି। ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ। ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ। ଯାହାକି ପୁରୁଣା ମନ୍ଦିରଠାରୁ ପ୍ରାୟ ଦେଢ଼ଗୁଣା ଅଧିକ। ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍। ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି। ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା। ଗତ ୯ ମାସ ହେଲାଣି ପାର୍ଶ୍ୱ ଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲା ନାହିଁ। ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ ଟି ଦୋକାନ ଗୃହ ନିର୍ମାଣ ହୋଇଛି। ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ।

ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲା ନାହିଁ। ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ। ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି। ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି।

### ୬ ମାସ ପରେ ବି ପ୍ରକାଶ ପାଉନାହିଁ ମେରିଟ୍ ଲିଷ୍ଟ

# ରାସ୍ତାରେ ଆଣ୍ଠେଇଲେ, କାନଧରି କାନ୍ଦିଲେ ଆଶାୟୀ ଏଲ୍‌ଟିଆର୍



ଭୁବନେଶ୍ୱର, ୬ ।୧୧(ସମିସ): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆଶାୟୀ ସଂସ୍କୃତ ଶିକ୍ଷକ ମାନେ ଦେଇଛନ୍ତି ଧାରଣା। ମେରିଟ ଲିଷ୍ଟ ବାହାରି ନଥିବାରୁ କାର୍ଯ୍ୟାଳୟ ଆଗରେ ସେମାନେ ଆଣ୍ଠୁମାଡ଼ି ବସିବା ସହ କାନ ଧରି ଭୋ ଭୋ ହୋଇ କାନ୍ଦିଛନ୍ତି। ଗତ ମେ ୧୭ ତାରିଖରୁ ୭୨୯ ଏଲଟିଆର ସଂସ୍କୃତ ଶିକ୍ଷକ ପଦବୀ ପାଇଁ ୫ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କିନ୍ତୁ ଏଯାର୍ଯ୍ୟନ୍ତ ଏହିମାନଙ୍କର ମେରିଟ ଲିଷ୍ଟ ବହାରିନାହିଁ। ଓଏସଏସସି ଦ୍ୱାରା ପରିଚାଳିତ ଟ୍ରେନିଂ ଗ୍ରାଜୁଏଟ ଟିଚର(ଟିଜିଟି) ଅଧୀନରେ ପିସିଏମ୍, ସିବିଜେଡ, ସଂସ୍କୃତ, ପିଇଟି, ଉର୍ଦ୍ଦୁର୍, ତେଲୁଗୁ ସମେତ ସମସ୍ତ ପଦବୀ ପାଇଁ ଡ଼କୁମେଣ୍ଟ ଯାଞ୍ଚ କାର୍ଯ୍ୟ ଗତ ଅକ୍ଟୋବର ୨୨ ତାରିଖରୁ ଶେଷ ହୋଇଛି। ଏଥିସହିତ ମଙ୍ଗଳବାର ଅନ୍ୟାନ୍ୟ ଟିଜିଟି ପଦବୀ ଗୁଡିକ ପାଇଁ ମେରିଟ ତାଲିକା ପ୍ରକାଶ ପାଇଛି। ଏକା ସଙ୍ଗେ ସଂସ୍କୃତ ଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକ ପଦବୀ ପାଇଁ ପରୀକ୍ଷାର୍ଥୀମାନେ ପରୀକ୍ଷା ହେଇଥିଲେ। ବିଜ୍ଞାନ ଶିକ୍ଷକଙ୍କ ରେଜଲ୍ଟ ବାହାରି ଡକ୍ୟୁମେଣ୍ଟ ଭେରିଫିକେସନ ସରିଲାଣି। ଏପରିକି ଆସନ୍ତା ୧୫ ତାରିଖରେ ନିଯୁକ୍ତି ଦେବାକୁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ ସଂସ୍କୃତ ଶିକ୍ଷକଙ୍କ ପଦବୀ ପାଇଁ ଡକ୍ୟୁମେଣ୍ଟ ଭେରିଫିକେସନ ସରିଥିଲେ ବି ଏପର୍ଯ୍ୟନ୍ତ ରେଜଲ୍ଟ ବାହାରି ପାରୁନି। ଯାହାକୁ ନେଇ ଆଶାୟୀମାନେ ଓଏସଏସସି କାର୍ଯ୍ୟାଳୟ ଘେରାଉ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ରେଜଲ୍ଟ ବାହାର କରି ନିଯୁକ୍ତି ଦିଅନ୍ତୁ , ନହେଲେ ପରୀକ୍ଷାର୍ଥୀମାନେ ସାମୂହିକ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି।

### ■ ଆଇନଜୀବୀ ପୀତବାସ ହତ୍ୟା ମାମଲା

# ସରିଲା ରିମାଣ୍ଡ, ଜେଲ ଗଲେ ଉମା, କୁରୁପତି ସମେତ ୪

ବ୍ରହ୍ମପୁର,୬ ।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ସୁଟର୍ କୁରୁପତି ଭୂୟାଁ, ଉମା ବିଷୋୟୀ, ଚିଣ୍ଟୁ ପ୍ରଧାନ ଓ ଯୋଗୀ ରାଉତଙ୍କ ୨ଦିନିଆ ରିମାଣ୍ଡ ଶେଷ ହୋଇଛି। ବୈଦ୍ୟନାଥପୁର ପୁଲିସ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହଜାର କରାଇ ବ୍ରହ୍ମପୁର ଜେଲକୁ ପଠାଇ ଦେଇଛି। ଗୁରବାର ସକାଳେ ସମସ୍ତଙ୍କୁ ଆମ୍ବପୁଆ ଓ ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନାରେ ଏକାକୀ ଓ ମୁହାଁମୁହିଁ ଜେରା କରାଯାଇଥିଲା।

ଅତିରିକ୍ତ ଏସପି ଆଲୋକ ଜେନା ଓ ଟାଉନ ଏସଡିପିଓ ତଥା ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ପ୍ରଥମେ ଚିଣ୍ଟୁ ଓ କୁରୁପତିଙ୍କୁ ଏବଂ ପରେ କୁରୁପତି ଓ ଉମାକୁ ଜେରା କରିଥିଲେ। ପରେ ଯୋଗୀ, ଉମା ଓ କୁରୁପତିକୁ ମଧ୍ୟ ଜେରା କରାଯାଇଥିଲା। ଶେଷରେ ଚିଣ୍ଟୁ, କୁରୁପତି, ଉମା ଓ ଯୋଗୀଙ୍କୁ ମାରାଥନ ମୁହାଁମୁହିଁ ଜେରା କରିଥିଲା ପୁଲିସ। ଜେରା ବେଳେ ପୁଲିସ ସେମାନଙ୍କଠାରୁ କିଛି ଅଧିକ ତଥ୍ୟ ଓଗାଳିଥିବା ସୂଚନା ମିଳିଛି। ସଂଗୃହୀତ ତଥ୍ୟ ଆଧାରରେ ପୁଲିସ ତଦନ୍ତକୁ ଆଗକୁ ବଢ଼ାଇଥିବା ବେଳେ ଅଧିକ ଲୋକଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଅଭିଯୁକ୍ତ କୁରୁପତି ଓ ଚିଣ୍ଟୁ ବୁଧବାର ଯେଭଳି ଭାବେ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ଡେମୋ ଦେଖାଇଥିଲେ, ତାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ସହ ଭିନ୍ନଭିନ୍ନ ପ୍ରତିକ୍ରିୟା ମିଳିଛି। ଏପରିକି, ଅଭିଯୁକ୍ତଙ୍କ ନାଟକୀୟ ଢଙ୍ଗରେ ସିନ ରିକ୍ରିଏସନ ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରୁନଥିବା ନେଇ ଆଲୋଚନା ହେଉଛି।

### ଉପଭୋକ୍ତା ଶୋଷିତ, ଶିଳ୍ପପତିଙ୍କୁ ଅନୁକମ୍ପା

# ଝିଣ୍ଟିକା ମାରି ବଣି ପୋଷୁଛି ଏସଏଲଡିସି

ଭୁବନେଶ୍ୱର,୬।୧୧(ସମିସ): ରାଜ୍ୟରେ ଝିଣ୍ଟିକା ମାରି ବଣି ପୋଷୁଛି ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି) । ରାଜ୍ୟର କୋଟିଏ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏହି ସଂସ୍ଥା ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛି ଓ ଏଥିଯୋଗୁଁ ଗୋଟିଏ ବର୍ଷରେ ୧୭୨୮ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି । କ୍ୟାପ୍‌ଟିଭ୍ ପ୍ଲାଣ୍ଟ ସ୍ଥାପନ କରିଥିବା ଏହି ଶିଳ୍ପଗୁଡ଼ିକରୁ ବର୍ଷକରେ ୭୨୦୦ କୋଟି ୟୁନିଟ ବିଦ୍ୟୁତ ବିନା ଦେୟରେ ପ୍ରେରଣ କରିଛନ୍ତି ଓ ପରୋକ୍ଷରେ ଏହି ବିଦ୍ୟୁତ୍ ପରିବହନର ଦେୟ ଅନ୍ୟାୟ ଭାବରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିଛି । ଏପରି ଏକ

**■ ବର୍ଷକୁ ରାଜସ୍ୱ କ୍ଷତି୧୭୨୮ କୋଟି ଟଙ୍କା**
**■ ୧୫ ହଜାର ମେଗାୱାଟରୁ ଆଦାୟ ହେଉନି ଟାରିଫ**

ସାଂଘାତିକ ଅଭିଯୋଗ ଆସିବା ପରେ ରାଜ୍ୟ ଶକ୍ତି ବିଭାଗ ଓ ଏସ୍‌ଇଏଲ୍‌ଡ଼ିସିର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସୁଲଭ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ଉପଭୋକ୍ତା ଶୋଷଣ ନୀତି ବିରୋଧରେ କ୍ରମଶଃ ସାଧାରଣରେ ରୋଷ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିଶେଷଜ୍ଞଗଣ।

ସୂଚନାନୁସାରେ ବିଦ୍ୟୁତ ଆଇନ ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରାଯିବା କଥା। ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତ ଗ୍ରୀଡ୍ ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ । ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତଶକ୍ତିର ଟିକିନିଖି ହିସାବ ରଖିବା। ମାତ୍ର ଏଇଠାରେ ସବୁ ଗଡ଼ବଡ଼ ଆରମ୍ଭ ହୋଇଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି। ଏଥିରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂସ୍ଥା ସହିତ ଶିଳ୍ପପତି ମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ରହିଛି। ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡ଼ିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଆଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି। ଫଳରେ ଓଡ଼ିଶାର ଏକକୋଟି ଉପଭୋକ୍ତା ରାଜ୍ୟ ଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି। ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟିଟଙ୍କା ରାଜସ୍ୱ ହରାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

# ଚିଟ୍‌ଫଣ୍ଡ କମ୍ପାନୀ ମାଲିକଙ୍କ ଘରେ ଇଡି ଚଢ଼ଉ

ବ୍ରହ୍ମପୁର,୬।୧୧(ସମିସ): ଗ୍ରୀନ୍‌ଇଣ୍ଡିଆ ଚିଟଫଣ୍ଡ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ଘର ଓ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ଉ କରାଯାଇଛି। ଗୁରବାର ଇଡିର ୬ ଜଣିଆ ଏକ ଟିମ୍ ବ୍ରହ୍ମପୁର ଆଯୋଧ୍ୟାନଗର ୨ୟ ଲାଇନ୍‌ସ୍ଥିତ ପ୍ରଦୀପଙ୍କ ବାସଭବନରେ ଚଢ଼ଉ କରି ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ସେହିପରି ଜୟପ୍ରକାଶ ନଗର ଛକ ନିକଟରେ ଥିବା ତାଙ୍କର ଏକ ବିଲଡର୍ ସଂସ୍ଥାରେ ମଧ୍ୟ ଚଢ଼ଉ କରାଯାଇଛି। ଜମି କାରବାରରେ କୋଟିକୋଟି ଟଙ୍କାର ହେରଫେର୍ ଅଭିଯୋଗରେ ଇଡି ପକ୍ଷରୁ ଏହି ଚଢ଼ଉ ହୋଇଥିବା କୁହାଯାଉଛି। ପ୍ରକାଶଥାଉକି, ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥାର ଆର୍ଥିକ ଠକେଇ ସାମ୍ନାକୁ ଆସିବା ପରେ ପ୍ରଦୀପ ସିଂ ଗିରଫ ହୋଇ ଜେଲ ଯାଇଥିଲେ। ବର୍ତ୍ତମାନ ସେ ଜାମିନରେ ଅଛନ୍ତି। ନିକଟରେ ତାଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏକାଧିକ ଆର୍ଥିକ ଠକେଇ ମାମଲା ରୁଜୁ ହୋଇଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର, ୬।୧୧ (ସମିସ): ଲାଞ୍ଚ ନେଇ ଭିଜିଲାନସ୍ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ। ଏକ ଏନ୍‌ଜିଓ ନିକଟରୁ ଫୋନ୍-ପେ' ଜରିଆରେ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନସ୍ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ଠିକଣାରେ ଚଢ଼ଉ କରୁଛି ଭିଜିଲାନସ୍। ପ୍ରାଥମିକ ସୂଚନାନୁସାରେ, ଶ୍ରୀ ସାମନ୍ତରାୟଙ୍କ ଭୁବନେଶ୍ୱରରେ ୧୦ଟି ପ୍ଲଟ୍, ୩ ହଜାର ବର୍ଗଫୁଟ୍‌ର ୩ ମହଲା ବିଶିଷ୍ଟ ଏକ ଘର, ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଅନ୍ୟ ଏକ ଘର, ୩ ଏକରର ଏକ ଫାର୍ମହାଉସ୍ ଠାବ ହୋଇଛି। ଠାବ ସଂପତ୍ତିର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିଶେଷଜ୍ଞ ଟିମ୍ ଏହାର ଆକଳନ କରୁଛନ୍ତି। ଏଥିସହ ସେ ବିଭିନ୍ନ କାମ କରାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଲୋକଙ୍କଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି।



# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଅନୁଗୋଳ,୬ ।୧୧(ସମିସ):

ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଓ "ମଡେଲ ପାର୍ଲାମେଣ୍ଟ ପ୍ରତିଯୋଗିତା-୨୦୨୫' ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୩୨ଟି ବିଭାଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗର ମୋଟ ୫୮୮ ଛାତ୍ରଛାତ୍ରୀ, ୪୩ ଗାଇଡ ଶିକ୍ଷକ, ୫୪ ସିଆର୍‌ସିସି, ସମସ୍ତ ବିଇଓ ସମେତ ୬୮୫ଜଣ ପ୍ରତିଭାଗୀ ଯୋଗଦେଇଥିଲେ । ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କାରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପତାରା ଓ ବ୍ୟାଜ୍ ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା । ପାଠ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ରୁଚି ରଖିଲେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ହୋଇପାରିବ ବୋଲି ମୁଖ୍ୟବକ୍ତା ପ୍ରୀତିମୟ କହିଥିଲେ । ସୁରଭି କାର୍ଯ୍ୟକ୍ରମ ଶିଶୁମାନଙ୍କୁ ମୂଲ୍ୟବୋଧଭିତ୍ତିକ ଜୀବନଶୈଳୀ ଅପଣାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର କହିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଟି ଶିଶୁ ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ଦ୍ୱାରା ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ କହିଥିଲେ । ଜଙ୍କ୍ ଆହାର ବଦଳରେ ଘରୋଇ ସନ୍ତୁଳିତ ଆହାର ଶିଶୁର ଶରୀର ଓ ମନର ବିକାଶରେ ସହାୟକ ହୋଇଥାଏ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାଣି ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ସେହିପରି ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ୮୮ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେଥିମଧ୍ୟରୁ ୨ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗନେବେ ବୋଲି କୁହାଯାଇଛି । ଶେଷରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀ ମେଟାଲିକ୍‌ରେ ଦୁର୍ଘଟଣା; ଶ୍ରମିକ ମୃତ

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଶ୍ରୀ ମେଟାଲିକ୍ ଆଇରନ କମ୍ପାନୀ ଭିତରେ ମଙ୍ଗଳବାର ସକାଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଦେବଗଡ଼ ଜିଲ୍ଲା ହଦମୁଣ୍ଡା ଅଞ୍ଚଳର ବଳରାମ ନାୟକ । ମଙ୍ଗଳବାର ସକାଳ ପ୍ରାୟ ୬ଟାରେ କମ୍ପାନୀର ରୋଲିଂ ମିଲ୍ ସାଇଡ଼ରେ ଥିବା ଲୁହା ରଡ୍ ବଳରାମଙ୍କ ଦେହରେ ଗଳିଯାଇଥିଲା । ଫଳରେ ବଳରାମ ଗୁରୁତର ହୋଇଥିଲେ । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ବାଟରେ ହିନ୍ଦୋଳ ନିକଟରେ ତାଙ୍କ ମୃତ୍ୟୁ ହୋଇଛି । ଏ ସମ୍ପର୍କରେ ବଳରାମଙ୍କ ବାପା କୃପାସିନ୍ଧୁ ନାୟକ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତି ସୂଚନା ଦେଇଛନ୍ତି ।

## କୃଷକ ସାଥୀଙ୍କ ବୈଠକ



କିଶୋରନଗର,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆତ୍ମା ସଭାଗୃହରେ ୨୩ ପଞ୍ଚାୟତର କୃଷକ ସାଥୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଦୀର୍ଘ ୧୯ ବର୍ଷ ଧରି କାମ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ସରକାରଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରିବାକୁ ସମସ୍ତେ ମତ ପ୍ରକାଶ କରିଥିଲେ । ବ୍ଲକ ସଭାପତି ପବିତ୍ର ମୋହନ ଦେହୁରୀ ଓ ସମ୍ପାଦକ ବିଜୟ କୁମାର ସାହୁ ବୈଠକ ପରିଚାଳନା କରିଥିଲେ ।

## ମେଡିକାଲ କଲେଜରେ ବାରମ୍ବାର ବିଦ୍ୟୁତ୍ କାଟ୍

### ■ ରୋଗୀ ସମେତ ଡାକ୍ତର ହନ୍ତସନ୍ତ

ତାଳଚେର,୬ ।୧୧(ସମିସ): ତାଳଚେର ଘଣ୍ଟପଡ଼ାସ୍ଥିତ ପବିତ୍ରମୋହନ ମେଡିକାଲ କଲେଜରେ ବାରମ୍ବାର ବିଦ୍ୟୁତ୍‌କାଟ୍ ହେଉଥିବାରୁ ରୋଗୀ ସମେତ ଡାକ୍ତରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଉକ୍ତ ଚିକିତ୍ସାଳୟରେ ଜେନେରେଟର ଉପଲବ୍ଧ ଥିଲେ ମଧ୍ୟ କୌଣସି ତ୍ରୁଟି ଯୋଗୁ ଚାଲୁ ନ ଥିବାରୁ ରୋଗୀ ଚିକିତ୍ସା ବେଳେ ହଠାତ୍ ବିଦ୍ୟୁତ୍ କାଟ ହେଲେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏହି ଡାକ୍ତରଖାନାକୁ ଦୈନିକ ପ୍ରାୟ ୮ ଶହରୁ ୯ ଶହ ରୋଗୀ ବହୁ ଦୂରଦୂରାନ୍ତରୁ ଆସିଥାନ୍ତି । ବିଦ୍ୟୁତ୍ କାଟ ହେଲେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଏଠାରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଏହି ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ଏହି ମେଡିକାଲ କଲେଜ ପରିଚାଳନା ବାବଦ ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୫ବର୍ଷ ପାଇଁ ୫ ଶହ କୋଟି ଟଙ୍କା ନେଇଥିଲେ ମଧ୍ୟ ଏହି ଅବ୍ୟବସ୍ଥା ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉଠିଛି । ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## 'ରାତିରେ ଜନ୍ତୁ ଶିକାର ଯୋଗୁଁ କଟୁଛି ବିଦ୍ୟୁତ୍'

କିଶୋରନଗର,୬ ।୧୧(ସମିସ): କିଶୋରନଗର ଅଞ୍ଚଳରେ ଏବେ ରାତିରେ କଟୁଛି ବିଦ୍ୟୁତ୍ । ଜନ୍ତୁ ଶିକାର ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଥିବା କହିଛନ୍ତି ବିଭାଗୀୟ କନିଷ୍ଠ ଯନ୍ତ୍ରୀ । ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁଙ୍କୁ ପଚାରିବାରୁ କହିଲେ, ରାତିରେ ଜଙ୍ଗଲ ଅଞ୍ଚଳରେ ଜନ୍ତୁ ଶିକାର ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ସ୍ଥିତି ଲାଗି ରହୁଥିବା କହିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



## ଝଲସିଲା ବହୁ ପୁରାତନ ତୋରଣ

ତାଳଚେର,୬ ।୧୧(ସମିସ): ତାଳଚେରର ଐତିହ୍ୟ ବହୁ ପୁରାତନ ଫାଷ୍ଟଗେଟ୍ ଓ ଘୋଡ଼ାଶାଳ ତୋରଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ତାଳଚେର ନଗପରପାଳ ପବିତ୍ର ଭୂତିଆଙ୍କ ଉଦ୍ୟମରେ ଏହି ଦୁଇ ଗେଟ୍‌ର ପୁନରୁଦ୍ଧାର କରାଯାଇଛି । ଏହି ଗେଟ ଦ୍ୱୟ ରାଜାରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିଲା । ଯାହାକି ତାଳଚେର ଅଞ୍ଚଳର ଶୋଭା ବର୍ଦ୍ଧନ କରୁଥିଲା । ଏବେ ଏହାର ପୁନରୁଦ୍ଧାର ପରେ ଆଲୋକୀକରଣ କରାଯାଇଥିବାରୁ ଦାହା ଝଲସୁଛି । ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଏ ନେଇ ଅଞ୍ଚଳବାସୀ ନଗରପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ତାଳଚେରର ପୁରୁଣା ଐତିହ୍ୟ ପୋଖରୀଗୁଡ଼ିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ କରିବାକୁ ଅନୁରୋଧ କରିଛନ୍ତି । ବର୍ତ୍ତମାନ ତାଳଚେରର ଚିତ୍ରକୂଟ ପୋଖରୀ, ରାମଚନ୍ଦ୍ରବଜାର ପଛପାଶ୍ୱର୍ ପୋଖରୀ, ମଦନମୋହନ ପୋଖରୀ, ଜୁବୁଲି ଟାଙ୍କି ପୋଖରୀ, ବାପୁଜୀନଗର ପୋଖରୀ, ରାଣୀପାର୍କ ବସଷ୍ଟାଣ୍ଡ ପୋଖରୀ ଆଦି ଏବେ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଗୁଡ଼ିକର ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି ।

## ଘର ଉଚ୍ଛେଦ ନ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ପୌରପାଳିକା ଅଧୀନରେ ଥିବା ବ୍ରାହ୍ମଣୀଦେଇପଡ଼ାରେ ଦୀର୍ଘ ୫୦ ବର୍ଷ ହେଲା ବାସ କରି ଆସୁଥିବା ୫ ପରିବାରକୁ ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ନୋଟିସ ଜାରି ହୋଇଛି । ତେବେ ଘର ଉଚ୍ଛେଦ ନ କରିବା ପାଇଁ ଉକ୍ତ ପରିବାରଗୁଡ଼ିକ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି । ସୂଚନା ଅନୁସାରେ, ବ୍ରାହ୍ମଣୀଦେଇପଡ଼ାରେ ପ୍ରାୟ ୫୦ ବର୍ଷ ହେବ ୨୦ରୁ ଅଧିକ ପରିବାର ରହି ଆସୁଛନ୍ତି । କିଛିଦିନ ତଳେ ଘର ପାଇଁ ଜାଗା ଦିଆଯିବ କହି ପୌରପାଳିକାର କିଛି କର୍ମଚାରୀ ଏହି ପରିବାରଗୁଡ଼ିକର ମହିଳାମାନଙ୍କଠାରୁ ଦସ୍ତଖତ ନେଇଥିଲେ ବୋଲି ସେମାନେ କହିଛନ୍ତି । ତେବେ ପରବର୍ତ୍ତୀ ସମୟରେ ୫ ପରିବାରର ଘର ଉଚ୍ଛେଦ ପାଇଁ ନୋଟିସ ପଠାଇଥିଲା ପୌରପାଳିକା । ଘର ପାଇଁ ଜାଗା ଦେବାକୁ ମିଛରେ କହି ଦସ୍ତଖତ ନେଇଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଅଭିଯୋଗକାରୀମାନେ ପୂର୍ବରୁ ଏ ନେଇ ଆରଡିସିଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କହିଲେ, ଏହି ୫ ପରିବାର ପୋଖରୀ ହୁଡ଼ାରେ ରହୁଛନ୍ତି । ପୋଖରୀ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସେମାନଙ୍କୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ମାଣବସା ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ



ବଇଣ୍ଡା,୬ ।୧୧(ସମିସ): କିଶୋରନଗର ବ୍ଲକ ଠେଲକନାଳି ଗ୍ରାମରେ ହେବାକୁ ଥିବା ମାଣବସା ଲକ୍ଷ୍ମୀପୂଜା ପାଇଁ ଗୁରୁବାର ମାଟି ଅନୁକୂଳ କରାଯାଇଛି । ଗ୍ରାମବାସୀମାନେ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ପଡ଼ିଆରୁ ପୂଜାର୍ଚ୍ଚନା କରି ମାଟି ସଂଗ୍ରହ କରିଥିଲେ । ପୂଜକ କ୍ଷୀରୋଦ ତ୍ରିପାଠୀ ରୀତିନୀତି ଅନୁସାରେ ପୂଜା କରିବା ପରେ ମାଟି ସଂଗ୍ରହ କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ପବିତ୍ର ମୋହନ ସାହୁ ଯୋଗଦେଇଥିଲେ । ଶତାଧିକ ମହିଳା ସାମିଲ ହୋଇଥିଲେ । ଗ୍ରାମର ସମୀର କୁମାର ପ୍ରଧାନ, ଦିଲୀପ ସାହୁ, ଲକ୍ଷ୍ମଣ ପ୍ରଧାନ, ସୁରେଶ ସାହୁ, ଟିକିନା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ନାବାଳିକାଙ୍କୁ ଅପହରଣ, ଦୁଷ୍କର୍ମ; ଯୁବକ ଗିରଫ

ବଇଣ୍ଡା,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ନୁନୁକାପସି ଅଞ୍ଚଳର ଆକାଶ ବେହେରା । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଆକାଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ନାବାଳିକା ନିଜ ଘରେ ଥିବା ବେଳେ ଆକାଶ ତାଙ୍କୁ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲେ । ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ନାବାଳିକଙ୍କୁ ଉଦ୍ଧାର କରିବା ସହ ଆକାଶଙ୍କୁ ଗିରଫ କରିଛି ।

### ■ ଟାଟା ପାୱାରର ମନମୁଖି କାର୍ଯ୍ୟ

## ଓକିଲ ସଂଘ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ



ଢେଙ୍କାନାଳ,୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାରର ମନମୁଖି କାର୍ଯ୍ୟକୁ ନେଇ ଗୁରୁବାର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଟିପିସିଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି । ସ୍ମାର୍ଟ ମିଟର ନ ବସାଇବାକୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏ ନେଇ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ସର୍ବଦଳୀୟ ବୈଠକ ନିମନ୍ତେ ବିଭାଗ ପକ୍ଷରୁ ସ୍ଥିର କରାଯାଇଥିଲା । ବୈଠକରେ ଟିପିଡିଓସିଏଲର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଓକିଲ ସଂଘ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ମଚାରୀମାନେ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ । ବିଦ୍ୟୁତ ବିଭାଗ ପକ୍ଷରୁ ଜିଲ୍ଲାରେ ସ୍ମାର୍ଟ ମିଟର ବସାଇବା ପାଇଁ ବିଭିନ୍ନ ଆଳ ଦେଖାଇ ଘରେ ଘରେ ପଶି ଉପଭୋକ୍ତାମାନଙ୍କୁ ଶୋଷଣ କରି ଚାଲିଛି । ଏହାର ପ୍ରତିବାଦରେ ସର୍ବଦଳୀୟ ବୈଠକ କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ତଥା ଆନ୍ଦୋଳନ ନିମନ୍ତେ ସଂଘ ସଜବାଜ ହେଉଥିବା ଜଣାପଡ଼ିଛି । ବୈଠକରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ମିଳିତ ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



## ସହରର ଉନ୍ନତୀକରଣ ପାଇଁ ଆଲୋଚନା

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଜିଲ୍ଲାର ବିକାଶ ପାଇଁ ସର୍ବଦା ତତ୍ପର ଥିବା ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଗୁରୁବାର ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ଅମଳାପଡ଼ା, ଶିମିଳିପଡ଼ା, ମଦନମୋହନପଡ଼ା, ଚୌକନି ବନ୍ଧର ଉନ୍ନତୀକରଣ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।



ଅମଳାପଡ଼ା ମାଂସ ଦୋକାନୀମାନଙ୍କୁ ସୁସଂଗଠିତ ଭାବେ ବସାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । କିଆବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଭଣ୍ଡୁବରଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ବାଇପାସ ରାସ୍ତା ନିର୍ମାଣ କରାଯିବ । ଅନୁଗୋଳ ହାଇସ୍କୁଲ ସାମନାର କିଭଳି ସୌନ୍ଦର୍ଯ୍ୟକରଣ କରାଯିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ପୁରୁଣା ସୂଚନା ଭବନ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ସହର ଭିତରେ କେନାଲ ହୁଡ଼ା କେଉଁ ଅଞ୍ଚଳରେ କେତେ ଜବରଦଖଲ ହୋଇଛି ତାହା ମଧ୍ୟ ଜିଲ୍ଲାପାଳ ବୁଲି ଦେଖିଥିଲେ ।

## ଅସୁସ୍ଥ ମାଇହାତୀର ଚିକିତ୍ସା ଜାରି



ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଫରେଷ୍ଟ ଡିଭିଜନ ତାଳଚେର ରେଞ୍ଜ ଗଣ୍ଡିଗାଡ଼ିଆ ବିଟ ଅନ୍ତର୍ଗତ ବଡ଼ଖଳି ଗାଁ ନିକଟରେ ଏକ ଅସୁସ୍ଥ ହାତୀ ଠାବ ହେବା ପରେ ବୁଧବାର ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଅନୁଗୋଳ ଓ ଢେଙ୍କାନାଳ ଫରେଷ୍ଟ ଡିଭିଜନର ରାପିଡ୍ ରେସ୍ପନ୍ସ କର୍ମଚାରୀ ଏବଂ ମୋବାଇଲ ଭେଟେନାରି ୟୁନିଟ ସହାୟତାରେ ଏହି ମାଇହାତୀର ଚିକିତ୍ସା ଜାରି ରହିଛି । ହାତୀର ସ୍ୱାସ୍ଥ୍ୟାବସ୍ଥା ମନିଟରିଂ କରାଯିବା ସହ ସମସ୍ତ ଔଷଧ ଦିଆଯାଉଛି ।

## ସାମାଜିକ କର୍ମୀଙ୍କ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ପରିଦର୍ଶନ

କଣିହାଁ,୬ ।୧୧(ସମିସ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆୟୋଜନ କରାଯାଇଛି । ବୁଧବାର କଣିହାଁ ଓ ତାଳଚେର ବିକାଶ ମଞ୍ଚର ଯୁବ ସାମାଜିକ କର୍ମୀମାନେ ମଣ୍ଡପଗୁଡ଼ିକ ପରିଦର୍ଶନ କରି ପ୍ରଭୁଙ୍କ ଆର୍ଶୀବାଦ ଗ୍ରହଣ କରିଥିଲେ । ସାମଜିକ କର୍ମୀ ହରମୋହନ ସାହୁଙ୍କ ନେତୃତ୍ୱରେ



ଡ. ଦେବେନ୍ଦ୍ର ସିଂ, ସବିତାରାଣୀ ସାହୁ, ରଶ୍ମିତା ସହୁ, ଲାଲୁ ପାଣି, କଳାକର ବେହେରା, ରାଜକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ପ୍ରମୁଖ କମରେଇ ପଞ୍ଚାୟତ ଦେହୁରୀଭୂଇଁ, ବଡ଼ତ୍ରିବିଡ଼ା, ହରିଚନ୍ଦନପୁର, ଭୂଇଁପୁର ଆଦି ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀଙ୍କ ସହ ବାର୍ତ୍ତାଳାପ କରି ଅଞ୍ଚଳର ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା ଓ ଶିକ୍ଷକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ସମାଧାନ ପାଇଁ ଯୁବସମାଜକୁ ଆହ୍ୱାନ କରିଥିଲେ ।

## ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ତାଳଚେର ସହର,୬ ।୧୧(ସମିସ):



ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ପକ୍ଷରୁ ଏମସିଏଲ ସହଭାଗିତାରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ପଞ୍ଚାୟତ ସମିତି ସଭାଗୃହରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିଡିଓ ସୁଶାନ୍ତ କୁମାର ବରାଳ, ଡା. ଅରବିନ୍ଦ ନନ୍ଦୀ, ଅଶୋକ କୁମାର ବେହେରା, ଡା. ବିନୟ କୁମାର ପାଢ଼ୀ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏପରି ସ୍ୱାସ୍ଥ୍ୟ ଶିବିର ତାଳଚେରରେ ପ୍ରଥମଥର ଆୟୋଜିତ ହୋଇଛି । ବିଶେଷକରି ଏକ ସାମ୍ବାଦିକ ସଂଘ ଏପରି ଶିବିର ଆୟୋଜନ କରିବା କେବଳ ତାଳଚେର ନୁହଁ ସମଗ୍ର ଓଡ଼ିଶାରେ ଉଦାହରଣ ସୃଷ୍ଟି କରିଛି ବୋଲି ଉପଜିଲ୍ଲାପାଳ ଜେନା କହିଥିଲେ । ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନର କାର୍ଯ୍ୟକର୍ତ୍ତା ଓ ସହଯୋଗୀମାନଙ୍କୁ ସେ ସାଧୁବାଦ ଜ୍ଞାପନ କରିଥିଲେ । ଶିବିରରେ ୧୪୩ ଜଣ ବରିଷ୍ଠ ନାଗରିକ, ମହିଳା ଓ ବିଭିନ୍ନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗଦେଇ ସେମନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ବିଭିନ୍ନ ଦାମୀ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା । ସଂଘ ସଭାପତି ମଦନ ମୋହନ ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ଉପଦେଷ୍ଟା ଧୀରମୋହନ ରାୟ, ଅଜୟ କୁମାର ନାୟକ, ଦେବାଶିଷ ପରିଡ଼ା, ସୌମିତ୍ର ସେନାପତି, ମନିଲ ମହାରଣା, ବିକାଶ ସାହୁ, ଶିଶିର କୁମାର ସାମଲ, ଦିଲୀପ ନାଏକ, ଜୁଲଫିକର ହୁସେନ, ନିରଞ୍ଜନ ସାମଲ, ରାଉତରାୟ ନାଏକ ଶିବିର ପରିଚାଳନା କରିଥିଲେ । ବାସୁଦେବ ପ୍ରଧାନ ଓ ରବୀନ୍ଦ୍ର ମହାରଣା ରୋଗୀଙ୍କ ପଞ୍ଜୀକରଣ କରିଥିଲେ । ସମାଜସେବୀ କ୍ଷୀରୋଦଚନ୍ଦ୍ର ସାହୁ, ଗୌରବ ରାୟ, ମାନସ ରଞ୍ଜନ ସାହୁ, ଅସିତ୍ କୁମାର ସାହୁ, କରୁଣାକର ବାଇ, ଆଶୁତୋଷ ଦାସ ସହଯୋଗ କରିଥିଲେ ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେତକି ପତି

ଜନାର୍ଦ୍ଦନପୁର ଶାସନ, ଖପରାଖାଇ, ଆନନ୍ଦପୁର

ଆବିର୍ଭାବ - ୦୧.୦୧.୧୯୪୨

ତିରୋଧାନ - ୨୭.୧୦.୨୦୨୫

ଆଜି ଦ୍ୱାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ । ଆପଣ ସଦା ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ ।

ତୁମର ହତଭାଗ୍ୟ ପୁଅ

ଗଣେଶ ପ୍ରସାଦ ପତି ଓ ବନ୍ଧୁ ପରିବାରବର୍ଗ

## ଦେଉଳସାହିରେ କାର୍ତ୍ତିକେଶ୍ୱର ପୂଜା



ଓଳାଭର, ୬।୧୧(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତ ଦେଉଳସାହି ଗ୍ରାମରେ ବାବା କାର୍ତ୍ତିକେଶ୍ୱର ପୂଜା ୧୭ ବର୍ଷରେ ଉପନୀତ ହୋଇଛି। ୪ ତାରିଖରେ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତାକାଲି ଶେଷ ହେବ। ଏହି ପୂଜାରେ ସସ୍ତ୍ରୀକ ପୀତମ୍ବର ନାଥ, ସାବିତ୍ରୀ ନାଥ ସଂକଳ୍ପ କରୁଛନ୍ତି। ପଣ୍ଡିତ ଚକ୍ରଧର ପଣ୍ଡା, ଅଞ୍ଜନ ପଣ୍ଡା ପୂଜକ ଅଛନ୍ତି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ବାବା କାର୍ତ୍ତିକେଶ୍ୱର ପୂଜା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ପୂଜାକୁ ପରିଚାଳନା କରୁଛନ୍ତି।

## ୧୨ରୁ ରାଜସ୍ୱ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୬।୧୧(ସମିସ): ଜିଲ୍ଲାରେ ପ୍ରଥମ ଥରପାଇଁ ଆରମ୍ଭ ହେବାକୁ ଯାଉଛି ରାଜସ୍ୱ ସଂକ୍ରାନ୍ତ ଅଭିଯୋଗ ଶୁଣାଣି ଶିବିର। କୌଣସି ବ୍ୟକ୍ତିଙ୍କ ଜମିଜମା କିମ୍ବା ଅନ୍ୟକୌଣସି ତହସିଲ ବା ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଥାଏ, ତେବେ ନିର୍ଦ୍ଧାରିତ ଦିନ ଆସି ନିଜ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅଭିଯୋଗ ଶିବିରରେ ନିଜେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଆସନ୍ତା ୧୨ ତାରିଖରେ ରାଜନଗର ତହସିଲ କାର୍ଯ୍ୟାଳୟ, ୧୩ରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ, ୧୪ରେ ଗରଦପୁର, ୧୫ରେ ଆଳି, ୧୮ ରେ ଡେରାବିଶ, ୧୯ରେ କନିକା ତହସିଲ କାର୍ଯ୍ୟାଳୟ, ୨୦ରେ ପଟ୍ଟାମୁଣ୍ଡାଇ ତହସିଲ, ୨୬ରେ ମହାକାଳପଡ଼ା ତହସିଲ ଓ ୨୮ ରେ ମାର୍ଶାଘାଇ ତହସିଲଦାର କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ ଘଟିକାରୁ ୧ ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ



ଡେରାବିଶ,୬।୧୧(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଆଜି ଓଡ଼ିଶା ଯୁବ ରେଡ଼୍‌କ୍ରସ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯୁବ ରେଡ଼୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ ଅଧିକାରୀ ଗୋପାଳ ମିଶ୍ର ଯୋଗଦେଇ ଶିବିରାର୍ଥୀଙ୍କୁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଓ ସଚେତନ ରହିବାର କୌଶଳ ସମ୍ପର୍କରେ କହିଥିଲେ। ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ରତ୍ନାକର ସେଠୀ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସାନ୍ତନୁ ଜେନା, ଜିଲ୍ଲା ସଂଯୋଜକ ବିକାଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଚାନ୍ଦୋଳ କଲେଜ ଯୁବ ରେଡ଼୍‌କ୍ରସର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ପ୍ରଭାକର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୮ଟି ମହାବିଦ୍ୟାଳୟରୁ ଯୁବ ରେଡ଼୍‌କ୍ରସର ସ୍ୱେଚ୍ଛାସେବୀ ଓ ସଂଯୋଜକ ଯୋଗ ଦେଇଛନ୍ତି। ମହାବିଦ୍ୟାଳୟର ଅନ୍ୟତମ କାର୍ଯ୍ୟକାରୀ ଅଧିକାରିଣୀ ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ସଂଜୟ ନାୟକ, ରମାକାନ୍ତ ଦାସ, ସୌଭାଗ୍ୟ ପ୍ରଧାନ, ଶଶୀଭୂଷଣ ଜେନା, ବରଦା ଜେନା, ଦେବାଶିଷ ମହନ୍ତ, ପ୍ରତାପ ଜେନା, ବିଶ୍ୱରଞ୍ଜନ ମିଶ୍ର, ଅଧ୍ୟାପିକା ଶ୍ରୀମତୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ ହଜାର ଲିଟର ପୋଡ଼ା ମୋବିଲ ଜବତ; ବେପାରୀ ଅଟକ

ପଞ୍ଚୁପାଣ୍ଡବ,୬।୧୧(ସମିସ): ଡେରାବିଶ ଥାନା ଅଧୀନସ୍ଥ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରୁ ୩ ହଜାର ଲିଟର ପୋଡ଼ା ମୋବିଲ ଜବତ ହୋଇଥିବାବେଳେ ବେପାରୀକୁ ଅଟକ ରଖାଯାଇଛି। ବଜାର ଗ୍ରାମର ମୀନକେତନ ନାଥଶର୍ମାଙ୍କ ପୁଅ ରଘୁନାଥ ଶର୍ମା ଦୀର୍ଘଦିନ ଧରି ଏହି ବେପାର କରୁଥିଲେ। ଏ ଖବର ପାଇ ନିକିରାଇ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସୁଜିତ ପାତ୍ର, କନଷ୍ଟେବଳ ଜିତେନ୍ଦ୍ର ଦାସ ଓ ହାବିଲଦାର ବସନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ମୋବିଲ ଜବତ କରି ଥାନାକୁ ନେଇଥିବା ଜଣାପଡ଼ିଛି।

## ଶୁଦ୍ଧିକ୍ରିୟା ପାଇଁ ସହାୟତା



ମହାକାଳପଡ଼ା,୬।୧୧(ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ପଞ୍ଚାୟତ ଭିତରସୋବଳା ଗ୍ରାମର ସନ୍ନ୍ୟାସୀ ମଲ୍ଲିକଙ୍କ ୮ ଦିନ ପୂର୍ବେ ଅକାଳ ବିୟୋଗ ଘଟିଥିଲା। ଶୁଦ୍ଧିକ୍ରିୟା ପାଇଁ ପରିବାର ନିକଟରେ ଅର୍ଥର ଅଭାବ ଥିବା ଅନୁଭବ କରି ସୋବଳା ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ସଦାଶିବ ହେଲ୍‌ପ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ତପନ ରାଉଳ, ବିପିନ ପଲାଇ, ପାପୁନା ଦାସ, ନଲେଜ ବାରିକ, ବିକ୍ରମ ପାତ୍ର, ସାଗର ଚୌଧୁରୀ, ନିରଞ୍ଜନ ରାଉତ, ନିଲ ଚୌଧୁରୀ, ଗୌତମ ସାମଲ ପ୍ରମୁଖ ଅସହାୟ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

# ପାଟକୁରାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା





ଗରଦପୁର,୬।୧୧(ସମିସ): ଗରଦପୁର ବ୍ଲକ୍ ବ୍ରହ୍ମପୁରଠାରୁ ପାଖଡ଼ ପର୍ଯ୍ୟନ୍ତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ୧୮ଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଓ ମହିଳା ଯୋଗ ଦେଇଥିଲେ। ବିଜେଡି, ନବୀନ ଜିନ୍ଦାବାଦ୍ ଓ ଶଙ୍ଖ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ପାଟକୁରା। ପ୍ରଥମେ ଶ୍ରୀ ମହାପାତ୍ର ବ୍ରହ୍ମପୁରଠାରେ ପହଞ୍ଚିବା ପରେ ମହିଳା ଓ ଦଳୀୟ କର୍ମୀମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ପାଖଡ ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାରି ଥିଲା। ବିଧାୟକ ଅରବିନ୍ଦ ତାଙ୍କ ଜନସଂପର୍କ ପଦଯାତ୍ରାରେ କହିଥିଲେ, ଶାସନରେ ଯେଉଁ ସରକାର ଥାଉ, ଆମେ ଲୋକଙ୍କ ସେବା କରିବୁ। ବିଜେଡି ହେଉଛି ବିକାଶର ଦଳ। ବିଜେପି ସରକାର ଗଠନ ଦିନରୁ ଲୋକ ଅଣନିଶ୍ୱାସୀ ହୋଇଛନ୍ତି। ସାଧାରଣ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗତ ୨ ବର୍ଷରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏହି ସରକାର ରଙ୍ଗ ମରାରେ ଶେଷ ହେବ। ପୁଣି ବିଜେଡି ଲେଖିବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ। ଓଡ଼ିଆ ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି ବିଜେଡି। ପାଟକୁରା ବିକାଶରେ ଯେକେହି ପ୍ରତିବନ୍ଧକ ସାଜିବ, ଆମେ ଛାଡ଼ିବୁନି। ବିଜେଡି ସମୟରେ ବିକାଶ ହୋଇଛି, ଆଗକୁ ଅଲବତ ହେବ।

ସେ ଆହୁରି କହିଥିଲେ, ଦଲାଲ ଓ ଟାଉଟରଙ୍କୁ ସାବାଡ କରିବାକୁ ରଣନୀତି ଗଢ଼ାଯାଇଛି। ତହସିଲ, ବ୍ଲକ, ଥାନା ସ୍ତରରେ ବିଜେଡି କର୍ମୀ ଆଲର୍ଟ ଅଛନ୍ତି। ସାଧାରଣ ଲୋକଟି ନ୍ୟାୟ ପାଇବାରୁ ବଞ୍ଚିତ ନ ହେଉ, ସେଥିପାଇଁ ଆମେ ସ୍ୱତନ୍ତ୍ର ଟିମ୍ ଗଢ଼ିଛୁ। ଅଫିସର ରାଜ ଖତମ କରିବାକୁ ମାଷ୍ଟରପ୍ଲାନ୍ ତିଆରି ହେଉଛି। ଆଗାମୀ ଦିନରେ ଘରେ ଘରେ ପହଞ୍ଚିବ ବିଜେଡି। ଲୋକଙ୍କ ସମସ୍ୟା ଓ ସମାଧାନ ହେବ ପ୍ରାଥମିକତା। ରାସନ, ଆବାସ ଓ ଭତ୍ତାରୁ କେହି ବଞ୍ଚିତ ହେବେନି। ପାଟକୁରା ଅଞ୍ଚଳରେ ରାସ୍ତାଘାଟ ଓ ପାଣି ସମସ୍ୟାର ୮୦ ପ୍ରତିଶତ ସମାଧାନ ହୋଇଛି। ଅବଶିଷ୍ଟ ୨୦ ପ୍ରତିଶତ ଆଗାମୀ ଏକ ବର୍ଷରେ ସରିବ ବୋଲି ସେ କହିଲେ। ପାଟକୁରା ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ମିଳିବା ନେଇ ମଧ୍ୟ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ପଞ୍ଚାୟତରେ ଅଭିଯୋଗ ବକ୍ସ ଲଗାଯିବ। ଯେଉଁଠାରେ ସାଧାରଣ ଲୋକ ତାଙ୍କ ସମସ୍ୟା ଲେଖି ଦେଲେ, ତାହାର ସମାଧାନ ତୁରନ୍ତ ହେବ। ଗରିବ ଓ ଅନୁନ୍ନତ ଶ୍ରେଣୀ ପାଇଁ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ କରାଯିବ ବୋଲି ବିଧାୟକ ଆଶ୍ୱାସନ ଦେଇଛନ୍ତି।

ଏଥିସହ ପାଖଡ ପଞ୍ଚାୟତର ଶୀତଳପାଟଣାଠାରେ ପହଞ୍ଚିବା ପରେ ଶୀତଳପାଟଣାଠାରୁ ସିଙ୍ଗିଟିଆ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ସୁଦୃଢ଼ୀକରଣ୍ ନିମନ୍ତେ ୩ କୋଟି ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବିଧାୟକଙ୍କ ପ୍ରତିନିଧି କ୍ଷିତୀସ ଦାସ, ସରପଞ୍ଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି, ସମିତି ସଭ୍ୟ ବାସୁଦେବ ବେହେରା, ସରପଞ୍ଚ ରଞ୍ଜନ ନାୟକ, ସରପଞ୍ଚ ଶ୍ରୀରାଧା ବନଜାବାସିନୀ ଜେନା, ସରପଞ୍ଚ ବନୀତା ସ୍ୱାଇଁ, ପ୍ରତାପ ସ୍ୱାଇଁ, ସୁକାନ୍ତ ନାୟକ, ସମିତି ସଭ୍ୟ ବ୍ରଜକିଶୋର ସାହୁ, କ୍ଷୀରୋଦ ମହାନ୍ତି, ସରପଞ୍ଚ ଅନୀତା ମହାଲି, ସରପଞ୍ଚ ଅନୁସୟା ବେହେରା, ସରପଞ୍ଚ ଅମୀୟ ନାୟକ, ପ୍ରଭାସ ସାହୁ, ପ୍ରକାଶ ସାହୁ, ରମାକାନ୍ତ ବେହେରା, ସମିତି ସଭ୍ୟ ଦିଲ୍ଲୀପ ସାହୁ, ସମତି ସଭ୍ୟ ରାକେଶ ମହାପାତ୍ର, ଗଙ୍ଗାଧର ମିଶ୍ର, ଭାଗବତ ସ୍ୱାଇଁ, ପୀତାମ୍ବର ସାହୁ, କିଶୋର ମହାପାତ୍ର, ବିପ୍ଳବ ଜେନା, ନିଗମାନନ୍ଦ ଦାସ, ହିମାଂଶୁ ଦାସ, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅବନୀ ମହାପାତ୍ର, ସରପଞ୍ଚ ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଦନପୁରରେ ବ୍ଲକ୍‌ସ୍ତରୀୟ 'ସୁରଭି'



ପଟ୍ଟାମୁଣ୍ଡାଇ,୬।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଦନପୁର ମହାବୀର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକଙ୍କ ପୌରୋହିତ୍ୟ ଓ ଶିକ୍ଷକ ନେତା ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, ଶିକ୍ଷା ପ୍ରଶିକ୍ଷକ ଅସୀମା ବେହୁରା, ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଧିକାରୀ ସୁନୀତି ଦାଶ, ମୋ ସ୍କୁଲ ସଭାପତି ମାଧବ ପରିଡ଼ା, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମିତିସଭ୍ୟ ପର୍ଶୁରାମ ବେହେରା, ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ସାମ୍ବାଦିକ ଭାସ୍କର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସଂଘମିତ୍ରା ନାୟକ ସ୍ୱାଗତ ଭାଷଣ, ସିଆରସିସି ନମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ରଙ୍କ ପୌରୋହିତ୍ୟ ଓ ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, କଷଣଅଣ୍ଟା ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ସଚିତ୍ର ବେହୁରା ମୁଖ୍ୟବକ୍ତା, ମଦନପୁର ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ବିଜୟ ବେହେରା, ଶିକ୍ଷାବିତ ସୁରେଶ ଜେନା, ମଦନପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଅରବିନ୍ଦ ବଳ ସ୍ୱାଗତ ଭାଷଣ ଓ ସିଆରସିସି ବିଭୁରଞ୍ଜନ ସାହୁ ଅତିଥି ପରିଚୟ, ସିଆରସିସି ଶୁଭଶ୍ରୀ ମାଝୀ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାକୁ ପୂର୍ବତନ ସିଆରସିସି ରଞ୍ଜନ ସାହୁ, ପ୍ରଦୀପ ତରାଇ, ସଞ୍ଜୟ ସାହୁ, ନିଶିକାନ୍ତ ମାଝୀ, ତ୍ରିଲୋଚନ ସ୍ୱାଇଁ, ସୁକାନ୍ତ ସ୍ୱାଇଁ, ଶକୁନ୍ତଳା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ୍ ପ୍ରଦାନ କରିଥଲେ।

## କଟକ ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ସ୍ୱାଗତ

କେନ୍ଦ୍ରାପଡ଼ା, ୬।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ସାମୁଦ୍ରିକ ନୌବାଣିଜ୍ୟ ଇତିହାସ ଓ ସାଂସ୍କୃତିକ ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼କୁ ବୁଧବାର କେନ୍ଦ୍ରାପଡ଼ାରେ ସ୍ୱାଗତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ତିନିମୁହାଣି ଛକରେ ମେଢ଼କୁ ସ୍ୱାଗତ କରିଥିଲେ।

## ଗହୀରମଥାରୁ ଗିଲ୍‌ନେଟର ଜବତ, ୧୬ ମତ୍ସ୍ୟଜୀବୀ ଗିରଫ



ରାଜନଗର,୬।୧୧(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଚଢ଼ଉ କରି ଗୋଟିଏ ଗିଲନେଟର ଜବତ କରିବା ସହ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଭରବି-୨ ନାମକ ଗିଲନେଟରକୁ ଜବତ କରିଥିଲେ। ଏଥିରୁ ୫୦ କେଜି ମାଛ, ୧ଟି ଜିପିଏସ, ୨ଟି ଭିଏଚଏଫ,୧ଟି ଫିସଫାଇଣ୍ଡର, ଗିଲ୍ ନେଟ୍ ୩ଟି, କୋଡ୍ ନେଟ୍ ୧ଟି, ଇଲିଶ ଜାଲ ୧ଟି, କାଣି ଜାଲ ୧ଟି ଜବତ କରାଯାଇଛି। ମତ୍ସ୍ୟଜୀବୀ ଚନ୍ଦନ ମଲ୍ଲିକ, ଦିବାକର ମଲିକ, ବୁଦ୍ଧିରାମ ମଲିକ, କମଳାକାନ୍ତ ମଲିକ, ପ୍ରଶାନ୍ତ ମଲିକ, ବିଶ୍ୱରଞ୍ଜନ ମଲିକ, ବାବୁଲି ମଲିକ, ଭାଗୀରଥି ମଲିକ, ସେକ ହବିବୁଲ, ସୋରେନ ମାଝୀ, ପ୍ରଶାନ୍ତ ମଲିକ, ଦିଲ୍ଲୀପ ମଲିକ, ଅନନ୍ତ ଦେ, ଲକ୍ଷଣ ଟୁଡ଼ୁ, ନନ୍ଦଦୁଲାଲ ଜେନା, ନରେନ୍ଦ୍ର ମଲିକ ପ୍ରମୁଖଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ୍ ୧୯୭୨ରେ ମୋକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

## ଫିରିକିଦଣ୍ଡି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ରାଜନଗର,୬।୧୧(ସମିସ): ଫିରିକିଦାଣ୍ଡି ଗ୍ରାମ ହନୁମାନଜୀଉ ମନ୍ଦିର ପୀଠରେ ୧୪ତମ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ଏ ଅବସରରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ମନ୍ମଥ ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାଜସେବୀ କୈଳାସ ମହାନ୍ତି, ଫିରିକିଦାଣ୍ଡି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଅରୁଣ ପାତ୍ର, ଶିକ୍ଷାବିତ ତ୍ରିଲୋଚନ ସ୍ୱାଇଁ, ସୁଧୀର ଜେନା ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ପୂଜକ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧୀର ବେହୁରା ସଭା ପରିଚାଳନା କରିଥିବାବେଳେ ଶୈଳେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଜୋର୍ ଧରିଲା ହାତୀମଣ୍ଡା ବ୍ଲକ୍ ଗଠନ ଦାବି



ଗୋବିନ୍ଦପୁର,୬।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁରରେ ସାତ୍ତ୍ୱିକ ମଣ୍ଡପରେ ଆଳି ଧୋୟାଞ୍ଚଳର ୧୧ଟି ପଞ୍ଚାୟତକୁ ନେଇ ପ୍ରସ୍ତାବିତ ହାତୀମଣ୍ଡା ବ୍ଲକ୍ ଗଠନ କରାଯିବା ଦାବି ଜୋର୍ ଧରିଲା। ଏ ନେଇ ଆୟୋଜିତ ବୈଠକରେ ଜନପ୍ରତିନିଧି, କୃଷକ, ଶ୍ରମିକ ଓ ଯୁବକ ଯୋଗଦେଇଥିଲେ। ଚନ୍ଦ୍ରଭାନୁ କରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦଳମତ ନିର୍ବିଶେଷରେ ସମସ୍ତେ ସେମାନଙ୍କ ମତ ରଖିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ୍ କହିଥିଲେ, ଆମ ଅଞ୍ଚଳର ମୌଳିକ ସମସ୍ୟା ଦୂର ହୋଇନାହିଁ। ଏବେ ଆମେ ସଂଗ୍ରାମ କରି ଆମର ହକ୍ ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ନୂତନ ବ୍ଲକ୍ ଗଠନ ହେଲେ ଅଞ୍ଚଳର ସମସ୍ୟା ଦୂର ହୋଇପାରିବ ବୋଲି ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ ଦୃଢ଼ତାର ସହ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ମଲ୍ଲିକ, ବିଜୟ ସାମଲ, ଶରତ ନାୟକ, ଆଶାଲତା ପଟ୍ଟନାୟକ, ପ୍ରମୋଦ ରାଉତ, ଅଜୟ ସାମଲ, ସୁରେନ୍ଦ୍ର ପରିଡ଼ା, ପ୍ରକାଶ ମିଶ୍ର, କୈଳାସ ବେହୁରିଆ, ଦିବାକର ସାହୁ, ବିକ୍ରମ ଧଳ, ସୁରେନ୍ଦ୍ର ପୁହାଣ ପ୍ରମୁଖ ଯୋଗ ଦେଇଥିଲେ।

## ସାମ୍ବାଦିକ କରୁଣାକର କରଙ୍କ ସ୍ମୃତିସଭା



ଡେରାବିଶ,୬।୧୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଯୁବକ ସଂଘ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ କରୁଣାକର କରଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓୟୁଜେ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ପରେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ଓୟୁଜେର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସେନାପତି, ସମ୍ମାନିତ ଅତିଥି ଭାବେ ସଂଘର ଜିଲ୍ଲା ସଂଯୋଜକ ସୋମନାଥ ସାହୁ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବେବର୍ତ୍ତା ଅଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଂଘ ସଦସ୍ୟ ଖୁର୍ସିଦ ଆଲମ ଖାଁ, ଧରଣୀଧର ପ୍ରଧାନ, ନିଳାଦ୍ରୀ ତ୍ରିପାଠୀ, ସେକ୍ ସାବିର, ସତ୍ୟଜିତ ଲେଙ୍କା, ଗୋଲରାହାଟର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଘର ଜିଲ୍ଲା କୋଷାଧ୍ୟକ୍ଷ ପ୍ରମୋଦ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା

ରାଜନଗର,୬।୧୧(ସମିସ): ରାଜନଗର ବ୍ଲକ୍‌ର ବିଭିନ୍ନ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ହେଉଛି। ଗାଁର ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନର ନିମନ୍ତ୍ରଣ ରକ୍ଷା କରି ରାଜନଗର ନିର୍ବାଚନମଣ୍ଡଳୀର ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତ ସଦସ୍ୟଙ୍କ ସହ ପୂଜା ମଣ୍ଡପ ବୁଲି ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି।

## ଜାତୀୟ ଉଦ୍ୟାନରେ କଇଁଛ ସୁରକ୍ଷା ସଚେତନତା

ରାଜନଗର,୬।୧୧(ସମିସ): ରାଜନଗର ବନଖଣ୍ଡ ଅଧୀନ କନିକା ରେଞ୍ଜ କାର୍ଯ୍ୟାଳୟରେ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ମାନସ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓଙ୍କର ଯୋଗଦେଇ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ କିପରି ସୁରକ୍ଷା ଦିଆଯିବ ଟ୍ରଲର ମାଲିକ, ବୋଟ ମାଲିକ ଓ ମତ୍ସ୍ୟଜୀବୀଙ୍କୁ ନେଇ ସଚେତନତା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ବୈଜ୍ଞାନିକ ଡ. ଶିବପ୍ରସାଦ ପରିଡା ଅଲିଭରିଡଲେ କଇଁଛଙ୍କ ଉପରେ ଉପାଦେୟ ଓ ଉପକାରିତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିବିରରେ ଭଦ୍ରକ ବନଖଣ୍ଡର ବନ କର୍ମଚାରୀ, ତାଳଚୁଆ ଟ୍ରଲର ମାଲିକ, ବୋଟ୍ ମାଲିକ ଓ ପାରମ୍ପରିକ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ। ଫରେଷ୍ଟର ପ୍ରଶାନ୍ତ ସିଂ ଧନ୍ୟବାଦ ଦେଇଥିଲେ। ଶିବିରକୁ ଫରେଷ୍ଟର ନବୀନ ମଲିକ, ଲକ୍ଷ୍ମୀଧର ବାରିକ, ଫରେଷ୍ଟ ଗାର୍ଡ ବବୁଲ ପରିଡା, ଶୁଭ୍ରଜିତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

### ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ଘଟଣା

# କନିଷ୍ଠ ଯନ୍ତ୍ରୀଙ୍କ ସଂପୃକ୍ତି ଥିଲେ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଡିଓ


ପଟ୍ଟାମୁଣ୍ଡାଇ,୬।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାରେ ଦୁର୍ନୀତି ହୋଇଥିବା ଅଭିଯୋଗର ବିଭାଗୀୟ ତଦନ୍ତ କରାଯାଇଛି। ଦୁର୍ନୀତିରେ କନିଷ୍ଠ ଯନ୍ତ୍ରୀଙ୍କ ସଂପୃକ୍ତି ପ୍ରମାଣିତ ହେଲେ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପଟ୍ଟାମୁଣ୍ଡାଇ ବିଡିଓ। ପଞ୍ଚାୟତବାସୀଙ୍କ ପକ୍ଷରୁ ଷ୍ଟ୍ରିଟଲାଇଟ ଦୁର୍ନୀତିକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଅନଶନ ବିଡିଓଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟାହୃତ ହୋଇଛି।

ସୂଚନା ମୁତାବକ, ଶାସନ ଛକରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଅଞ୍ଚଳକୁ ୨୦ଟି ଲାଇଟ୍ ଖୁଣ୍ଟ ମାଧ୍ୟମରେ ଆଲୋକୀକରଣ କରିବାକୁ ସରକାରଙ୍କ ଯୋଜନା ଥିବାବେଳେ ଏଥିପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ୯ ଲକ୍ଷ ୭୦ହଜାର ଟଙ୍କା ବ୍ୟୟ କରାଯାଇଥିଲା। ଏଷ୍ଟିମେଟ ହିସାବରେ ପ୍ରକଳ୍ପ ସ୍ଥାନରେ କୌଣସି ଆଲୋକୀକରଣ କାର୍ଯ୍ୟ ଏପରିକି ଲାଇଟ୍ ଖୁଣ୍ଟ ଲଗା ନ ଯାଇ ବ୍ଲକ କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କ ନାମରେ ମିଥ୍ୟା ବିଲ କରି ସରକାରୀ ଅନୁଦାନ ଅର୍ଥକୁ କନିଷ୍ଠ ଯନ୍ତ୍ରୀ ହଡପ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ପଞ୍ଚାୟତରେ ହୋଇଥିବା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପଞ୍ଚାୟତବାସୀ ବିଡିଓ ଶୀତଲ ଅଗ୍ରୱାଲଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ବିଡିଓ ଏକ ତଦନ୍ତ ଟିମ୍ ଗଠନ ମଧ୍ୟ କରିଛନ୍ତି। ତେବେ ଶାସନ ଛକଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ କୌଣସି ଷ୍ଟ୍ରିଟଲାଇଟ୍ ଲାଗି ନ ଥିବା ବିଡିଓ ତାଙ୍କ ତଦନ୍ତ ସମୟରେ ଜାଣିବାକୁ ପାଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ମଙ୍ଗଳବାର ସରକାରୀ କାର୍ଯ୍ୟରେ ବିଡିଓ ବାହାରେ ଥିବାରୁ ଅନଶନ ସ୍ଥଳରେ ପହଞ୍ଚି ପାରି ନ ଥିଲେ। ଆନ୍ଦୋଳନ ଜାରି ରହିଥିବା ଜାଣିବାକୁ ପାଇବା ପରେ ବିଡିଓ ଅପରାହ୍ନରେ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ବିଡିଓଙ୍କ ସହିତ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଡିଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଅନ୍ଧାରରେ ଥିବା ଶାସନ ଛକଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଆଲୋକିକରଣ ବ୍ୟବସ୍ଥା ୩ ମାସ ମଧ୍ୟରେ କରିବା ପାଇଁ ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟପକ୍ଷରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ତଦନ୍ତ ବିଡିଓ ନିଜ ଆଡୁ କରିବେ ବୋଲି ସୂଚନା ଦେଇଥିଲେ। ବିଡିଓଙ୍କ ହସ୍ତକ୍ଷେପ ଫଳରେ ଶାସନ ପଞ୍ଚାୟତରେ ଦୀର୍ଘଦିନ ଧରି ଚାଲିଥିବା ସମସ୍ୟାର ସମାଧାନ ହୋଇପାରିଥିବାରୁ ପଞ୍ଚାୟତବାସୀ ବିଡିଓଙ୍କୁ କୃତଜ୍ଞତା ଜଣାଇଥିଲେ। ବିଡିଓଙ୍କ ଅଫିସ ଚାମ୍ବର ମଧ୍ୟରେ ଆନ୍ଦୋଳନକାରୀଙ୍କ ଏକ ପ୍ରତନିଧି ମଣ୍ଡଳୀ ସହିତ ବିଡିଓ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ଆଲୋଚନା ଚାଲିଥିଲାବେଳେ କୌଣସି ଅନୁମତି ନ ନେଇ ବିବାଦୀୟ କନିଷ୍ଠ ଯନ୍ତ୍ରୀ ରତ୍ନେଶ୍ ପାଣ୍ଡେ ବିଡିଓଙ୍କ ଚାମ୍ବର ମଧ୍ୟକୁ ଧସେଇ ପଶିବା ସହିତ ଅସୌଜନ୍ୟ ବ୍ୟବହାର କରିବା ଘଟଣାର ବିଡିଓ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଦେବେ ବୋଲି କହିଛନ୍ତି। ଏ ଘଟଣା ସମ୍ପର୍କରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଲିଖିତ ଭାବେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବା ସହିତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳ ଯଦି ତଥ୍ୟ ମାଗନ୍ତି, ଯାହା ଘଟଣା ଘଟିଥିଲା ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରଦାନ କରାଯିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ କହିଛନ୍ତି। ଯଦି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୁଏ, ପୁଲିସ ସିସି ଟିଭି ଆଧାରରେ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ଏହି ଘଟଣା ପାଇଁ ରତନେସ ପାଣ୍ଡେଙ୍କ ଅଡୁଆ ବଢ଼ିବାରେ ଲାଗିଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟଙ୍କ ପାଖରେ ବିଶ୍ୱବାସୀ ଅନେକ ଦୃଷ୍ଟିରୁ ଋଣୀ
-ଆଲବର୍ଟ ଆଇନଷ୍ଟାଇନ୍

## ମମ୍‌ଦାନୀ ମଡେଲ୍

ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ଅନେକ ସଂଘର୍ଷ, ଉତ୍‌ଥାନ-ପତନ ପରେ ଶେଷରେ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କର ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ଆମେରିକାର ରାଜନୈତିକ ଇତିହାସରେ ଅନେକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ପଦ ପାଇଁ ନିର୍ବାଚିତ ହେବାରେ ସେ ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ମୁସଲିମ୍। ଇସ୍ରାଏଲ୍ ବିରୋଧୀ ଓ ପାଲେଷ୍ଟାଇନ୍ ସପକ୍ଷବାଦୀ ଭାବେ ଜଣାଶୁଣା ମମ୍‌ଦାନୀଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଣପଣେ ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥିସହିତ ଆମେରିକାର ସଦ୍ୟ ଜନ୍ମିତ ସାମ୍ପ୍ରଦାୟିକ-ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ଡେମୋକ୍ରାଟିକ୍ ପ୍ରାର୍ଥୀ ମମ୍‌ଦାନୀଙ୍କ କାର୍ଯ୍ୟଶୈଳୀ ସାମ୍ପ୍ରତିକ ଆମେରିକାରେ ମୁଣ୍ଡ ଟେକିଥିବା ନୂଆ ଚିନ୍ତାଧାରା ସହିତ କିଭଳି ଖାପ୍ ଖୁଆଇ ପାରିବ ଏବଂ ଟ୍ରମ୍ପଙ୍କ ସହିତ ସେ କିଭଳି ସମନ୍ୱୟ ଓ ସହଯୋଗ ରକ୍ଷା କରି କାମ କରିପାରିବେ ତାହା ଦେଖିବାକୁ ବିଶ୍ୱ ରାଜନୀତି ବିଶାରଦମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି। ବିଶେଷକରି ମମ୍‌ଦାନୀଙ୍କ ବିଜୟ ଭାରତୀୟଙ୍କ ପାଇଁ ସେଠାରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତରେ ଆଶାର କିରଣଟିଏ ସୃଷ୍ଟି କରିଛି।

ସାମ୍ପ୍ରତିକ ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଆମେରିକା ସମେତ କାନାଡ଼ା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦି ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଅସୂୟା ବଢ଼ିବାରେ ଲାଗିଛି। ବିଶେଷକରି ହିନ୍ଦୁ ବୈଦିକ ସମାଜରେ ପ୍ରଚଳିତ ରକ୍ଷଣଶୀଳତାର ଦ୍ୱାହି ଦେଇ ଏବେ ଖ୍ରୀଷ୍ଟିଆନ୍‌ବହୁଳ ରାଷ୍ଟ୍ରବାସୀ ପ୍ରବାସୀ ହିନ୍ଦୁମାନଙ୍କୁ ଶାରୀରିକ ଓ ମାନସିକତା ନିର୍ଯାତନା ଦେବାର ନୂଆ ଧାରା ଆରମ୍ଭ ହୋଇଛି। ଯୁଦ୍ଧଗ୍ରସ୍ତ ଅସ୍ଥିର ଓ ଅଶାନ୍ତ ବିଶ୍ୱରେ ରକ୍ଷଣଶୀଳତାର ଅସୂୟା ନୁହେଁ, ବରଂ ଧର୍ମନିରପେକ୍ଷତାର ଉଦାରତା ହିଁ ବିକାଶ ପାଇଁ ଅପରିହାର୍ଯ୍ୟ, ଏଥିପ୍ରତି ଦୃଷ୍ଟି ଦେବାକୁ ସତେଯେପରି କେହି ଚାହାନ୍ତି ନାହିଁ। ଏକଦା ଇସ୍‌ଲାମ୍ ରାଷ୍ଟ୍ରମାନଙ୍କରେ ପ୍ରଚଳିତ କଟ୍ଟର ରୂଢ଼ିବାଦ ଧାରା ଏବେ ପାଶ୍ଚାତ୍ୟ ଦେଶମାନଙ୍କରେ କାୟାବିସ୍ତାର କରିବାରେ ଲାଗିଛି ଏବଂ ଏଥିରେ ପ୍ରବାସୀ ଭାରତୀୟମାନେ ହିଁ ସବୁଠାରୁ ଅଧିକ ବିପନ୍ନ ଓ ପ୍ରଭାବିତ ହେଉଛନ୍ତି। ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ସଭ୍ୟ, ବିକଶିତ ଓ ଶକ୍ତିଶାଳୀ ଦେଶ ଆମେରିକା ମଧ୍ୟ ଏଭଳି ରୂଢ଼ିବାଦୀ ପରିବେଶ ଗଠନ ପ୍ରୟାସରୁ ନିଜକୁ ଦୂରେଇ ରଖିପାରିନାହିଁ।

ଆମେରିକାର ରାଜନୈତିକ-ସାମାଜିକ ପରିବେଶ କ୍ରମଶଃ ଅନୁଦାର ଓ ରକ୍ଷଣଶୀଳ ହେଉଛି। କେବଳ ଧର୍ମାନ୍ଧତା ନୁହେଁ, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୂର୍ବସମୟର କଳା-ଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟର ଉଗ୍ର ମାନସିକତା ପୁଣି ଥରେ ଆମେରିକୀୟଙ୍କ ମନରେ ଜମାଟ ବାନ୍ଧୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟ ଏହାକୁ ଇନ୍ଧନ ଯୋଗାଉଛି। ତେଣୁ ପ୍ରବାସୀମାନେ ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ କଲେ ମଧ୍ୟ ସେମାନେ ଯେ କଳା-ଗୋରା ଭେଦଭାବରୁ ସୁରକ୍ଷିତ ରହିବେ ସେହି ବିଶ୍ୱାସ ଆସୁନାହିଁ।

ପୂର୍ବରୁ ପ୍ରବାସୀ ଭାରତୀୟମାନେ ଆମେରିକାବାସୀଙ୍କ ଦୃଷ୍ଟିରେ କମ୍ ଖର୍ଚ୍ଚରେ ଅଧିକ କାମ କରିପାରୁଥିବା ସଂଖ୍ୟାଲଘୁ ବର୍ଗର ଅଣରାଜନୈତିକ ମାନବ ସମ୍ବଳ ଭାବେ ବିବେଚିତ ହୋଇଆସୁଥିଲେ। କିନ୍ତୁ ଏବେ ଭାରତୀୟମାନଙ୍କୁ ଆମେରିକାର ସାଂସ୍କୃତିକ-ରାଜନୈତିକ-ସାମାଜିକ ପରମ୍ପରା ପ୍ରତି ବିପଦ ଭାବେ ସେଠାକାର ଅଧିବାସୀ ମନେ କରୁଛନ୍ତି। ଗତ ଦୀପାବଳୀ ଅବସରରେ ପ୍ରବାସୀ ଭାରତୀୟମାନଙ୍କ ବାଣଫୁଟା ପରମ୍ପରାକୁ ଆମେରିକୀୟମାନେ 'ସାଂସ୍କୃତିକ ଉପଦ୍ରବ' ଭାବେ ଅଭିହିତ କରିଛନ୍ତି। ଭାରତୀୟଙ୍କ ପ୍ରତି ଆମେରିକାର ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବମାନଙ୍କର ଧର୍ମାନ୍ତରୀକରଣ ସପକ୍ଷରେ ନିର୍ବିକାରରେ ମୁକ୍ତ ଭାବେ ମତ ପ୍ରକାଶ ପାଉଛି। ଖୋଦ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଆମେରିକାର ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶର ଏଭଳି ଏକ ଘଡ଼ିସନ୍ଧି ବେଳାରେ ମୁସ୍‌ଲିମ୍ ଧର୍ମାବଲମ୍ବୀ ମମ୍‌ଦାନୀ କିଭଳି ଭାବେ ସେ ସବୁ ଆହ୍ୱାନର ମୁକାବିଲା କରିପାରିବେ ତାହା ଉପରେ ଆମେରିକାର ରାଜନୀତି ଓ ଭାବମୂର୍ତ୍ତି ଅନେକାଂଶରେ ନିର୍ଭର କରୁଛି।

ଭାରତୀୟ ନିର୍ବାଚନୀ ରଣନୀତି ଅନୁକରଣରେ ଗରିବ ଲୋକଙ୍କୁ ରିହାତି ଦରରେ ରାସନ୍, ସ୍କୁଲ୍ ପିଲାମାନଙ୍କ ପାଇଁ ମାଗଣା ବସ୍ ସେବା, ମାଗଣା ଶିଶୁ ଯତ୍ନ ଭଳି ରେବିଡି ଯୋଜନାମାନ ଘୋଷଣା କରି ନିର୍ବାଚନରେ ଜିତାପଟ ହାସଲ କରିଥିବା ମମ୍‌ଦାନୀଙ୍କ ବିଜୟୀ ସମ୍ଭାଷଣରେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଉଦ୍ଧୃତି ସ୍ଥାନ ପାଇଥିବା ବେଳେ ଭାରତୀୟ ଲୋକପ୍ରିୟ ହିନ୍ଦୀ ସଂଗୀତ 'ଧୂମ୍ ମଚାଲେ...'ର ସଂଗୀତ ପ୍ରଚ୍ଛଦପଟରେ ଶୁଭିଥିଲା। ତେଣୁ ଭାରତୀୟମାନେ ମମ୍‌ଦାନୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି। ଏହାଛଡ଼ା ମମ୍‌ଦାନୀ ଆପଣେଇଥିବା ନେହେରୁଙ୍କ ପ୍ରଣୀତ ସାମାଜବାଦ-ଗଣତାନ୍ତ୍ରିକ ମଡେଲ୍ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ କେତେଦୂର ସଫଳ ଓ ପ୍ରଭାବଶାଳୀ ହୋଇପାରୁଛି ତାହାର ପରୀକ୍ଷା ନିରୀକ୍ଷା ପାଇଁ ନ୍ୟୁୟର୍କ ଏକ ପ୍ରୟୋଗଶାଳା ହୋଇଛି।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ନ୍ୟୁୟର୍କ ଭଳି ମହଙ୍ଗା ସହରରେ ମମ୍‌ଦାନୀ କିଭଳି ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିପାରିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ। ପ୍ରବାସୀ ଭାରତୀୟ ଓ ଭାରତୀୟଙ୍କ ପ୍ରଥମ ପସନ୍ଦର ସହର ହେଉଛି ନ୍ୟୁୟର୍କ। କିନ୍ତୁ ଟ୍ରମ୍ପଙ୍କ କଠୋର ପ୍ରବାସନ ନୀତିରେ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ପଠାଇ ଦିଆଯାଉଥିବା ପ୍ରବାସୀ ଭାରତୀୟଙ୍କ ଯନ୍ତ୍ରଣା ପ୍ରବାସୀ ମମ୍‌ଦାନୀ କେତେ ଅନୁଭବ କରିପାରିବେ ଏବଂ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଭାବରେ ମୁସ୍‌ଲିମ୍ ସମ୍ପ୍ରଦାୟର ମମ୍‌ଦାନୀ ଆମେରିକାର ସାମ୍ପ୍ରଦାୟିକ ନବଉନ୍ମେଷରେ ହିନ୍ଦୁମାନଙ୍କ ବିରୋଧରେ ବୃଦ୍ଧି ପାଉଥିବା ଆକ୍ରୋଶକୁ ଅନ୍ତତଃ ତାଙ୍କ ସହରରେ କିଭଳି ମୁକାବିଲା କରିପାରୁଛନ୍ତି ତାହା ଉପରେ ଭାରତ, ଆମେରିକା ସମେତ ସମଗ୍ର ବିଶ୍ୱ ଚାହିଁ ବସିଛି। ନ୍ୟୁୟର୍କ ପରି ଆମେରିକାର ଉନ୍ନତ ଓ ସମ୍ଭ୍ରାନ୍ତ ସହରରେ ଯଦି 'ମମ୍‌ଦାନୀ ମଡେଲ୍' ଉଦାର ସାମାଜିକ-ରାଜନୈତିକ ସମୀକରଣର ନୂଆ ସୂତ୍ର ସୃଷ୍ଟି କରିପାରିଲା ତାହା ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶିକା ହେବ।

## ଅସ୍ଥିର ଓ ଅଶାନ୍ତିର ଦୂତ

**ସରୋଜ କାନ୍ତ ଚୌଧୁରୀ**

ଚଳିତ ବର୍ଷର ମର୍ଯ୍ୟାଦାଜନକ ଶାନ୍ତି ନୋବେଲ୍ ପୁରସ୍କାର ପାଇବା ପାଇଁ ଭେନେଜୁଏଲାର ଗଣତନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ମନୋନୀତ କରାଯାଇଛି। ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାର ଗଣତନ୍ତ୍ରବାଦୀ ବିରୋଧୀ ଦଳର ନେତ୍ରୀ ମାରିଆ ସେଠିକାର କ୍ଷମତାରେ ଥିବା ଏକଛତ୍ରବାଦୀ ଶାସକଙ୍କ ବିରୁଦ୍ଧରେ ଦୀର୍ଘବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ୧୮୦୧ମସିହାରୁ ପ୍ରଦାନ କରା ହୋଇ ଆସୁଛି। କିନ୍ତୁ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଯେପରି ଭାବେ ଚାପ ସୃଷ୍ଟି ଓ ପ୍ରଚାର କରିଥିଲେ ତାହା ଅଭୂତପୂର୍ବ। ଟ୍ରମ୍ପ ୨୦୨୫ ଜାନୁୟାରୀ ୨୦ରୁ ରାଷ୍ଟ୍ରପତି ପଦରେ ଦ୍ୱିତୀୟ ବାର ଅଧିଷ୍ଠିତ ହେବା ପରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଏବଂ ଆମେରିକାକୁ ପୁନଃ ଶ୍ରେଷ୍ଠ ପ୍ରତିପାଦିତ କରାଇବା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ଦିଗରେ ତାଙ୍କର ନିର୍ବାଚନୀୟ ପ୍ରତିଶ୍ରୁତିକୁ ସାର୍ଥକ କରିବା ପାଇଁ ସମଗ୍ର ବିଶ୍ୱ ରାଜନୀତିକୁ ସେ ବର୍ତ୍ତମାନ ସମୟରେ ଗୋଳମାଳିଆ କରିଦେଇଛନ୍ତି।

ବାରାକ୍ ଓବାମା ଆମେରିକାର ୪୪ତମ ରାଷ୍ଟ୍ରପତି ହିସାବରେ କାର୍ଯ୍ୟାରମ୍ଭ କରିବାର ମାତ୍ର ନଅ ମାସ ଭିତରେ ୨୦୦୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଅନ୍ତର୍ଜାତୀୟ କୂଟନୀତିକ ସମ୍ପର୍କ ଓ ସଂହତି ବୃଦ୍ଧିରେ ଅନନ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା। ଓବାମାଙ୍କ ପରେ କ୍ଷମତାସୀନ ହୋଇଥିବା ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ଓବାମାଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ତାଚ୍ଛଲ୍ୟ କରି କହିଥିଲେ ଯେ ତାଙ୍କର ନାମ ଓବାମା ହୋଇଥିଲେ ସେ ମାତ୍ର ଦଶ ସେକେଣ୍ଡରେ ନୋବେଲ ଶାନ୍ତି ପୁରସ୍କାର ପାଇଥା'ନ୍ତେ। ଅର୍ଥାତ୍ ସେହିଦିନଠାରୁ ଟ୍ରମ୍ପଙ୍କର ବ୍ୟକ୍ତିଗତ ଅଭିଳାଷ ଜାଗ୍ରତ ହୋଇଥିଲା ଯେ ତାଙ୍କର ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସେ ନିଶ୍ଚିତ ହକଦାର ହେବେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ। ତେଣୁ ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳର ଆଠ ମାସ ମଧ୍ୟରେ ବିଭିନ୍ନ ସମୟରେ ଗଣମାଧ୍ୟମ ଆଗରେ କେତେବେଳେ ଛଅଟି, କେତେବେଳେ ସାତଟି ଆଉ କେତେବେଳ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିପାରିଛନ୍ତି ବୋଲି ତାଲିକା ଜାରି କରି ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ସବୁଠାରୁ ଯୋଗ୍ୟ ବୋଲି ପ୍ରମାଣିତ କରିବାରେ ଲାଗିଲେ।

ତଥାକଥିତ ସେଇ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବା ସମ୍ବନ୍ଧରେ ନିରପେକ୍ଷ ବିଶେଷଜ୍ଞଙ୍କ ପର୍ଯ୍ୟାଲୋଚନା ସଂକ୍ଷେପରେ ଏହିପରି। ଆଠଟି ଯୁଦ୍ଧରୁ ଦୀର୍ଘ ଦିନ ଧରି ଚାଲିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂଘର୍ଷ, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟି ଚାଲିଛି, ତାହାହେଲା ରୁଷ-ୟୁକ୍ରେନ ଯୁଦ୍ଧ(ଆରମ୍ଭ ୨୪ ଫେବୃୟାରୀ୨୦୨୨) ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧ (ଆରମ୍ଭ ୭ଅକ୍ଟୋବର୨୦୨୩)। କିନ୍ତୁ ଏହି ଯୁଦ୍ଧ ଦୁଇଟି ବନ୍ଦ କରିବା ଦିଗରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଲାଭପ୍ରଦ ହୋଇପାରି ନାହିଁ। କେବଳ ସେ କିଛିଟା ହାକିମାତି କରି ଯଥାକ୍ରମେ ପ୍ରାଥମିକ ଭାବରେ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କ ସହିତ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁଙ୍କୁ ହମାସ ପ୍ରତିପକ୍ଷଙ୍କ ସହ ଆଲୋଚନା ଟେବୁଲକୁ ଆଣିଛନ୍ତି। ଆମେରିକାର ମଧ୍ୟସ୍ଥତାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ରାଜିନାମା ହୋଇ ସାମୟିକ ଭାବରେ ଗାଜାର କିଛି ଇଲାକାରୁ ଇସ୍ରାଏଲ ସୈନ୍ୟ ଅପସାରଣ କରିଥିଲା ଏବଂ ତା'ବଦଳରେ ହମାସ୍ କିଛି ମୃତ ଓ ଜୀବିତ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକରୁ ମୁକ୍ତ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ରାଜିନାମାକୁ ଉଲ୍ଲଂଘନ କରିବା ଦ୍ୱାରା ସଂଘର୍ଷ ଜାରି ରହିଛି।

ସେମିତି ଆର୍ମେନିଆ ଓ ଆଜର୍ବାଇଜାନ୍ ମଧ୍ୟରେ, ରୁଆଣ୍ଡା ଓ କଙ୍ଗୋ ମଧ୍ୟରେ ବିବାଦ। ଯଦିଓ ପଡ଼ୋଶୀ ଦେଶ ହିସାବରେ ସେମାନଙ୍କ ମଧ୍ୟରେ ଅନେକ ଦିନ ହେଲା ବିବାଦ ରହି ଆସିଛି, ବର୍ତ୍ତମାନ ସମୟରେ ସେମିତି ପୂର୍ଣ୍ଣଯୁଦ୍ଧ ହୋଇ ଧନଜନ କ୍ଷୟ ଘଟି ନଥିଲା। ହୁଏତ ଟ୍ରମ୍ପ ନିଜ ସପକ୍ଷରେ ନୋବେଲ ଶାନ୍ତି ପୁରସ୍କାର ସୁପାରିସ ପାଇଁ ବାଣିଜ୍ୟରେ ସେହି କ୍ଷୁଦ୍ର ଦେଶମାନଙ୍କୁ ସୁବିଧା ଦେବା ଭିତ୍ତିରେ କିଛି ଗୋଟେ ରାଜିନାମା କରାଇ ନେଇଥିଲେ, ଯାହା କୌଣସି ଦୀର୍ଘମିଆଦୀ ବ୍ୟବସ୍ଥା ନଥିଲା। ଏବେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ'। ଚଳିତ ବର୍ଷ ଜୁନ୍ ମାସରେ ସମାପ୍ତ ହୋଇଥିବା ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ଇରାନକୁ ପରମାଣୁ ଶକ୍ତି ବିକଶିତ କରିବାରୁ ବଞ୍ଚିତ କରିବାକୁ ତା'ଉପରେ ଇସ୍ରାଏଲ ସହିତ ମିଶି ବୋମାମାଡ଼ କରି ସଫଳ ହୋଇଥିଲା ଏବଂ ବାରଦିନର ଯୁଦ୍ଧ ପରେ ଏଥିରୁ ବିରତ ରହିଥିଲା। ଏଥିରେ ମଧ୍ୟ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଅନୁଗତ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କଠାରୁ ସୁପାରିସ ଆଦାୟ କରିଥିଲେ। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଗୋଟିଏ ସପ୍ତାହର ଯୁଦ୍ଧ ପରେ ଯୁଦ୍ଧ ବିରତି ଘୋଷଣା କରିଥିଲେ, ଯାହା ଅବଶ୍ୟମ୍ଭାବୀ ଥିଲା ମାଲେସିଆର ମଧ୍ୟସ୍ଥତା ଦ୍ୱାରା। କିନ୍ତୁ ଯେହେତୁ ଦୁଇ ଦେଶର ଅର୍ଥନୀତି ଆମେରିକା ସହିତ ବାଣିଜ୍ୟ ଉପରେ ନିର୍ଭରଶୀଳ ତେଣୁ ଟ୍ରମ୍ପ ବାଣିଜ୍ୟ ରାଜିନାମା କରେଇ ସେମାନଙ୍କଠାରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାଇଥିଲେ ସୁପାରିସପତ୍ର।

ଭାରତର 'ଅପରେସନ ସିନ୍ଦୂର' ଥିଲା ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀଙ୍କ ବିପକ୍ଷରେ ଏକ ସଂକ୍ଷିପ୍ତ ବାୟୁସେନା କାର୍ଯ୍ୟାନୁଷ୍ଠାନ। ମେ' ମାସ ୭ ତାରିଖରୁ ମେ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହେବା ପରେ ପାକିସ୍ତାନର ସାମରିକ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ସେନା ଦ୍ୱାରା ଯୁଦ୍ଧ ବିରତି କରାଯାଇଥିଲା। ଏହା ଦ୍ୱିପାକ୍ଷିକ ରାଜିନାମା ଥିଲା ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟକ୍ତିଗତ ଭାବରେ କିଛି ଭୂମିକା ନଥିଲା ବୋଲି ଭାରତ ସରକାରଙ୍କ ଦ୍ୱାରା କୁହାଯାଇଛି। ପାକିସ୍ତାନ ଆମେରିକା ସହିତ ବାଣିଜ୍ୟ ସୁବିଧା ପାଇବା ଲକ୍ଷ୍ୟରେ ଟ୍ରମ୍ପଙ୍କୁ ଯୁଦ୍ଧ ବିରତିର ଶ୍ରେୟ ଦେଇ ତାଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଠିକାର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସାକ୍‌ଦାର ସ୍ୱୀକାର କରିଥିଲେ ଯେ ଏହା ଦୁଇ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଥିଲା ଏକ ଦ୍ୱିପାକ୍ଷିକ ବିଷୟ।

ଆଉ ଦୁଇଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବାର ଦାବି କରିଥିଲେ ଟ୍ରମ୍ପ। ସେଗୁଡ଼ିକ ହେଲା ଇଜିପ୍ଟ ଓ ଇଉଥୋପିଆ ମଧ୍ୟରେ ନୀଳ ନଦୀର ଜଳ ବଣ୍ଟନ ସମ୍ବନ୍ଧୀୟ ଏବଂ ସର୍ବିଆ ଓ କୋଶୋଭ ମଧ୍ୟରେ ସୀମା ସମ୍ବନ୍ଧୀୟ ବିବାଦ। ପ୍ରକୃତ ପକ୍ଷେ ଏହି ଦେଶମାନଙ୍କ ପରସ୍ପର ମଧ୍ୟରେ ସମସ୍ୟା ଥିଲେ ମଧ୍ୟ ସେମାନେ ଯୁଦ୍ଧ କରିନଥିଲେ। ତେଣୁ ଯୁଦ୍ଧ ବନ୍ଦ କରିବାର ପ୍ରଶ୍ନ ନଥିଲା। ତେଣୁ ଏହିସବୁ ଆଲୋଚନାରୁ ପ୍ରତୀୟମାନ ହେବା କଥା ଟ୍ରମ୍ପଙ୍କ ତଥାକଥିତ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିଥିବାର ଦାବି କେବଳ ନରୱେ ନୋବେଲ କମିଟି ଉପରେ ଚାପ ପାଇଁ ଉଦ୍ଦିଷ୍ଟ ଥିଲା। ଅନ୍ୟଥା ବିଶ୍ୱରେ ସ୍ଥାୟୀ ଶାନ୍ତି ବାହାଲ ସମ୍ଭାବନା ଅନେକ ଦୂରରେ ଅଟକି ଯାଇଥିଲା। ଅବଶ୍ୟ ବଡ଼ଭାଇ ପଣିଆ ଦେଖାଇ ଅନେକ ଛୋଟଛୋଟ ଦେଶ ସହିତ ଆମେରିକାର ସ୍ୱାର୍ଥ ଅନୁଯାୟୀ ବାଣିଜ୍ୟ ଚୁକ୍ତି କରିବାରେ ସଫଳ ହୋଇପାରିଥିଲେ ଡୋନାଲ୍ଡ ଟ୍ରମ୍ପ।

ଗଣମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ବନ୍ଦ କରିବାର ଆକର୍ଷକ ଭାଷଣ ଦେଉଥିବା ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟକ୍ଷେତ୍ରରେ ବିପରୀତ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ରହିଛି। ସେ ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାରୁ ଓହରି ଆସିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଛନ୍ତି, ଯୁଦ୍ଧାସ୍ତ୍ର ନିରସ୍ତ୍ରୀକରଣ ପାଇଁ ହୋଇଥିବା ରାଜିନାମାକୁ ଉଲ୍ଲଂଘନ କରିଛନ୍ତି, ଯାହା ବିଶ୍ୱରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ପଥ ପରିଷ୍କାର କରିଦେଇଛି। ଅଧିକନ୍ତୁ ନାଟୋର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ତା'ର ଭୂମିକାକୁ ପରିହାସ କରୁଥିଲା ବେଳେ ମିଳିତ ଜାତିସଂଘକୁ ନ୍ୟୂନ କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ କମାଇ ଦେଇଛନ୍ତି। ସର୍ବୋପରି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଟାରିଫ୍ ଯୁଦ୍ଧର ଆହ୍ୱାନ ଦେଇ ଅସ୍ଥିରତା ସୃଷ୍ଟି କରିଛନ୍ତି। ଭାରତ ଭଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି ଏବଂ ଆମେରିକାର ଏପର୍ଯ୍ୟନ୍ତ ବନ୍ଧୁଭାବାପନ୍ନ ବିବେଚିତ ହେଉଥିବା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶ୍ୱ ରାଜନୀତିରେ ଜଣେ ସ୍ୱେଚ୍ଛାଚାରୀ ଅସ୍ଥିରତା ସୃଷ୍ଟିକାରୀ ବିବାଦୀୟ ବ୍ୟକ୍ତି ଭାବେ ପରିଚିତ କରାଇଛି। ତାଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଚିତ୍ର ବିଶ୍ୱ ଐକବଦ୍ଧତା ପାଇଁ ଉଦ୍ଦିଷ୍ଟ ନ ହୋଇ ବରଂ ସେଥିରେ ବିଭେଦ ଆଣିଲା ଭଳି ପ୍ରତୀୟମାନ ହେଉଛି।


କଟକ, ମୋ: ୯୪୩୭୩୬୦୯୮୧

## ଭାରତରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

**ଇଂ ମାୟାଧର ସ୍ୱାଇଁ**

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଙ୍ଘାତିକ ରୂପ ନେଇଛି। ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଅନେକ ସମୟରେ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି। ଏହାର ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନିକଟରେ କୃତ୍ରିମ ବର୍ଷା କରିବା ପାଇଁ ଚେଷ୍ଟା କରିଥିଲେ। ପୃଥିବୀର ଅତିପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ରହିଛି।

ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ନିକଟରେ ଲାନସେଟ୍ ସଂସ୍ଥା ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ସମଗ୍ର ପୃଥିବୀରେ ମୃତ୍ୟୁବରଣ କରୁଥିବା ବ୍ଯକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ସଂଖ୍ୟା ହେଉଛି ୨୦୧୦ ମସିହା ତୁଳନାରେ ୩୮ ପ୍ରତିଶତ ଅଧିକ। ତୁଳନାତ୍ମକ ଭାବେ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୨୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।



ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନର ଦହନ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ବିଭିନ୍ନ କଳକାରଖାନାରେ କୋଇଲା ବ୍ୟବହାର ଯୋଗୁଁ ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ହୋଇଥାଏ। ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାରରୁ ବାୟୁମଣ୍ଡଳକୁ ପିଏମ ୨.୫ ସମେତ ଅନ୍ୟ ପ୍ରଦୂଷଣ ନିର୍ଗତ ହୋଇଥାଏ। ରାସ୍ତା ଓ କୋଠାବାଡ଼ି ନିର୍ମାଣ, ଜଙ୍ଗଲ ପୋଡ଼ି, ନଡ଼ା ପୋଡ଼ି ମଧ୍ୟ ବାୟୁପ୍ରଦୂଷଣର ଅନ୍ୟ କାରଣ। ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ସମେତ ଆଖପାଖରେ ପ୍ରଦୂଷଣ ମାତ୍ରା ବଢୁଛି।

ଲାନସେଟ୍ ରିପୋର୍ଟ ଅନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ମୃତ୍ୟୁରେ କୋଇଲା ଓ ତରଳ ଗ୍ୟାସ୍ ଇନ୍ଧନ ୪୪ ପ୍ରତିଶତ ପାଇଁ ଦାୟୀ। ଏଥିଯୋଗୁଁ ବର୍ଷକୁ ୭୫୨୦୦୦ ମୃତ୍ୟୁ ଘଟୁଛି। ଯାନବାହନ ପ୍ରଦୂଷଣ ଯୋଗୁଁ ୨୬୯୦୦ ମୃତ୍ୟୁ ହେଉଛି। ୨୦୨୦-୨୦୨୪ ମସିହା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ପ୍ରଦୂଷଣ ଯୋଗୁଁ ବର୍ଷକୁ ହାରାହାରି ୧୦୨୦୦ ଲୋକଙ୍କ ମୃତ୍ୟୁ ହୋଇଛି। ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟା ଜନିତ ଓ ହୃତ୍‌ପିଣ୍ଡ ରୋଗ ହୋଇଥାଏ। ଏହା ଫୁସଫୁସରେ କର୍କଟ ରୋଗ ମଧ୍ୟ ସୃଷ୍ଟି କରିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ବାୟୁ ପ୍ରଦୂଷଣ ବିଶେଷଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅଧିକ କ୍ଷତି କରିଥାଏ। ଏହା ଆଲଜେମିର ଓ ପାର୍କିନସନ ଭଳି ମାନସିକ ରୋଗ ସୃଷ୍ଟି କରିଥାଏ।

ଆମ ଦେଶରେ ସମଗ୍ର ବିଦ୍ୟୁତ୍ ଉତ୍ପାଦନର ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି। ତାପଜ ବିଦ୍ୟୁତ୍ ହେଉଛି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ। ଏଣୁ ଅନ୍ତର୍ଜାତୀୟ ସ୍ତରରେ ଏହାର ପରିମାଣକୁ ହ୍ରାସ କରି ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦିଆଯାଇଛି। ଖୁସିର କଥା ଯେ ୨୦୨୫ ମସିହାର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱରେ ଅକ୍ଷୟ ଶକ୍ତିରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତିର ପ୍ରତିଷ୍ଠିତ କ୍ଷମତା ୫୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିମାଣ ଯେତେ ଅଧିକ ହେବ ଜଳବାୟୁ ପରିବର୍ତ୍ତନ ହ୍ରାସ ହେବା ସହିତ ବାୟୁ ପ୍ରଦୂଷଣ ମଧ୍ୟ କମ ହୋଇ ପାରିବ।

ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ହେଉଛି ଯାନବାହନ। ଏହାର ନିରାକରଣ ପାଇଁ ବିଦ୍ୟୁତ୍‌ଚାଳିତ ଯାନର ବିକାଶ କରାଯାଇଛି। କିନ୍ତୁ ଅଧିକ ମୂଲ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଯୋଗୁଁ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିନାହିଁ। ମାତ୍ର ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏହି ଅସୁବିଧାଗୁଡ଼ିକ କ୍ରମଶଃ ଦୂର ହୋଇପାରିବ। ୨୦୩୦ ମସିହା ପରେ ଭାରତରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହନର ଉତ୍ପାଦନ ବନ୍ଦ କରିଦେବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଉଦଜାନ ଇନ୍ଧନ ମଧ୍ୟ ହେଉଛି ଯାନବାହନ ପାଇଁ ଅନ୍ୟ ଏକ ବିକଳ୍ପ ଉତ୍ସ। ଏହାର ବିକାଶ ପାଇଁ ଯୋଜନା ଚାଲିଛି।

ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶୁଦ୍ଧ ଜଳ ଶୁଦ୍ଧ ବାୟୁ ଦେବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ। ଏବେ ମଧ୍ୟ ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି ଏବଂ ଏଥିଯୋଗୁଁ ଅନେକ ମହିଳା ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ କେତେବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ। ମୋଟାମୋଟି କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଚେଷ୍ଟା ଚାଲିଛି ଏବଂ ବିଚାରାଳୟର ନିର୍ଦ୍ଦେଶ ମଧ୍ୟ ଆସୁଛି। ଲୋକମାନଙ୍କର ସୁସ୍ଥ ଜୀବନଯାପନ ପାଇଁ ଏହାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## 'ଘଟକୁଦେବତା' ଭାବେ ପୂଜା ପାଆନ୍ତି ଘଟୋତ୍କଚ

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପଞ୍ଚପାଣ୍ଡବଙ୍କ ବନବାସ ସମୟରେ ବଳଶାଳୀ ଭୀମଙ୍କର ବିବାହ ଘଟଣାକ୍ରମେ ଅସୁରୁଣୀ ହିଡ଼ିମ୍ବାଙ୍କ ସହିତ ହୋଇଥିଲା। ସେମାନଙ୍କ ଔରସରୁ ଘଟୋତ୍କଚ ନାମକ ଅତ୍ୟନ୍ତ ବଳଶାଳୀ ପୁତ୍ରର ଜନ୍ମ ହେଲା। ଘଟୋତ୍କଚ ବଳବାନ ସହିତ ସମସ୍ତ ତନ୍ତ୍ରମନ୍ତ୍ର ଓ ମାୟାବୀ ଶକ୍ତିର ଅଧିକାରୀ ଥିଲେ। ତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଇନ୍ଦ୍ରଜାଲ ବିଦ୍ୟା ସିଦ୍ଧିର ବରଦାନ ମଧ୍ୟ ମିଳିଥିଲା। ତେଣୁ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। କାଳାନ୍ତରରେ ଘଟୋତ୍କଚ ଦେବତା ଭାବେ ପୂଜା ପାଇଥିଲେ।

ଭାରତର ଅନେକ ସ୍ଥାନରେ ଘଟୋତ୍କଚଙ୍କ ମନ୍ଦିର ଥିଲେ ମଧ୍ୟ ଉତ୍ତରାଖଣ୍ଡର ଚମ୍ପାବତଠାରେ ଥିବା ଘଟୋତ୍କଚ ମନ୍ଦିର ମୁଖ୍ୟ ବୋଲି କୁହାଯାଏ। ଚମ୍ପାବତଠାରୁ ମାତ୍ର ୨ କିଲୋମିଟର ଦୂର ଚମ୍ପାବତ-ତାମିଲ ମାର୍ଗସ୍ଥିତ ମଲ୍ଲୀଚୌକ୍‌ଠାରେ ଏହି ମନ୍ଦିର ଅବସ୍ଥିତ। ସ୍ଥାନୀୟ ଲୋକମାନେ ଘଟୋତ୍କଚଙ୍କୁ 'ଘଟକୁ ଦେବତା' ଭାବେ ପୂଜା କରି ଆସୁଛନ୍ତି। ତେଣୁ ମନ୍ଦିରଟି 'ଘଟକୁ ମନ୍ଦିର' ଭାବେ ପରିଚିତ। କେତେକ ଐତିହାସିକଙ୍କ ମତାନୁସାରେ ଏହି ମନ୍ଦିର ୧୭ ଶତାବ୍ଦୀରେ ଚନ୍ଦ୍ରବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ଅମୋଘ ଶକ୍ତି ପ୍ରୟୋଗ ଫଳରେ ଘଟୋତ୍କଚଙ୍କ ଶିରଚ୍ଛେଦ ହୋଇଥିଲା। ଘଟୋତ୍କଚଙ୍କ ଶିର ଯେଉଁ ସ୍ଥାନରେ ପଡ଼ିଥିଲା, ସେଠାରେ ଏହି ମନ୍ଦିର ନିର୍ମାଣ ହୋଇଛି ବୋଲି ଜନଶ୍ରୁତି ଅଛି। ମନ୍ଦିର ନିକଟରେ ଗୋଟିଏ ନୌଲା ଅର୍ଥାତ୍ ଛୋଟ କୁଣ୍ଡ ଅଛି, ଯାହା ଭିତରକୁ ପୂଜାରୀ ହାତ ବଢ଼ାଇଲେ କେଶ ଭଳି ଅନୁଭବ ହୋଇଥାଏ। ଏହି କୁଣ୍ଡର ଆଉ ଏକ ଅଲୌକିକତା ହେଉଛି, ଏଥିରେ ଯେତେ ପାଣି ଭର୍ତ୍ତି କଲେ ମଧ୍ୟ ଏହା ପୂର୍ଣ୍ଣ ହୁଏନାହିଁ। କିନ୍ତୁ ବର୍ଷା ହେବାର ପୂର୍ବ ସୂଚନା ଭାବେ ଏହି କୁଣ୍ଡରେ ପାଣି ଆପେ ଆପେ ଭରିଯାଇ ବାହାରକୁ ବୋହି ଚାଲେ। ଏହି ମନ୍ଦିର ନିକଟରେ ମାତା ହିଡ଼ିମ୍ବାଙ୍କ ଏକ ମନ୍ଦିର ମଧ୍ୟ ଅଛି।

ଅନ୍ୟ ଏକ ଲୋକକଥା ରହିଛି ଯେ, ଘଟୋତ୍କଚଙ୍କ ଶିର ଯେଉଁଠି ପଡ଼ିଥିଲା, ସେଠାରେ ଗୋଟିଏ ବିଶାଳ ଜଳାଶୟ ସୃଷ୍ଟି ହୋଇଥିଲା। ଯୁଦ୍ଧ ପରେ ପଞ୍ଚପାଣ୍ଡବ ଘଟୋତ୍କଚଙ୍କ ଛିନ୍ନଶିର ସନ୍ଧାନ କରିଥିଲେ ମଧ୍ୟ ସଫଳ ହେଲେ ନାହିଁ। ପରବର୍ତ୍ତି ସମୟରେ ଘଟୋତ୍କଚ ସ୍ୱପ୍ନରେ ଦେଇଥିବା ସୂଚନା ଅନୁଯାୟୀ ଭୀମ ଉକ୍ତ ସ୍ଥାନକୁ ଯାଇଥିଲେ। ସେ ସେଠାରେ ପ୍ରଥମେ ଭଗବତୀ ଅଖିଳତାରିଣୀଙ୍କୁ ସୁମରଣା କରି ଗଦା ଦ୍ୱାରା ଜଳାଶୟର କୂଳକୁ ପ୍ରହାର କଲେ। ଜଳ ନିଷ୍କାସିତ ହେବା ପରେ ଘଟୋତ୍କଚଙ୍କ ଶିରକୁ ଉଦ୍ଧାର କରି ସେଠାରେ ଶ୍ରାଦ୍ଧ କର୍ମ କରିଥିଲେ। ଭୀମ ଯେଉଁଠି ଶ୍ରାଦ୍ଧ କରିଥିଲେ, ସେହି ଯଜ୍ଞକୁଣ୍ଡ, ଦୀପ ଓ ଶ୍ରାଦ୍ଧସ୍ଥାନ ଆଜି ମଧ୍ୟ ସେଠାରେ ପଥରଖଣ୍ଡ ଆକାରରେ ରହିଛି। ଯେଉଁ ଶିଳା ଉପରେ ଭୀମ ଶ୍ରାଦ୍ଧକର୍ମ କରିଥିଲେ, ତାହାକୁ ବର୍ତ୍ତମାନ 'ଧର୍ମଶିଳା' ଭାବେ ପୂଜା କରାଯାଉଛି। ବିଭିନ୍ନ ପର୍ବପର୍ବାଣୀରେ ଏହି ଶିଳା ଉପରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି।

ମନାଲିଠାରେ ହିଡ଼ିମ୍ବା ମନ୍ଦିର ନିକଟରେ ଘଟୋତ୍କଚ ଗୋଟିଏ ବିଶାଳ ବୃକ୍ଷ ରୂପରେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରକୁ 'ଘଟୋତ୍କଚ ବୃକ୍ଷ ମନ୍ଦିର' ବୋଲି କୁହାଯାଉଛି। ଏହି ବିଶାଳ ବୃକ୍ଷ ଅନେକ ରହସ୍ୟରେ ପରିପୂର୍ଣ୍ଣ। ବୃକ୍ଷର ଗଣ୍ଡିରେ ଅଗଣିତ ଶିଂଘ (ମଇଁଷି ଶିଂଘ ଭଳି) ଲାଗିରହିଛି। ଏହା କିଭଳି ଓ କାହିଁକି ରହିଛି, ସେ ସମ୍ପର୍କରେ ପ୍ରାୟ ସମସ୍ତେ ଅଜ୍ଞ। ଏହାବ୍ୟତୀତ ବୃକ୍ଷ ଚାରିପଟେ ଲୌହନିର୍ମିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କୁହନ୍ତି ଯେ, ଘଟୋତ୍କଚ ଜଣେ ବୀର ହୋଇଥିବାରୁ ଲୋକମାନେ ମାନସିକ ପୂରଣ ପାଇଁ ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଭେଟି ଦେଉଥିଲେ। କାଳକ୍ରମେ ଏହା ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ଏବେ ମଧ୍ୟ ଅନେକ ଲୋକ ଲୌହନିର୍ମିତ ଧାରୁଆ ଅସ୍ତ୍ରଶସ୍ତ୍ର ଏଠାରେ ଅର୍ପଣ କରୁଛନ୍ତି। ଅନ୍ୟମତରେ ଶତାଧିକ ବର୍ଷ ପୂର୍ବରୁ ଘଟୋତ୍କଚ ମନ୍ଦିରରେ ବଳି ପ୍ରଥାର ପ୍ରଚଳନ ଥିଲା। ଲୋକମାନେ ଘଟୋତ୍କଚଙ୍କୁ ପ୍ରସନ୍ନ କରି ମାନସିକ ପୂରଣ କରିବା ପାଇଁ ପଶୁମାନଙ୍କୁ ବଳି ଦେଉଥିଲେ ଏବଂ ସେଥିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେଠାରେ ରଖି ଦେଇ ଆସୁଥିଲେ।

ଇଣ୍ଡୋନେସିଆରେ ମଧ୍ୟ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜା କରାଯିବା ସହିତ ତାଙ୍କୁ 'ସାତ୍ରିଆ ଓଟୋଟ କାବତ ବାଲୁଙ୍ଗ ୱେସି'ର ଉପନାମ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି 'ଶକ୍ତ ତାରର ମାଂସପେଶୀ ଓ ଲୁହାର ହାଡ଼ଯୁକ୍ତ ମହାନ ବଳଶାଳୀ ଯୋଦ୍ଧା'। ଜାବାନିସ୍ ଓ ବାଲିର ଲୋକମାନେ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜିବା ସହିତ ବିଭିନ୍ନ ପାରମ୍ପରିକ କଳାକୃତିରେ ମଧ୍ୟ ଘଟୋତ୍କଚଙ୍କୁ ରୂପ ଦେଇଥା'ନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମାତ୍ରାଧିକ ମୂଲ୍ୟ ବୃଦ୍ଧି**

## ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ

ପୁରୀ, ୬।୧୧(ସମିସ): ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ। ମାତ୍ରାଧିକ ମୂଲ୍ୟବୃଦ୍ଧି ଯୋଗୁଁ ଶ୍ରଦ୍ଧାଳୁ ଏହାକୁ କିଣିବାକ ପଛଘୁଞ୍ଚା ଦେଉଛନ୍ତି। ୨୦୨୩ ମସିହାରେ ଗୋଟିଏ ଚକ (ଯେକୌଣସି ରଥ)ର ଦର ରହିଥିଲା ୫୦ ହଜାର ଟଙ୍କା। ସେହିପରି ପ୍ରଭାଗୁଡ଼ିକର ଦର ଥିଲା ୨୫ହଜାର ଟଙ୍କା। ଅଁଶୁଆରୀ ଓ କୋଣଗୁଜର ଦର ରହିଥିଲା ଗୋଟା ପ୍ରତି ୧୦ ହଜାର ଟଙ୍କା।



**ପୁଣି ସଂଶୋଧିତ ଏସ୍‌ଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ**

କିନ୍ତୁ ଏବର୍ଷ ଏହା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ ରଥଯାତ୍ରା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ଜୁନ୍‌ରେ ଜାରି ଏସ୍‌ଓପି ଅନୁଯାୟୀ, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦେଢ଼ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ସେହିପରି ଗୁଜ ଓ ଅଁଶୁଆରୀ ଗୋଟା ପିଛା ଦାମ୍ ୧୫ହଜାର ଟଙ୍କା, ପ୍ରଭା ପିଛା ୨୫ହଜାର ଟଙ୍କା ରହିଥିଲା। ଯଦି କେହି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ ନିଅନ୍ତି, ତେବେ ୬ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଥିଲା। ଏହି ଆବେଦନର ଶେଷ ତାରିଖ ଗତ ସେପ୍ଟେମ୍ବର ୧୫ତାରିଖ ରହିଥିଲା। ହେଲେ ଚକଗୁଡ଼ିକର ଦାମ୍ ଏତେ ଅଧିକ ଥିବାରୁ କିଣିବାକୁ କେହି ଆଗ୍ରହ ଦେଖାଉନାହାନ୍ତି।

ତେଣୁ ପୁଣିଥରେ ସଂଶୋଧିତ ଏସ୍‌ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଦର ପ୍ରାୟ ସମାନ ଥିବା ବେଳେ କେବଳ ଆବେଦନର ତାରିଖ ବୃଦ୍ଧି କରାଯାଇ ନଭେମ୍ବର ୧୦ତାରିଖ ରଖାଯାଇଛି। ଆବେଦନର ଶେଷ ତାରିଖ ପର ୧୫ ଦିନ ଭିତରେ ରଥ ଉପକରଣଗୁଡ଼ିକ ଦିଆଯିବା ନେଇ ଏସ୍‌ଓପିରେ ସୂଚନା ଦିଆଯାଇଛି।

ଚକଗୁଡ଼ିକର ମାତ୍ରାଧିକ ଦରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ। ଏହାଦ୍ୱାରା ଚକଗୁଡ଼ିକ ନେବାକୁ ବିଭିନ୍ନ ଧର୍ମପୀଠ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି। ଏଣୁ, ମୂଲ୍ୟକୁ ନେଇ ପୁନର୍ବାର ବିଚାର କରିବାର ଆବଶ୍ୟକତା ରହିଛି। ମହାପ୍ରଭୁଙ୍କ ମହିମା ଓ ଗରିମାକୁ ନେଇ ଚକ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ବଜାୟ ରଖିବା ପାଇଁ ସେବାୟତ ମତ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗୀ ଜଡ଼ିତ ଧର୍ମସ୍ଥଳୀକୁ ମାଗଣାରେ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ପୁରୀର ଅନେକ ମନ୍ଦିର ରହିଛି, ଯାହା ମହାପ୍ରଭୁଙ୍କ ରୀତିନୀତି ସହ ସମ୍ପୃକ୍ତ। ସେହି ମନ୍ଦିରକୁ ଅଗ୍ରାଧିକାର ଭିତ୍ତିରେ ନିଃଶୁଳ୍କ ଚକ ଯୋଗାଇ ଦିଆଯିବା ଦରକାର। ଫଳରେ ଚକଗୁଡ଼ିକର ପବିତ୍ରତା ରକ୍ଷା ସହିତ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଯୁକ୍ତି ବାଢ଼ିଛନ୍ତି।

## ନବୀନଙ୍କ ନିର୍ବାଚନୀ ସଭା ଭଣ୍ଡୁର କରିବାକୁ ବିଜେପି ଚକ୍ରାନ୍ତ କରୁଛି: ବିଜେଡି

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ସୋ' କରିବେ ଏବଂ ଏକ ନିର୍ବାଚନ ସଭାକୁ ସମ୍ବୋଧନ କରିବେ। କିନ୍ତୁ ଏହି ରୋଡ୍ ସୋ' ଓ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ବିଜେପି ଚକ୍ରାନ୍ତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେପିର ଆଜି ଆୟୋଜିତ ନିର୍ବାଚନ ସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।



**■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ବିଜେଡି**
**■ ନବୀନଙ୍କ ପ୍ରଚାର ବେଳେ ବିଜେପି କର୍ମୀ ବିଶୃଙ୍ଖଳା କରିବା ନେଇ ଆଶଙ୍କା**
**■ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି**

ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ସୁଲତା ଦେଓ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଆସନ୍ତା ଶୁକ୍ରବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା ଓ ରୋଡ୍ ସୋ'କୁ ଭଣ୍ଡୁର କରିବା ପାଇଁ ବିଜେପି ନେତା ଓ କର୍ମୀମାନେ ଚକ୍ରାନ୍ତ କରୁଛନ୍ତି। ରୋଡ୍ ସୋ'ରେ ବିଶୃଙ୍ଖଳା କରିବା, ପଥରମାଡ଼ କରିବା ଓ ଉତ୍ତେଜନା ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଅଭିଯୋଗ କରିଛି। ଆସନ୍ତାକାଲି ହେବାକୁ ଥିବା ନିର୍ବାଚନୀସଭା ଓ ରୋଡ୍ ସୋ'କୁ ଶୃଙ୍ଖଳିତ ତଥା ନିରାପଦ ଭାବେ ଆୟୋଜନ କରିବା ଏବଂ ବିରୋଧୀ ଦଳ ନେତାଙ୍କ ସୁରକ୍ଷାର ସମସ୍ତ ବ୍ୟବସ୍ଥା କରିବା ପାଇଁ ବିଜେଡି ପ୍ରତିନିଧିଦଳ ଏକ ସ୍ମାରକପତ୍ର ଦେଇ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆଜି ଆୟୋଜିତ ବିଜେପିର ବିଭିନ୍ନ ସାଧାରଣ ସଭା ପାଇଁ ନୂଆପଡ଼ାରେ ଟ୍ରାଫିକ୍ ବିଶୃଙ୍ଖଳା, ବେଆଇନ ଭାବେ ରାସ୍ତା ଅବରୋଧ କରି ବିଜେପି ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରିଛି। ଏହି ସମସ୍ତ ନିର୍ବାଚନ ସଭା ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବୋଧିତ ହୋଇଥିବାରୁ ଆଚରଣ ବିଧିର ଉଲ୍ଲଂଘନକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ଗୀତାଞ୍ଜଳି ପ୍ରଧାନ, ଜ୍ୟୋତ୍ସ୍ନା ପରିଡ଼ା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

**ଉପକୂଳ ଓ ରେଳବାଇ ସୁରକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ଯୋଜନା**

## ଉପକୂଳ ସୁରକ୍ଷା ପାଇଁ ବ୍ୟୟ ହେବ ୧୪୯.୯୫ କୋଟି

ଭୁବନେଶ୍ୱର,୬।୧୧(ସମିସ): ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ପୁଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପୁଲିସ ଭବନଠାରେ ପୁଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ

**■ ୧୫ ଜିଆର୍‌ପିଏସ୍‌ରେ ହେବ ସିସିଟିଭି ମନିଟରିଂ ସେଣ୍ଟର**
**■ ଗଠନ ହେବ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର**

ଦକ୍ଷତା ବୃଦ୍ଧି କର୍ମଶାଳାଯୋଗ ଦେଇ ସେ କହିଛନ୍ତି ଯେ ୩୨ଟି ମାଛ ଧରା ବନ୍ଦର ଓ ଫିସିଂ ହାର୍ବର୍‌କୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏହା ସହ ସମସ୍ତ ୧୫ଟି ଜିଆର୍‌ପିଏସ୍‌ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅନ୍ତର୍ଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗୁଜୁରାଟର ଅବସରପ୍ରାପ୍ତ ଡିଜିପି ଡା. କେଶବ କୁମାର ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହାସହ ରେଳବାଇ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆଇଜିପି ଆର୍‌ପିଏଫ୍ ଅଲୋକ ବୋହରା ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି (ରେଳବାଇ ଓ ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**୮୪ତମ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ**

## ଆଜି ଉଦ୍‌ଘାଟନ କରିବେ ଗଡ଼କରୀ

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ୮୪ତମ ଇଣ୍ଡିଆନ ରୋଡ କଂଗ୍ରେସ(ଆଇଆରସି)କୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଉଦ୍‌ଘାଟନ କରିବେ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଓଡ଼ିଶା ଆଇଆର୍‌ସି ଆୟୋଜନ କରିବାକୁ ଯାଉଛି। ସଡ଼କ ଭିତ୍ତିଭୂମିକୁ ନେଇଏହି ବୃହତ୍ ସମ୍ମିଳନୀ ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ

**■ ଯୋଗଦେବେ ୩୫୦୦ ପ୍ରତିନିଧି**
**■ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ**
**■ ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ସଡ଼କ ନିର୍ମାଣର ଅତ୍ୟାଧୁନିକ ଜ୍ଞାନକୌଶଳ**

ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ବୋଲି ଗୁରୁବାର ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଇଆ୍ସି ସଂପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ। ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏ ନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜନ ହେଉଛି। ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃତ୍ତିଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ




ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡକ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସମ୍ଶ୍ଳିଷ୍ଟ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରୋତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଂଚାଳକ ଇଂ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍ତା, ହର୍ଷ ମଲହୋତ୍ରା, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ବ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ଉଦ୍‌ଘାଟନୀ ସମାରୋହ ପରେ ଆଇଆର୍‌ସିର ୨୩୫ତମ କାଉନସିଲ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆଇଆଇଟି, ଏନ୍‌ଆଇଟି, ଇଂଜିନିୟରିଂ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ। ଠିକାଦାର, ପରାମର୍ଶଦାତା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜିତ ହେବ ବୋଲି ଜଣାପଡ଼ିଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

By virtue of an affidavit sworn before Executive Magistrate, Kujang, dated 06-11-2025 I, **RASHMIREKHA SAHOO,** W/o Ganeswar Sahoo Permanent resident- At- Talapada (Bhaliapatana), Po- Rahama, Ps- Tritol, Dist- Jagatsinghpur, PIN-754140, State- Odisha declare that I have changed the name of my daughter's from **DIBYANISHA SAHOO** (Old name) to **DIBYA ANISHA SAHOO** (New name), Henceforth, she shall be known as **DIBYA ANISHA SAHOO** for all purposes.

Sd-( **RASHMIREKHA SAHOO**)

**AFFIDAVIT**

I, Golekha Chandra Swain, aged about 65 years, S/o- Late Netrananda Swain, resident of Vill: Sundarkani, PO: Japabhuan, PS: Erasama, Dist: Jagatsinghpur, PIN: 754139, Odisha declared by this affidavit No. 4780, dtd- 01/11/2025 that now onwards I shall be known as **GOLEKHA SWAIN** for all future purposes.

**AFFIDAVIT**

By virtue of an affidavit No.2669 sworn before the Executive Magistrate, Champua on dtd- 06/11/2025. I, **Bhupendra Kumar Mishra,** S/o- Krushna Chandra Mishra, permanent resident of Vill- Bdnpur Sasan, Champua, Po/Ps- Champua, Dist-Keonjhar, Odisha, Pin-758041. I have changed my minor daughter's name from **Susree Arpita Mishra** (old name) to **Arpita Mishra** (new name). Henceforth, she shall be known as **ARPITA MISHRA** (new name) for all future purposes.

**Bhupendra Kumar Mishra**

**AFFIDAVIT**

By virtue of an affidavit No-2841 sworn before the Executive Magistrate, Sukinda, Jajpur on dt 02/11/2025. I, **Sanjukta Mohanta**, W/o- Sanjay Kumar Mohanta resident of At- Kabata, Po- Lembo, Ps- Sukinda, Dist- Jajpur, Pin-755018. My son's birth certificate vide No. 4079/2017, issue dtd- 7/12/2017, name has been written **Himanshu Mohanta,** S/o- Sanjaya Mohanta (father) & Sanjukta Mohanta (mother) but in Aadhar card No. 676576991853 name has been written as **Sridhartha Mohanta,** I have declared that Himanshu Mohanta, S/o- Sanjaya Mohanta (father) & Sanjukta Mohanta (mother) and Sridhartha Mohanta, S/o Sanjaya Mohanta is same & one person. He will known as **Himanshu Mohanta** for all future purposes.

**Sanjukta Mohanta**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated- 01/11/2025. I, **Susena Nayak,** S/o Kanhu Charan Nayak, permanent resident of At- Sabak Dhanurjaypur, PO- Silitia, PS- Baria, Dist- Keonjhar, Odisha, PIN-758032 declare that I have changed my daughter's name from **Khiramani Nayak** to **Sunayana Nayak.** Henceforth, she shall be known as **Sunayana Nayak** (new name) for all purposes.

**Susena Nayak**

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

### ୭୩ ବର୍ଷରେ...

କିନ୍ତୁ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଗରିବ ଓ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଇତିମଧ୍ୟରେ କେତେକ ବିଜେପି ନେତା ଦୁଇଟି ରାଜ୍ୟରେ ମତଦାନ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଆର୍‌ଏସ୍‌ଏସ୍ ନେତା ତଥା ରାଜ୍ୟସଭା ସାଂସଦ ରାକେଶ ସିହ୍ନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଗତ ଫେବୃଆରୀରେ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ସିହ୍ନା ଭୋଟ୍ ଦେଇଥିବା ବେଳେ ଆଜି ପୁଣି ବିହାର ବିଧାନସଭା ନିର୍ବାଚନରେ ମତଦାନ କରିଛନ୍ତି। ସିହ୍ନା ନିଜେ ସେୟାର କରିଥିବା ଫଟୋକୁ ଆଜି କଂଗ୍ରେସ ଦେଖାଇଛି। କଂଗ୍ରେସ କହିଛି ଯେ ଦିଲ୍ଲୀରେ ମତଦାନ କରିଥିବା ସିହ୍ନା ବିହାରରେ କେମିତି ମତଦାନ କଲେ। କେବଳ ସିହ୍ନା ନୁହେଁ, ବିଜେପିର ଆଉ କେତେକ ନେତା ମଧ୍ୟ ଏଭଳି ମତଦାନ କରିଥିବା କଂଗ୍ରେସ କହିଛି। ଏହା ଭୋଟଚୋରି ନୁହେଁ ତ ଆଉ କ'ଣ ବୋଲି ପ୍ରଶ୍ନ କରିଛି କଂଗ୍ରେସ।

### ଉତ୍ତରାଖଣ୍ଡରେ ରାୟଗଡ଼ା...

ବାନ୍ଧି ନଦୀରେ ଫିଙ୍ଗି ଦେଇଥିଲା। ଅପରପକ୍ଷେ, ପୁଲିସ ସୃଷ୍ଟିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଇଛି।

ସୂଚନା ଅନୁଯାୟୀ, ସୃଷ୍ଟି ଉତ୍ତରାଖଣ୍ଡର ଲାଲପୁରସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀରେ ୬ ମାସ ହେଲା ଇଣ୍ଟର୍ଣ୍ଣସିପ୍ କରୁଥିଲେ। ସେ ଲାଲପୁରର ଭାରତୀୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପଛରେ କାମେଶ୍ୱର ସିଂହଙ୍କ ଘରେ ଏକ କୋଠରି ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଅପରାହ୍ଣରୁ ସୃଷ୍ଟିଙ୍କ ଫୋନ ବନ୍ଦ ରହିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ତେଣୁ ପରେ ବାଧ୍ୟ ହୋଇ ସେ ଭଡ଼ାରେ ରହୁଥିବା ଘରର ମାଲିକ ଓ ତାଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେମାନେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୂରଜ ଏବଂ ମନୀଷଙ୍କ ସହ ଲାଲପୁରଠାରେ ପହଞ୍ଚିଥିଲେ। ସେ ଲାଲପୁର ପୁଲିସ ଷ୍ଟେସନରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ।

ପୁଲିସ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ସେମାନେ କାମେଶ୍ୱର ସିଂହଙ୍କ ଘର ବିପରୀତରେ ଥିବା ପୂର୍ବତନ ଜିଲ୍ଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କର ସନ୍ଦେହ ହେବାରୁ ପୁଲିସକୁ କହିଥିଲେ। ପୁଲିସ ଘର ମାଲିକଙ୍କ ପୁଅକୁ ପଚରାଉଚରା କରିବା ପରେ ଏହି ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ଅମିତଙ୍କୁ ପଚରାଉଚରା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ସେଥିରେ ପଥର ବାନ୍ଧି ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ଏହି ସୂଚନା ପାଇବା ପରେ ପୁଲିସ ଆଜି ଅପରାହ୍ଣରେ ନଦୀରୁ ମୃତଦେହ ଉଦ୍ଧାର କରିଛି। ତେବେ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡ଼ିନାହିଁ।

**ନୂଆପଡ଼ା ପାଇଁ କଂଗ୍ରେସର ଇସ୍ତାହାର ପ୍ରକାଶ**

## ନ୍ୟାୟ ଓ ବିକାଶ ପାଇଁ ମୃତ୍ୟୁ ମଧ୍ୟ ଗ୍ରହଣୀୟ: ଘାସିରାମ

ନୂଆପଡ଼ା/ଭୁବନେଶ୍ୱର,୫।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ଲୋକଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ପାଇଁ ଦଳ ଇସ୍ତାହାର ଜାରି କରିଛି। ନୂଆପଡାସ୍ଥିତ ଖୁଣ୍ଟିଆ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ଇସ୍ତାହାର ଜାରି ହୋଇଛି। ଇସ୍ତାହାର ଚାରିଟି ପର୍ଯ୍ୟାୟକୁ ନେଇ



ଘୋଷଣା ହୋଇଛି। ମୁଖ୍ୟତଃ କଂଗ୍ରେସର ଅବଦାନ, ବିଜେଡି-ବିଜେପି, ମାଟିର ପୁଅ ଘାସିରାମ, ପ୍ରତିକାର ଲୋଡ଼ା ଆଦିରେ ବିଭକ୍ତ କରାଯାଇଛି।

ଏଥିରେ ଆଗାମୀ ଦିନରେ ଦଳର କଣ ସବୁ ବିକାଶମୂଳକ କାର୍ଯ୍ୟକ୍ରମ ଏଜେଣ୍ଡା ରହିଛି, ତାହା ଦର୍ଶାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସରକାର ସୃଷ୍ଟି କରୁଥିବା ଅଚଳବସ୍ଥାକୁ ସୁଧାରି ଏସବୁ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ କୁହାଯାଇଛି। ସେହିପରି ବିଜେପି ସରକାର କିଭଳି ପ୍ରତ୍ୟେକ ଦିନ କଞ୍ଚା ମିଛ କହୁଛନ୍ତି ଏସବୁ ବିଷୟ ଲୋକଙ୍କ ଗୋଚରାର୍ଥେ ଏଥରେ ତଥ୍ୟ ପ୍ରଦାନ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ କିଭଳି ବିଗତ ୪୦ ବର୍ଷଧରି ଜନତାଙ୍କ ସେବାରେ ଅବିରାମ ସଂଘର୍ଷ କରି ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ପାରିଛନ୍ତି ଆଲୋଚନା କରାଯାଇଛି। କଂଗ୍ରେସ ଦଳ ଓ ଦଳର ନେତୃବୃନ୍ଦ ନୂଆପଡା ବିକାଶକୁ ନେଇ କେତେ ଗମ୍ଭୀର ତାହା ଏଥିରେ ଦର୍ଶାଇବା ପାଇଁ ଦଳ ଚେଷ୍ଟା କରିଛି।

ଶ୍ରୀ ମାଝୀ କହିଛନ୍ତି ଯେ ଦୀର୍ଘ ୪୦ ବର୍ଷର ରାଜନୈତିକ ଜୀବନକୁ ଲୋକେ ଅତି ନିକଟରୁ ଦେଖି ଆସିଛନ୍ତି। ଲୋକଙ୍କ ଅଧିକାର ପାଇଁ ସାଲିସବିହୀନ ସଂଗ୍ରାମ କରି ଆସିଛି। ଲୋଭ ବା ଲାଭର ବଶବର୍ତ୍ତୀ ହୋଇନାହିଁ। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୋର ଲଢେଇ ଜାରି ରହିବ। ଏହି ଉପନିର୍ବାଚନରେ ଆପଣଙ୍କ ଆଶୀର୍ବାଦ ମୋର ଲଢେଇକୁ ଆହୁରି ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡ ଲଲାଟେନ୍ଦୁ ମହାପାତ୍ର, ବିଧାୟକ ସି ଏସ ରାଜେନ୍ ଏକ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ା ଉପନିର୍ବାଚନ ପାଇଁ ବ୍ରହ୍ମପୁରରୁ ଗଲା ଡମି ବ୍ରେଲି ବାଲଟ୍

ବ୍ରହ୍ମପୁର,୬।୧୧(ସମିସ): ରାଜ୍ୟର ଏକମାତ୍ର ବ୍ରେଲି ପ୍ରେସ ବ୍ରହ୍ମପୁରରେ ରହିଛି। ବିଭିନ୍ନ ସ୍ଥାନରେ ହେଉଥିବା ନିର୍ବାଚନ ଓ ଉପ-ନିର୍ବାଚନରେ ଏଠାରୁ ଦୃଷ୍ଟିବାଧିତ ଭୋଟରଙ୍କ ପାଇଁ ଡମି ବ୍ରେଲି ବାଲଟ୍ ପଠାଯାଇଥାଏ। ଏହି ପରିପ୍ରେକ୍ଷୀରେ ସମ୍ପ୍ରତି ନୂଆପଡ଼ା ଉପ-ନିର୍ବାଚନ ପାଇଁ ମଧ୍ୟ ଏଠାରୁ ଡମି ବ୍ରେଲି ବାଲଟ୍ ପଠାଯାଇଛି। ନୂଆପଡ଼ାର ସହକାରୀ ଜିଲ୍ଲାପାଳ ବିଜୟ କୁମାର ଛତରିଆଙ୍କୁ ଗତ ୨୬ତାରିଖରେ ଏହା ହସ୍ତାନ୍ତର କରାଯାଇଛି। ନୂଆପଡ଼ା ଉପ-ନିର୍ବାଚନରେ ଭୋଟ ଦେବାକୁ ଥିବା ଦୃଷ୍ଟିବାଧିତ ମତଦାତାଙ୍କ ପାଇଁ ଏହି ବ୍ରେଲି ବାଲଟ୍ ଆବଶ୍ୟକ ଥିବାରୁ ସେଠାକାର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରସ୍ଥିତ ବ୍ରେଲି ପ୍ରେସ୍‌ରେ ବ୍ୟାଲେଟ୍ ପ୍ରସ୍ତୁତ କରାଯାଇ ନୂଆପଡ଼ା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିବା ବ୍ରେଲି ପ୍ରେସ୍ ମ୍ୟାନେଜର ପ୍ରକାଶ କୁମାର ରଥଙ୍କ ସୂତ୍ରରୁ ଜଣାଯାଇଛି। ସମୁଦାୟ ୪୦୦ଟି କପି ପ୍ରେରଣ କରାଯାଇଥିବା ସୂଚନା ମିଳିଛି।



### ବେତନ ଓ ପେନ୍‌ସନରେ...

୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୬୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି। ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

**ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର**
**ବିଜ୍ଞାପନ ସଂଖ୍ୟା: ୪୧୩୭, ତା. ୨୩.୧୦.୨୦୨୫**

F- 84

**ଜମି ନିଲାମ ବିଜ୍ଞପ୍ତି**

ଏତତ୍‌ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No. 1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ ଓ ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥଙ୍କ ଠାରୁ ଦେୟ ଟ.୧,୦୭,୧୬,୮୧୭.୦୦ ଟଙ୍କା (ଏକ କୋଟି ସାତ ଲକ୍ଷ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା.୧୪.୧୧.୨୦୨୫ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲ ଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ ବା:ତେରମାଣପୁର, ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥ, ଜା: ଯୋଗି ବା: କୁଜଙ୍ଗ ଥା- କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

ସ୍ୱା/- ତହସିଲଦାର, ତିର୍ତ୍ତୋଲ

ସକାଳ THE SAKALA



# ତୃତୀୟ ଦିନରେ କଳିଙ୍ଗ ବାଲିଯାତ୍ରା | ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ





**ପାରାଦୀପ, ୬।୧୧(ସମିସ)**

ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାର ଆଜି ଥିଲା ତୃତୀୟ ସନ୍ଧ୍ୟା। ଅପରାହ୍ନ ୫ଟାରୁ ମଞ୍ଚ ପରିଚାଳନା କାର୍ଯ୍ୟକ୍ରମ କରାଯାଇଥିଲା। ଭଜନ ସନ୍ଧ୍ୟା, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ, ଆଧୁନିକ ନୃତ୍ୟ, ମ୍ୟାଜିକ, ମାହାରୀ ନୃତ୍ୟ, ଘୁମୁରା ନୃତ୍ୟ ଓ ମ୍ୟୁଜିକାଲ ନାଇଟ ଆଦି କାର୍ଯ୍ୟକ୍ରମରେ ମଞ୍ଚ ଦୁଲିକିଥିଲା। ସବୁଠୁ ବିଡ଼ମ୍ବନାର ବିଷୟ ଆରମ୍ଭରୁ ମଞ୍ଚ ସମ୍ମୁଖରେ ଦର୍ଶକଙ୍କ ଆଶାତୀତ ଉପସ୍ଥିତ ସମସ୍ତଙ୍କୁ ଚକିତ କରିଥିଲା। ସନ୍ଧ୍ୟା ପରେ ଧୀରେ ଧୀରେ ଲୋକଙ୍କ ଗହଳି ବଢ଼ିଥିଲା।

ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ ପିକେ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, ଜେଏସଡବ୍ଲୁ ଉତ୍କଳର ସହକାରୀ ଉପସଭାପତି ମିତ୍ରଭାନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ ସଭାପତିତ୍ୱ କରିଥିବାବେଳେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟି ଉପାଧ୍ୟକ୍ଷ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ। ବହୁ ଷ୍ଟଲ ଏବେ ପର୍ଯ୍ୟନ୍ତ ଖୋଲିପାରିନାହିଁ। ଓରମାସର ବହୁ ଷ୍ଟଲ ଏପର୍ଯ୍ୟନ୍ତ ଖୋଲିନାହିଁ। ଗତବର୍ଷ ଅପେକ୍ଷା ଚଳିତବର୍ଷ ବାଲିଯାତ୍ରା ପଡ଼ିଆର ବହୁ ସ୍ଥାନ ଫାଙ୍କା ରହିଛି।

**କଟକ ବାଲିଯାତ୍ରାକୁ ୧୦ କୋଟି; କଳିଙ୍ଗ ବାଲିଯାତ୍ରାକୁ ଅଣଦେଖା ଅଭିଯୋଗ**

ପୂର୍ବ ବର୍ଷମାନଙ୍କରେ ବାଲିଯାତ୍ରା ଷ୍ଟଲ ଆଦୌ ଫାଙ୍କା ରହୁ ନ ଥିଲା। ୧ ହଜାର ପାଖାପାଖି ଷ୍ଟଲ ବଣ୍ଟା ଯାଉଥିଲା। ଉଠାଦୋକାନୀଙ୍କୁ ମିଶାଇଲେ ୨ ହଜାର ପାଖାପାଖି ଷ୍ଟଲ ସମ୍ପୂର୍ଣ୍ଣ ବାଲିଯାତ୍ରାରେ ଲାଗିଥିଲା। ଚଳିତବର୍ଷ ଷ୍ଟଲ ବଣ୍ଟନରେ ବ୍ୟତିକ୍ରମ ଦେଖାଦେଇଛି। ଷ୍ଟଲ ବୁକିଂ ନ ହେବା, ଅଧିକ ଷ୍ଟଲ ନ ଖୋଲିବା ଓ ଉଠା ଦୋକାନୀଙ୍କଠାରୁ ଅଧିକ ଅର୍ଥ ଆଦାୟ କରାଯିବାରୁ ସେମାନେ ମୁହଁ ଫେରାଇବା ଚଳିତ ବର୍ଷ ବାଲିଯାତ୍ରାକୁ ଫିକା କରିଦେଇଥିବା ସବୁଆଡେ ଆଲୋଚନା ହେଉଛି। ଏଥିସହିତ ଦର୍ଶକଙ୍କୁ ବଲିଯାତ୍ରାଠାରୁ ୩/୪ କିମି ଦୂରରୁ ଗାଡି ଅଟକାଇ ପାର୍କିଂ କରିବାକୁ ନିର୍ଦ୍ଦିଷ୍ଟ କେତେକ ଦଳୀୟ ଯୁବକ ବାଧ୍ୟ କରୁଥିବାବେଳେ ରାସ୍ତାରେ ଚେୟାର ପକାଇ ଲୋକଙ୍କୁ ବାଟ ଛାଡୁ ନ ଥିବା ଭଳି ଘଟଣା ଦର୍ଶକଙ୍କୁ ଅଧିକ ବ୍ୟଥିତ କରିଛି। ପୁଲିସ ପ୍ରଶାସନ ସବୁ ଦେଖି ମଧ୍ୟ କିଛି ପ୍ରତିବାଦ ନ କରିବାରୁ ଯୁବକଙ୍କ ଅତ୍ୟାଚାର ଆହୁରି ବଢ଼ିଯାଇଛି।

ସବୁଠୁ ବଡ଼ କଥା ହେଲା ଗତକାଲି କଟକ ବଳିଯାତ୍ରାର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରତ୍ୟେକ ବର୍ଷ କଟକ ବଳିଯାତ୍ରା ପାଇଁ ୧୦ କୋଟି ଟଙ୍କା ସରକାରୀ ସହାୟତା ଦେବା ନେଇ ଘୋଷଣା କରିଥିବାବେଳେ କଳିଙ୍ଗ ବଳିଯାତ୍ରାର ଉଦଘାଟନୀ ଉତ୍ସବରେ ଯୋଗ ଦେଇ କୌଣସି ସରକାରୀ ଅନୁଦାନ ଦିଆଯିବା କଥା ଉଠାଇ ନ ଥିଲେ। ପାରାଦୀପ କଳିଙ୍ଗ ବଳିଯାତ୍ରା ପ୍ରତି ସରକାରଙ୍କ ଆନ୍ତରିକତା ନ ଥିବା ଓ ପାରାଦୀପ କଳିଙ୍ଗ ବଳିଯାତ୍ରାକୁ ଏକ ପ୍ରକାର ଉପେକ୍ଷା କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ବାଲିଝରା ରାସ ଉତ୍ସବରେ ଯୋଗଦେଲେ ବାପି ସର୍ଖେଲ



**ପାରାଦୀପ, ୬।୧୧(ସମିସ):** ପୌର ପରିଷଦ ୪ ନମ୍ବର ୱାର୍ଡ ବାଲିଝରାରେ ଆୟୋଜିତ ଶରତ ରାସ ଉତ୍ସବରେ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଓ ତାଙ୍କ ସମର୍ଥକ ଯୋଗ ଦେଇଛନ୍ତି। ଶ୍ରୀ ସର୍ଖେଲ ତାଙ୍କ ସମର୍ଥକଙ୍କ ସହିତ ବସ୍ତିରେ ବୁଲି ଲୋକଙ୍କୁ ରାସ ଉତ୍ସବ ଅଭିନନ୍ଦନ ଜଣାଇଥିଲେ। ପାରାଦୀପ ହେଉଛି ଭାଇଚାରାର ସହର। ଏଠାରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରର ଲୋକ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଯେଉଁ ଭାଇଚାରା ରହିଛି, ତାହା ଅନ୍ୟ ସହରରେ ଦେଖିବାକୁ ମିଳେନାହିଁ। ରାଜନୈତିକ ଫାଇଦା ପାଇଁ ଏହି ଭାଇଚାରାକୁ ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି। ଯାହା ଗ୍ରହଣୀୟ ନୁହେଁ ବୋଲି ବାଲିଝରା ବସ୍ତିରେ ଅନୁଷ୍ଠିତ ଶରତ ରାସ ଉତ୍ସବରେ ଯୋଗଦେବା ଅବସରରେ ପ୍ରକାଶ କରିଛନ୍ତି ବିଜେଡି ନେତା ଶ୍ରୀ ସର୍ଖେଲ। ଶରତ ରାସ ଉତ୍ସବ କମିଟି ପକ୍ଷରୁ ବାପି ସର୍ଖେଲ, ମୋନିଦୀପା ସର୍ଖେଲ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଆଇନଜୀବୀ କୈଳାସ ସାହୁ, ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା, ବରିଷ୍ଠ ବିଜେଡି ନେତା କୁମରବର ନାୟକ, ସମୀର ବିଶ୍ୱାଳ ଓ କାଉନସିଲର ମନୋଜ ନାୟକ ପ୍ରମୁଖଙ୍କୁ ଏକ ବିଶାଳ ରାଲିରେ ବାଲିଝରା ବସ୍ତି ପରିକ୍ରମା କରାଯାଇଥିଲା। ପରେ କମିଟି ପକ୍ଷରୁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍

**ଗରଦପୁର, ୬।୧୧(ସମିସ):** ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଗୁରୁବାର ମଧ୍ୟାହ୍ନ ୧୨ଟା ୪୫ ମିନିଟ ସମୟରେ କୋରୁଆ-ନରେନ୍ଦ୍ରପୁର ରାସ୍ତାର କୋରୁଆ ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ଥିବା ଜନସେବା କେନ୍ଦ୍ର ସମ୍ମୁଖରୁ ଏହି ଲୁଟ୍ ହୋଇଛି। ଲୁଟର ଶିକାର ହୋଇଛନ୍ତି ତିକନପୁର ଅଞ୍ଚଳର ପ୍ରଶାନ୍ତ ଦେବତା। ସେ ଶାଳିକଣ୍ଠାସ୍ଥ ଏସବିଆଇ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। କିଛି କାଗଜପତ୍ର ଜେରକ୍ସ ଦରକାର ହେବାରୁ ଜନସେବା କେନ୍ଦ୍ର ସମ୍ମୁଖରେ ବାଇକ୍ ରଖି ଭିତରକୁ ଯାଇଥିଲେ। ୫ ମିନିଟ ଭିତରେ ଦୁର୍ବୃତ୍ତମାନେ ତାଙ୍କ ବାଇକ ଡିକି ଭାଙ୍ଗି ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ପ୍ରଶାନ୍ତ କୁଦାନଗରୀ ଥାନାରେ ଅଭିଯୋଗ କରିଛନ୍ତି।

## ଦେବୀ ରଥଙ୍କ ବିୟୋଗରେ ଶୋକ

**ଜଗତସିଂହପୁର, ୬।୧୧(ସମିସ):** ବର୍ଷିୟାନ ଯାତ୍ରା କଳାକାର ଦେବୀପ୍ରସାଦ ରଥଙ୍କ ୫ ତାରିଖ ସକାଳେ ପାରାଦୀପଗଡ଼ସ୍ଥ ପୈତୃକ ବାସଭବନରେ ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଯାତ୍ରାଜଗତର ଭୀଷ୍ମ ପିତାମହ ଆଖ୍ୟା ପାଇଥିବା ଦେବୀ ରଥଙ୍କ ବିୟୋଗରେ ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ସମ୍ପାଦକ ତଥା ବିଶିଷ୍ଟ ଯାଦୁଗର ଆର.କେ. ହୀରାଲାଲ କହିଛନ୍ତି, ଦେବୀ ରଥଙ୍କ ବିୟୋଗ ଓଡ଼ିଶା ଯାତ୍ରା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତ ରଥ କେବଳ ଜଣେ ଅଭିନେତା ନ ଥିଲେ, ସେ ଥିଲେ ଜଣେ ଦରଦୀ ମଣିଷ। ସେ ନୂତନ ପିଢି କଳାକାରଙ୍କୁ ଅଭିନୟ ସମ୍ପର୍କରେ ଦିଗଦର୍ଶନ ଦେବା ସହିତ ଉତ୍ସାହିତ କରୁଥିଲେ। ତାରପୁର ଅପେରାରୁ ଯାତ୍ରା ଅଭିନୟ ଆରମ୍ଭ କରିଥିବା ଦେବୀ ବାବୁ ପରବର୍ତ୍ତୀ ସମୟରେ ପାର୍ବତୀ ଗଣନାଟ୍ୟ, ଇଷ୍ଟର୍ଣ୍ଣ ବ୍ଲୁ, ତୁଳସୀ ଓ ଧଉଳି ଗଣନାଟରେ ନିଜର ଅଭିନୟ ଯାଦୁ ଦେଖାଇବାରେ ସଫଳ ହୋଇଥିଲେ। ସବୁ ପ୍ରକାର ଚରିତ୍ରରେ ନିଖୁଣ ଅଭିନୟ କରି ସ୍ୱର୍ଗତ ଦେବୀ ରଥ ଓଡିଆ ଯାତ୍ରାପ୍ରେମୀଙ୍କ ମନରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ହୀରାଲାଲ କହିଛନ୍ତି। ଏହି ମହାନ ଅଭିନେତାଙ୍କ ଅମର ଆତ୍ମା ସଦ୍‌ଗତିପ୍ରାପ୍ତ ହେଉ ବୋଲି ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ ନିକଟରେ କାମନା କରାଯାଇଛି।

## ମହାନଦୀ ବୋଇତ ବନ୍ଦାଣ ଉତ୍ସବ

**କୁଜଙ୍ଗ, ୬।୧୧(ସମିସ):** ଜଗତସିଂହପୁର ସାରଳା ମଣ୍ଡଳ କୈବର୍ତ୍ତ ମହାସଭା ପକ୍ଷରୁ ମହାନଦୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଶିଳ୍ପପତି ପ୍ରହ୍ଲାଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବ ମହାନଦୀରେ ମଣ୍ଡଳ ପକ୍ଷରୁ ପ୍ରଥମ କରି ପାଳିତ ହୋଇଥିଲା। ପ୍ରାରମ୍ଭରେ ଏକ ସୁସଜ୍ଜିତ ଡଙ୍ଗାରେ ସାତ ସାଧବ ବୋହୂଙ୍କ ସହିତ କୈବର୍ତ୍ତ ଜାତିର ମୁରବୀ ମହାନଦୀ ବକ୍ଷରେ ନୌକା ବିହାର କରିଥିଲେ। ପରେ ମହାନଦୀ ପଠାରେ ଏକ ପାରମ୍ପରିକ ସଭା ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଖିଳ ଉତ୍କଳ କୈବର୍ତ୍ତ ମହାସଭା ଜଗତସିଂହପୁର ଜିଲ୍ଲା ସଭାପତି କୈଳାସ ବେହେରା, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ଜିଲ୍ଲାନାସୀ ସରପଞ୍ଚ ନଳିନୀପ୍ରଭା ପରିଡ଼ା ପ୍ରମୁଖ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ କୈବର୍ତ୍ତଙ୍କ ନଦୀ, ସମୁଦ୍ର ଗର୍ଭରେ ମାଛ ମାରି ଜୀବିକା ନିର୍ବାହ କରିବାର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସୁମନ୍ତ ବେହେରାଙ୍କ ସଂଯୋଜନାରେ ଗଗନ ବେହେରା, କାର୍ତ୍ତିକ ବେହେରା, ଧୀରେନ୍ଦ୍ର ବେହେରା, ପ୍ରଭାକର ମହାପାତ୍ର, ବଳରାମ ସାମଲ, ବାଇଧର ମହାପାତ୍ର, ବିବେକାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିବଂଗତ କୈବର୍ତ୍ତ ନେତା ମହେଶ୍ୱର ମହାପାତ୍ରଙ୍କ ପାଇଁ ବୋହୂ ହରପ୍ରିୟା ବେହେରା, ମଙ୍ଗରାଜପୁରର ସ୍ୱର୍ଗତ ନିଶାକର ବେହେରା, ଫଗୁ ଚରଣ ବେହେରା, ଶଙ୍ଖନାଦ ବେହେରା, ଅନାମ ଦଳାଇଙ୍କ ସହ ବହୁ ଦିବଂଗତ ନେତା ସହ ଏବର ବହୁ ବରିଷ୍ଠ ନେତାଙ୍କୁ ଜାତି ପାଇଁ ଥିବା ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**କେନ୍ଦ୍ରାପଡ଼ା, ୬।୧୧(ସମିସ):** ଆଜି ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ସ୍ୱାଗତିକା ସ୍ୱାଇଁ ଓ ଦୀପ୍ତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ବ୍ଲକରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୭ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ୭ଟି ବିଭାଗର ଜୁନିୟର ଓ ସିନିୟର ବର୍ଗରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ୩୯ ଜଣ ପ୍ରତିଯୋଗୀ ଭୁବନେଶ୍ୱରରେ ଚଳିତ ମାସ ୧୨, ୧୩ ଓ ୧୪ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲ୍ଲାର ୧୧ଟି ପିଏମଶ୍ରୀ ସ୍କୁଲ ମଧ୍ୟରେ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପିଏମଶ୍ରୀ ଓଡ଼ିଶା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପିଏମଶ୍ରୀ ଓଡ଼ିଶା- ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରୁ ଚୟନ କରାଯାଇଥିବା ୨ ଜଣ ପ୍ରତିଯୋଗୀ ୧୨ ଓ ୧୩ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ମଡେଲ ପାର୍ଲାମେଣ୍ଟ ପିଏମଶ୍ରୀ ପ୍ରତିଯୋଗିତାରେ ଭାଗ ନେବେ। ଉଦ୍‌ଯାପନୀ ଉତ୍ସବରେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ସରୋଜ ସାହୁ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, କେନ୍ଦ୍ରାପଡ଼ା ଉପଆରକ୍ଷୀ ଅଧୀକ୍ଷକ (ଦୁର୍ନୀତି ନିବାରଣ) ଭାଗ୍ୟଲକ୍ଷ୍ମୀ ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଉଗାଁ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ

**ନାଉଗାଁ, ୬।୧୧(ସମିସ):** ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଏକାଦଶତମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବ ଦ୍ୱିତୀୟ ଦିବସରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ସଭା ଶିଖର ଘାଟ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗୁରୁକୃପା କୁଟୀର ତିହୁଡାର ବାବା ସତ୍ୟାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ କବି ପୀତାମ୍ବର ତରାଇ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଇଂ ବିଷ୍ଣୁ ଚରଣ ସାହୁ, ସାହିତ୍ୟିକ ଡଃ ସୁରେନ୍ଦ୍ର ତ୍ରିପାଠୀ, ଡଃ ଅଭୟ ମଲ୍ଲିକ, କବି ବାମଦେବ ସ୍ୱାଇଁ, ରଘୁନାଥ ସାହୁ, ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସମ୍ପାଦକ ସରୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ସାହିତ୍ୟିକ ପ୍ରତାପ ମିଶ୍ର ସଭାପତିତ୍ୱ କରିଥିବାବେଳେ ସଂଗଠନ ସମ୍ପାଦକ ସାହିତ୍ୟିକ ତ୍ରିଲୋଚନ ପାଢ଼ୀ ସଭା ପରିଚାଳନା କରିଥିଲେ। କବିତା ଆସରକୁ ସଞ୍ଚାଳନ କରିଥିଲେ କବୟିତ୍ରୀ କଳ୍ପନା ବିଶ୍ୱାଳ। ଜଗତସିଂହପୁର, କଟକ ଓ ପୁରୀ ଜିଲ୍ଲାରୁ ଶତାଧିକ କବି ଏଥିରେ ଅଂଶଗ୍ରହଣ କରି କବିତା ପାଠ କରିଥିଲେ। ଉପସଭାପତି ନିରଞ୍ଜନ ମହାନ୍ତି, ସହସମ୍ପାଦକ ହିମାଂଶୁ ମହାନ୍ତି, ସାଂସ୍କୃତିକ ସମ୍ପାଦକ ସୁକାନ୍ତ ଲେଙ୍କା, ପ୍ରିୟଦର୍ଶିନୀ ପରିଡ଼ା, ରାମକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ୨୫ ଜଣ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସହସମ୍ପାଦକ ପ୍ରସନ୍ନଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## କିଶୋରାମ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ କାର୍ତ୍ତିକ ଆସର

**ବାଲିକୁଦା, ୬।୧୧(ସମିସ):** କିଶୋରାମ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ ଗଣ୍ଡକୂଳସ୍ଥ ଦେବୀ ନଦୀ ପଠାରେ ଶିକ୍ଷାବିତ ପବିତ୍ର ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ତ୍ତିକ ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପୁଷ୍କର ବିଶ୍ୱାଳ, ସଦସ୍ୟ ସୁବାସ ନାୟକ, ବିଜୟ ଦାସ, ତପନ ନାୟକ, ପ୍ରଶାନ୍ତ ମହାନ୍ତି, ଆଇନଜୀବୀ ଶରତ କାନୁନଗୋ, ପ୍ରଣବ ପ୍ରଧାନ, ଚନ୍ଦ୍ରକାନ୍ତ ଜେନା, ଧର୍ମାନନ୍ଦ ଜେନା, ବିବୁଲ ବିଶ୍ୱାଳ, ବାନାମ୍ବର ଜେନା, ଚନ୍ଦନ ପରିଡ଼ା, ସୁବ୍ରତ ନାୟକ, ବସନ୍ତ ଜେନା, ସୁକାନ୍ତ ସ୍ୱାଇଁ, ହେମନ୍ତ ମହାନ୍ତି, ବିଧାନ ନାୟକ, ବିଭୁରାମ ଜେନା, ଦିଲ୍ଲୀପ ଜେନା ପ୍ରମୁଖ ଯୋଗଦେଇ କାର୍ତ୍ତିକ ମାସ ଓଡ଼ିଆ ପରମ୍ପରାର ପ୍ରମୁଖ ଅଙ୍ଗ ବୋଲି କହିବା ସହ ବୁଡ଼ିଯାଉଥିବା ଓଡ଼ିଶାର ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି କହିଥିଲେ। ଦେବଦ୍ୟୁତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବାରମ୍ବାର ଚିଠି ପରେ କାହିଁକି କାର୍ଯ୍ୟକାରୀ ହେଉନି ବଦଳି ନୀତି

## ସନ୍ଦେହ ଘେରରେ ଜିଲ୍ଲା ପ୍ରଶାସନର ଭୂମିକା

**ଜଗତସିଂହପୁର, ୬।୧୧(ସମିସ)**

ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ପ୍ରଚଳନ କରିଛନ୍ତି ବଦଳି ନୀତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ ହେବା କଥା। ବିଶେଷକରି ଯେଉଁ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଏଭଳି ନିୟମ କରାଯାଇଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ବଦଳି ନିୟମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ, ସମ୍ପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ କୌଣସି ଉତ୍ତର ନ ପହଞ୍ଚିବାରୁ ପୁନର୍ବାର ଗତ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କର୍ମଚାରୀ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି, ସେମାନଙ୍କୁ ବଦଳି ପ୍ରକ୍ରିୟାରୁ ବାଦ୍ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଏହା ମଧ୍ୟରେ ୬ ଦିନ ବିତିଯାଇଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି ତାଲିକା ପ୍ରକାଶ ପାଇ ନ ଥିବା ସୂଚନା ମିଳିଛି।

ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବାବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। ଏହାସତ୍ତ୍ୱେ କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ତଳେ ପ୍ରଶାସନିକ ସ୍ତରରେ ଏକ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ, ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଧରି ନ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ବର୍ତ୍ତମାନ ବାଲିଯାତ୍ରା ଚାଲିଥିବାରୁ ଏହି ଉତ୍ସବ ସରିବା ପରେ ସରକାରଙ୍କ ନିୟମ ଅନୁସାରେ କର୍ମଚାରୀ ବଦଳି ତାଲିକା କାର୍ଯ୍ୟକାରୀ ହେବ ବୋଲି ପ୍ରଶାସନିକ ସ୍ତରରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

## ସାମ୍ବାଦିକଙ୍କୁ ପୁଣି ଆକ୍ରମଣ ଅଭିଯୋଗ

**କୁଜଙ୍ଗ, ୬।୧୧ (ସମିସ) :** ଆଜି ସନ୍ଧ୍ୟାରେ ବାଲିତୁଠ ପଞ୍ଚାୟତର ବାଲିତୁଠ ଗ୍ରାମର ସାମ୍ବାଦିକ ରମାକାନ୍ତ ଦାସ (୫୫)ଙ୍କୁ ପୁଣି ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ବୃତ୍ତିଗତ କାମ ସାରି ଫେରୁଥିବାବେଳେ ଚଟୁଆ-ଅନ୍ଧାରୀ ରାସ୍ତାରେ ସଂଘବଦ୍ଧ ଆକ୍ରମଣ ହୋଇଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୁଣ୍ଡରେ ଗଭୀର ଆଘାତ ସହ ଗୋଡ ଓ ହାତକୁ ବାଡେଇ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି। ସେ ଏରସମା ବ୍ଲକର ବରିଷ୍ଠ ସାମ୍ବାଦିକ ଅଟନ୍ତି। ଗତମାସ ୨୫ ତାରିଖ ସନ୍ଧ୍ୟା ୫ ଘଟିକାରେ ତାଙ୍କୁ ବାଲିତୁଠସ୍ଥ ଉପର ବଜାର ନିକଟରେ ଛିଡା ହୋଇଥିବା ସମୟରେ ବଡବୁଦା ଗ୍ରାମର ଗୁରିଆ ବେହେରାଙ୍କ ପୁତ୍ର ସୁଶୀଲ ବେହେରା ଓରଫ (ବୁଦା) ହଠାତ୍ ଅଶ୍ଳୀଳ ଭାଷାରେ ଆକ୍ରମଣ କରିଥିଲେ। ଏ ନେଇ ଶ୍ରୀ ଦାସ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି।

## ଫରେଷ୍ଟ ଗାର୍ଡଙ୍କ କ୍ୱାର୍ଟର୍ସରୁ ଚୋରି

**କୁଜଙ୍ଗ, ୬।୧୧(ସମିସ):** କୁଜଙ୍ଗ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜଣେ ଫରେଷ୍ଟ ଗାର୍ଡଙ୍କ କ୍ୱାର୍ଟର୍ସରୁ ଚୋରି ହୋଇଥିବା ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। କୁଜଙ୍ଗ ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମହିଳା ଫରେଷ୍ଟ ଗାର୍ଡ ଶ୍ରୀମତୀ ବିଷ୍ଣୁପ୍ରିୟା ଲେଙ୍କା ନିଜ ଘର କେନ୍ଦ୍ରାପଡ଼ା ଯାଇଥିବାବେଳେ କହି ଦୁର୍ବୃତ୍ତ ଗେଟ୍ ଓ କବାଟ ତାଲା ଭାଙ୍ଗି ଚୋରି କରିଛି। ଆଲମିରାରୁ ୧୫ ଗ୍ରାମର ମଙ୍ଗଳ ସୂତ୍ର, ଗୋଟିଏ ୧୨ ଗ୍ରାମର ସୁନା ଚେନ, ତିନୋଟି ସୁନା ଲକେଟ ଓ ନଗଦ ୨୨୦୦୦ ଟଙ୍କା ଚୋରି ହୋଇଥିବା ଶ୍ରୀମତୀ ଲେଙ୍କା ଅଭିଯୋଗ କରିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ଗରଦପୁର, ୬।୧୧(ସମିସ):** ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତର ଆଳିଜଙ୍ଗା ଗାଁରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ଆଳିଜଙ୍ଗା ଗାଁର ବିକାଶ ଜେନାଙ୍କ ୪ ବର୍ଷର ଝିଅ ମାନସୀ ଜେନା ସକାଳେ ଘର ନିକଟରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିକଟସ୍ଥ ପୋଖରୀରୁ ଉଦ୍ଧାର କରି ପ୍ରଥମେ ତେଣ୍ଡକୁଡ଼ା ଡାକ୍ତରଖାନା ପରେ ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିଲା।

## ଟି. ଭେନୁଗୋପାଳ ପାରାଦୀପ ବନ୍ଦରର ପରବର୍ତ୍ତୀ ଉପାଧ୍ୟକ୍ଷ



**ପାରାଦୀପ, ୬।୧୧(ସମିସ):** କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ବିଭାଗ ପକ୍ଷରୁ ବିଶାଖାପାଟଣା ବନ୍ଦରର ସଚିବ ଟି. ଭେନୁଗୋପାଳଙ୍କୁ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ପାରାଦୀପ ବନ୍ଦରର ପୂର୍ବତନ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା କାଣ୍ଡଲା ବନ୍ଦରକୁ ବଦଳି ହୋଇଯିବା ପରେ ଏହି ପଦବୀ ୪ ମାସ ଧରି ଖାଲିପଡ଼ିଥିଲା। କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଟି ଭେନୁଗୋପାଳଙ୍କୁ ନିଯୁକ୍ତି ଦେଇ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ପଦ ପୂରଣ କରିଛି।

## ଶ୍ରୀରାମନବମୀ ଯାତ୍ରା କଳାକାରଙ୍କ ପରଲୋକ



**ଡେରାବିଶ, ୬।୧୧(ସମିସ):** ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା ଗ୍ରାମର ଶ୍ରୀରାମନବମୀ ଯାତ୍ରାର ବରିଷ୍ଠ କଳାକାର ଧଡ଼ି ସାହୁ (୭୭)ଙ୍କ ପରଲୋକ ହୋଇଯାଇଛି। ପବିତ୍ରପଡ଼ାରେ ଅନୁଷ୍ଠିତ ହୋଇଆସୁଥିବା ରାମାୟଣ ଗାଥା ଅଭିନୟରେ ଧଡ଼ି ସାହୁ ୬୦ ବର୍ଷ ଧରି ହନୁମାନ ଭୂମିକାରେ ଅଭିନୟ କରିଆସୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ରମେଶ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବଟମହାପୁରୁଷ କମିଟି ପକ୍ଷରୁ ସଭାପତି ସ୍ମାରକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭା ଅନୁଷ୍ଠିତ ହୋଇଛି। ଶବଧାରରେ ଝିଅ, ଜ୍ୱାଇଁ, ନାତି ନାତୁଣୀ ପରିବାରର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ବନ୍ଦର ଜେଟିରେ ବୋଇତ ବନ୍ଦାଣ ଉତ୍ସବ



**ବାଲିକୁଦା, ୬।୧୧(ସମିସ):** ମରିଚପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଦର ଜେଟିରେ ୧୯ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଚୈତନ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବାଲିକୁଦା-ଏରସମା ଯୁବନେତା ସଞ୍ଜୀବ ବିଶ୍ୱାଳ, ମରିଚପୁର ସରପଞ୍ଚ ପୀତାମ୍ବରୀ ବେହେରା, ସମିତି ସଭ୍ୟା ସୁନୀତା ନାୟକ ଉପସ୍ଥିତ ଥିଲେ। ସମ୍ପାଦକ ଲକ୍ଷ୍ମୀଧର ମୁଦୁଲି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ରମେଶ ବହିରା ସଭା ସଂଯୋଜନା କରିଥିବାବେଳେ ଆଲୋକ ବେହେରା ଅତିଥି ପରିଚୟ ପ୍ରଦାନ ଓ ବାବୁରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅପରୂପା ବନ୍ଦର ସମ୍ପର୍କିତ ଏକ ଫଟୋଚିତ୍ର ଉନ୍ମୋଚନ କରାଯାଇଥିଲା। ପଦ୍ମନାଭ ସ୍ୱାଇଁ ଓ କାମିନୀ ସ୍ୱାଇଁ କର୍ତ୍ତା କର୍ତ୍ତି ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ସାଧବ ସାଧବାଣୀ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମାଆ ବନ୍ଦରେଇଙ୍କ ପୀଠରୁ ବନ୍ଦର ଜେଟି ପର୍ଯ୍ୟନ୍ତ ଯାଇଥିଲେ। ତତ୍ପରେ ପୂଜାର୍ଚ୍ଚନା ପରେ ସାଧବାଣୀ ସାଧବଙ୍କୁ ବନ୍ଦାପନା କରିବା ପରେ ସାଧବମାନେ ନୌକା ଯାତ୍ରା କରିଥିଲେ। ସମିତି ପକ୍ଷରୁ କିଶୋର ମହାନ୍ତି, ଦାରୁଣ ନାୟକ, ଜୟରାମ ସ୍ୱାଇଁ, ପ୍ରକାଶ ବେହେରା, ଭରତ କାଣ୍ଡି, ଚୈତନ୍ୟ କାଣ୍ଡି, ଶଶୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର, ୬।୧୧(ସମିସ):** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସତ୍ୟବାଦୀ ଯୁଗର ଅନ୍ୟତମ ବିଦ୍ଧାଣୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୮ତମ ଶ୍ରାଦ୍ଧବାର୍ଷିକୀ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂହଠାରେ ଥିବା ସେଣ୍ଟଜାଭିୟର୍ସ ପବ୍ଲିକ୍ ସ୍କୁଲରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ ସଭାପତିତ୍ୱ କରି ପଣ୍ଡିତ ନୀଳକଣ୍ଠ ଦାସ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଘଟଣା ବହୁଳ ଓ ନିସ୍ୱାର୍ଥପର ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ନୀତିନିଷ୍ଠ ଆଚାର୍ଯ୍ୟ, ସମାଜ ସଂସ୍କାରକ, ସାହିତ୍ୟିକ ତଥା ଆଦର୍ଶ ରାଜନୀତିଜ୍ଞ ଭାବେ ପଣ୍ଡିତ ନୀଳକଣ୍ଠ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ପ୍ରିୟଙ୍କା ମଣ୍ଡଳ, ମୋନାଲିସା ଭଟ୍ଟ ଓ ସୁଦେଷ୍ଣା ଦାସ ପ୍ରମୁଖ ଯୋଗଦେଇ ଣ୍ଡିତ ନୀଳକଣ୍ଠ ଦାସଙ୍କ କୀର୍ତ୍ତି ଓ କୃତୀ ଏ ଜାତିର ଜାତୀୟ ଚିନ୍ତାଧାରାକୁ ଋଦ୍ଧିମନ୍ତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ।

## ପୁଷ୍କରିଣୀରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

ଗଁଦିଆ, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗଁଦିଆର ବିଭିନ୍ନ ପୁଷ୍କରଣୀରେ ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଭିନ୍ନ ଦେବପୀଠ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭୋର୍ ୩ଟାରୁ ବଣିଆପଡ଼ା ସମେତ ଗଁଦିଆ ପୁରୁଣା ପୋଖରୀରେ ଡଙ୍ଗା ଭସାଇବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। କୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଉତ୍ସାହର ସହ ଡଙ୍ଗା ଭସାଇଥିଲେ। ବଣୀଆପଡ଼ା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## କାମାକ୍ଷାନଗର ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ



କାମାକ୍ଷାନଗର, ୬ ।୧୧(ସମିସ): କାମାକ୍ଷାନଗର ସହର ଓ ଆଖପାଖରେ ଥିବା ଗ୍ରାମାଞ୍ଚଳରେ ମହା ସମାରୋହରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଛି। ସହରର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନଦୀକୂଳ ଓ ଜଳାଶୟରେ ଭୋର ସମୟରୁ ଡଙ୍ଗା ଭସାଯାଇଥିଲା। ସହରର ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ଆଳତୁମା ଗ୍ରାମ ଦଧିବାମନଜୀଉ ମନ୍ଦିର, ଶିବିଳାପଶି ସ୍ୱପ୍ନେଶ୍ୱର ମନ୍ଦିର, ବଡ଼ସୁଆଁଳସ୍ଥିତ କପିଳେଶ୍ୱର, କନ୍ଦରସିଙ୍ଗାସ୍ଥିତ ରାମେଶ୍ୱର, ରେଙ୍ଗୁଳା ମା' ମଙ୍ଗଳା ମନ୍ଦିର, ଜିରିଡ଼ାମାଳି ନୀଳକଣ୍ଠେଶ୍ୱର ମନ୍ଦିର ଲୋକାରଣ୍ୟ ହୋଇ ଉଠିଥିଲା। ସେହିପରି କାମାକ୍ଷାନଗର ଅନନ୍ତପୁର ସାହିରେ ରାସ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଜିରିଡ଼ାମାଳି ରାଧାକୁଞ୍ଜ ସାହିରେ ମଧ୍ୟ ରାସପୂର୍ଣ୍ଣିମା ମହା ସମାରୋହରେ ପାଳିତ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସଂକୀର୍ତ୍ତନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିର ଯୁବଗୋଷ୍ଠୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥିଲା।

## ସନ୍ଥ ଶ୍ରୀକ୍ଷେତ୍ରରୁ ମାମୁଘର ଇଲେଇଜଙ୍ଗ ବିଜେ କଲେ ଶ୍ରୀ ମଧୁସୂଦନ



ଗଁଦିଆ, ୬ ।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥ ଶ୍ରୀକ୍ଷେତ୍ର ସନ୍ଥପୁରରୁ ପ୍ରଭୁ ଶ୍ରୀ ମଧୁସୂଦନ ମାମୁଘରକୁ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ବିରାଟ ପଟୁଆରରେ ସ୍ୱତନ୍ତ୍ର ପାଲିଙ୍କିରେ ବିଜେ କରିଛନ୍ତି। ସ୍ୱତନ୍ତ୍ର ବିମାନରେ ରାଧାକୃଷ୍ଣଙ୍କ ସହ ପ୍ରଭୁ ଶ୍ରୀମଧୁସୂଦନଙ୍କୁ ଇଲେଇଜଙ୍ଗ ଗ୍ରାମ ପରିକ୍ରମା କରି ଭାଗବତ ଗାଦି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ଥପୁର, ସନ୍ଥସରା, ତାଳସିଂହା ମାର୍ଥାପୁର, ଅନ୍ନପୁର, ବିଧାରପୁର, ପୋରୁହଖୋଜ, ସାନ୍ଦାପଶିପାଟଣା, ଶ୍ରୀରାମଚନ୍ଦ୍ରପୁର, ଆଙ୍କୁର୍ଦା, ବରଦା, କୁସିଦା ଗ୍ରାମର ଜଗନ୍ନାଥପ୍ରେମୀ ସାମିଲ ହୋଇଥିଲେ। ସନ୍ଧ୍ୟା ୫ଟାରେ ଗଁଦିଆର ଲକ୍ଷ୍ମୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ୭ଟାରେ ସନ୍ଥ ଶ୍ରୀକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ପ୍ରଭୁ ଶ୍ରୀ ମଧୁସୂଦନ।

## ପରଜଙ୍ଗ ପାଇଁ ଗୌରବ ଆଣିଲେ ଶକ୍ତିପ୍ରସାଦ




ପରଜଙ୍ଗ, ୬ ।୧୧(ସମିସ): ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ଗ୍ରାମର ନଗେନ ବିନାୟକଙ୍କ ପୁଅ ଶକ୍ତିପ୍ରସାଦ ବିନାୟକ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ରେ ନିଯୁକ୍ତି ପାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ପରଜଙ୍ଗ ବ୍ଲକ ଅଞ୍ଚଳର ପ୍ରଥମ ବ୍ୟକ୍ତି ଭାବେ ସେ ଏନ୍‌ସିବିରେ ଯୋଗଦେଇ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶକ୍ତିପ୍ରସାଦ ପିଲାଦିନରୁ ମେଧାବୀ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପ୍ୟୁଟର ଛଡ଼ା ଆଉ କିଛି ଜାଣୁ ନ ଥିଲେ। ଘର ଭିତରେ କ'ଣ କରୁଛନ୍ତି ବୋଲି ପରିବାର ଲୋକେ ଚିନ୍ତାରେ ଥିଲେ। ପ୍ରାୟ ଦୁଇବର୍ଷ ପରେ ତାଙ୍କ ସଫଳତା ଦେଖି ପରିବାରରେ ଖୁସିର ଲହରୀ ଖେଳିଯାଇଛି।

### ବୁଢ଼େଶ୍ୱର ପୀଠରେ ବାଲିଯାତ୍ରା; ୪୦ ହଜାର ଲୋକଙ୍କ ସମାଗମ

# ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇଲେ ୧୦ ହଜାର ଶ୍ରଦ୍ଧାଳୁ

ଭୁବନ, ୬ ।୧୧(ସମିସ)

ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଢ଼େଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବାଲିଯାତ୍ରା ପାଳିତ ହୋଇଛି। ଏହି ଅବସରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରେ କାର୍ତ୍ତିକ ବୁଡ଼ ପକାଇ ଡଙ୍ଗା ଭସାଇବା ସହ ବାବା ବୁଢ଼େଶ୍ୱରଙ୍କୁ ଦର୍ଶନ କରିଛନ୍ତି। ମାସକ ଯାକ ହବିଷ ପାଳନ କରୁଥିବା ମହିଳାମାନେ ରାଇ ଦାମୋଦର (ରାଧା ଗୋବିନ୍ଦ)ଙ୍କ ପୂଜା କରି ବ୍ରତ ସମାପନ କରିଛନ୍ତି। ଭୋରରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଭକ୍ତମାନେ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ କରିଥିଲେ। ତୈଳିକ ବୈଶ୍ୟ ସମାଜ ତରଫରୁ ୨୩ତମ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍ଯ୍ୟ ସମାଜ ତରଫରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଲୋକମାନେ ଦୋଳି, ମିନାବଜାର ସାଙ୍ଗକୁ ପ୍ରସିଦ୍ଧ ବରା ଘୁଗୁନି, ଦହିବରା ଆଳୁଦମ, ଚାଟ, ଦୋସା, ଠୁଙ୍କାପୁରୀ, ଆଇସକ୍ରିମ, ଫାଷ୍ଟ ଫୁଡ୍‌ର ମଜା ନେଇଥିଲେ। ମନୋହରୀ ସାମଗ୍ରୀ ସହ ତାଲା, କୁଲା, ଲୁହା ଆଦି ଘରକରଣା ସାମଗ୍ରୀ ଓ ହାଟ ବଜାରରେ ମିଳୁ ନ ଥିବା ବିଭିନ୍ନ ଜିନିଷ କିଣାକିଣି କରିଥିଲେ। ବାଲିଯାତ୍ରାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ପୁରୁଷୋତ୍ତମପୁର ଶାସନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ଅଣାଯାଇ ହରିହର ଭେଟ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟ ସମେତ ଭୁବନ ଥାନା ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।



### ଜଙ୍ଘିରା ମଠରେ ପଞ୍ଚୁକ ସମାବେଶ

## 'ବୃକ୍ଷପୂଜା ଆମ ସଂସ୍କୃତିର ଅଭିନ୍ନ ଅଙ୍ଗ'



ଢେଙ୍କାନାଳ, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ବେଲଟିକିରି ନିକଟ ଜଙ୍ଘିରା ମଠରେ ଏକାଦଶୀଠାରୁ ରାଧାକୃଷ୍ଣଙ୍କ ପାଖରେ ଅଖଣ୍ଡ ଦୀପ ପ୍ରଜ୍ୱଳିତ ହୋଇଥିଲା। ପଞ୍ଚୁକରେ ପ୍ରତ୍ୟେକ ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ରାତିରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ମଠ ପରିଚାଳନା କମିଟି ସଭାପତି ମୁରଲୀଧର ମହାରଣା, ସମ୍ପାଦକ ସଞ୍ଜୟ ବିଶ୍ୱାଳ ଏବଂ ଉପଦେଷ୍ଟା ସତ୍ୟାନନ୍ଦ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ବଡ଼ଓଷା ଅବସରରେ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତିରେ ବୃକ୍ଷପୂଜାର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପଳାଶ ବୃକ୍ଷ ବ୍ରହ୍ମା ରୂପରେ, ବଟବୃକ୍ଷ ଶିବ ରୂପରେ ଓ ଅଶ୍ୱତ୍ଥ ବୃକ୍ଷ ବିଷ୍ଣୁ ରୂପରେ ପୂଜା ପାଇଥାନ୍ତି। ସେହିପରି ଚିକିତ୍ସା ବିଜ୍ଞାନର ବିସ୍ମୟଗୁଳ୍ମ ତୁଳସୀ ପାର୍ବତୀ ଅଂଶରେ, ଅଁଳା ସରସ୍ୱତୀ ଅଂଶରେ ଏବଂ ମାଳତୀ ଲକ୍ଷ୍ମୀ ଅଂଶରେ ଜାତ ବୋଲି ପଦ୍ମ ପୁରାଣରେ ଉଲ୍ଲେଖ ଥିବା ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ ଯୋଗଦେଇ ନାମ ସଂକୀର୍ତ୍ତନ ପ୍ରତି ତାଙ୍କ ଆଗ୍ରହ ସମ୍ପର୍କରେ ସୂଚାଇଥିଲେ। ଅଧ୍ୟାପକ ବିରଜା ଶଙ୍କର ମିଶ୍ରଙ୍କ ସଂଯୋଜନାରେ ବେଲଟିକିରି ଶିବ ମନ୍ଦିର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ୪୦ ଗ୍ରାମ ବ୍ରାଉନସୁଗର ସହ ବାଇକ ଜବତ

● ଦୁଇ ଗିରଫ

କାମାକ୍ଷାନଗର/ପରଜଙ୍ଗ, ୬ ।୧୧(ସମିସ): ପରଜଙ୍ଗ ଥାନା ମୁଣ୍ଡେଇଲ ଓ ଗେହ୍ଲେଇକାଟେଣୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ ଚଢ଼ଉ କରି ୪୦ ଗ୍ରାମ ବ୍ରାଉନସୁଗର ସହ ଗୋଟିଏ ବାଇକ୍ ଜବତ କରିଛି। ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୁଣ୍ଡେଇଲ ଗ୍ରାମର ସୁଜିତ କୁମାର ପଣ୍ଡା ଓ ଗେହ୍ଲେଇକାଟେଣୀର ମାନସ କୁମାର ନାୟକ। ସୁଜିତଙ୍କଠାରୁ ଏକ ବାଇକ ସହ ୨୦ ଗ୍ରାମ ବ୍ରାଉନସୁଗର ଓ ମାନସଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। କାମାକ୍ଷାନଗର ଅବକାରୀ ଅଧିକ୍ଷକ ସାୱନ ଭୋଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ଉରେ କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।



## କଙ୍କଡ଼ାହାଡ଼ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

କଙ୍କଡ଼ାହାଡ଼, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୂର୍ବଦିନ ରାମିଆଳ ନଦୀକୂଳରେ ପୂଜାର୍ଚ୍ଚନା କରି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପବିତ୍ର ଜଳ କଳସ ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ କାର୍ତ୍ତିକ ପୂର୍ଣ୍ଣମୀ ପ୍ରାତଃ ସମୟରୁ ରୀତିନୀତି ଅନୁଯାତୀ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ୨୪ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସନ୍ଧ୍ୟାରେ ଗ୍ରାମର ମହିଳାମାନେ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ଦୁଇଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ପରିଚାଳନା କମିଟି ସଭାପତି ପ୍ରକାଶ ବିଶ୍ୱାଳ, ସମ୍ପାଦକ ତ୍ରିଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଶୁଭେନ୍ଦୁ ପାଳ, ଶମ୍ଭୁନାଥ ସିଂହ, ସନାତନ ପରିଡ଼ା, ନରୋତ୍ତମ ସିଂହ, ଅଶୋକ ପଣ୍ଡା, ସର୍ବେଶ୍ୱର ବାରିକି, ବିଷ୍ଣୁ ଚରଣ ସିଂହ, ଜୟ ସେଠୀ, ବିନୋଦ ସିଂହ, ପୂଜକ ଟୁକୁ ପଣ୍ଡା, କର୍ତ୍ତା ଶ୍ରୀମନ୍ତ ପାଣି, ସନ୍ତୋଷ କୁମାର ସାହୁ, ନରୋତ୍ତମ ବେହେରା, ନଟବର ମହାରଣା, ହୃଦାନନ୍ଦ ବେହେରା, ଟୁନା ବେହେରା, ପ୍ରଶାନ୍ତ ସିଂହ, ରଞ୍ଜୁ ସାହୁ, ଶିଖର ପରିଡ଼ା, ସୁଧାକର ସିଂହ, ବୁଲୁ ପଣ୍ଡା, ଦେବ ସାହୁ, ଗଙ୍ଗା ସାହୁ, ଅନିଲ ବାରିକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



## ପୋଖରୀରେ ବୁଡ଼ି ଯୁବକ ମୃତ



ଖଜୁରିଆକଟା, ୬ ।୧୧(ସମିସ): ପୋଖରୀରେ ବୁଡ଼ି ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାମ ଦଳେଇଙ୍କ ପୁଅ କାଳିଆ ଦଳେଇ (୨୩)। ଗୁରୁବାର ଅପରାହ୍ନରେ କାଳିଆ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ପାଇ ନ ଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ଗାଁ ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା।

## ଜଙ୍ଗଲ ପରିବେଶ ବିକାଶ ମଞ୍ଚ ଓ ଦଣ୍ଡିରୀ ପଞ୍ଚାୟତର ମିଳିତ ବୈଠକ

ଖଜୁରିଆକଟା, ୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତ ସଭାଗୃହରେ ହିନ୍ଦୋଳ ଜଙ୍ଗଲ ପରିବେଶ ବିକାଶ ମଞ୍ଚ ଏବଂ ଦଣ୍ଡିରୀ ପଞ୍ଚାୟତର ମିଳିତ ଆୟୋଜନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏଫଇଏସ ଢେଙ୍କାନାଳ ସହଯୋଗ କରିଥିଲା। ଦଣ୍ଡିରୀ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନାଏବ ସରପଞ୍ଚ ଯଶୋବନ୍ତ ସାମଲ, ଜଙ୍ଗଲ ପରିବେଶ ବିକାଶମ ଞ୍ଚ ସଭାପତି ତ୍ରିନାଥ ବେହେରା, କୋଷାଧ୍ୟକ୍ଷ ବିନୋଦିନୀ ପ୍ରଧାନ, ହିନ୍ଦୋଳ ଉପଖଣ୍ଡ ଜଙ୍ଗଲ ଅଧିକାର ସେଲର ଏମଆଇଏସ୍ ଶୁକଦେବ ନାଏକ, ଏଫଇଏସ ଢେଙ୍କାନାଳର କର୍ମୀ ଜଗନ୍ନାଥ ନାୟକ, ଆନନ୍ଦବର୍ଦ୍ଧନ ଶତପଥୀ, କଂସରା ସରପଞ୍ଚଙ୍କ ପ୍ରତିନିଧି ମନମୋହନ ରାଉତ, କ୍ଷିତ ଜେନା, ଗୁଲେହି ପଞ୍ଚାୟତର ବିମଳ କୁମାର ବିଶ୍ୱାଳ, ରାସୋଳ ପଞ୍ଚାୟତର ପ୍ରତିନିଧିଙ୍କ ସହ ଗ୍ରାମ ସଭାପତି ଓ ଗୋଷ୍ଠୀ ଜଙ୍ଗଲ ଅଧିକାର କମିଟି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପ୍ରାକୃତିକ ସମ୍ବଳ ସମୂହର ଅତୀତ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜଙ୍ଗଲ ସମ୍ବଳ ଓ ଜୈବ ବିବିଧତା, ସନ୍ତୁଳନତାର ସୁରକ୍ଷା, ସଂରକ୍ଷଣ, ପରିଚାଳନା, ବ୍ୟବହାର ଓ ଶିରୋନାମା ପ୍ରାପ୍ତି ପରବର୍ତ୍ତୀ କାଳୀନ ପରିଚାଳନା ଓ ମିଳିତ ମଞ୍ଚର ଉପକାରିତା ଉପରେ ଆଲୋଚନା ହୋଇଥିଲା। ପରେ ପଞ୍ଚାୟତସ୍ତରୀୟ ପରିବେଶ ସୁରକ୍ଷା ମଞ୍ଚ ଗଠନ କରାଯିବା ସହ ମଞ୍ଚର ପ୍ରତିନିଧି ଉପଖଣ୍ଡସ୍ତରୀୟ ମହାମଞ୍ଚରେ ସାମିଲ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି।



## ମା' କାମନାକାଳୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ, ୬ ।୧୧(ସମିସ): ସଦର ବ୍ଲକ ନରଣପୁର ଗ୍ରାମରେ ମା' କାମନାକାଳୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ତାରିଖ ସ୍ଥାନୀୟ ବଡ଼ଯୋରାଠାରୁ ପୂଜାର୍ଚ୍ଚନା କରାଯାଇ ଶତାଧିକ ପୁରୁଷ ଓ ମହିଳା କଳସ ଧାରଣ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ପରେ ଅଧିବାସ ପୂଜା ଓ ଅଗ୍ନି ସଂସ୍କାର କରାଯାଇଥିଲା। ୧ ତାରିଖ ଅଙ୍କୁରାରୋପଣ ଓ ମଣ୍ଡଳକରଣ, ୨ ତାରିଖ ଘଟ ଆବାହନ ଓ କଳସଯାତ୍ରା, ୩ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା ଓ ମା'ଙ୍କ ପାଖରେ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା। ୪ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା ଓ ଗୀତାଯଜ୍ଞ ଏବଂ ୫ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଚଣ୍ଡୀପୂଜା ଓ ପୂର୍ଣ୍ଣାହୁତି ସହ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ପୂଜକ ଚିତ୍ତରଞ୍ଜନ ଦାସ, କର୍ତ୍ତା ହିମାଂଶୁ ପ୍ରଧାନ, ସୁଫଳା ପ୍ରଧାନ, ବାଦଲ ସ୍ୱାଇଁ, ରିତୁ ସ୍ୱାଇଁ ଏବଂ ନରଣପୁର ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ହୋଇଥିଲା।



### ଖେଳପଡ଼ିଆ ତାରବାଡ଼ ଉଚ୍ଛେଦ

# ପୁଲିସ ପ୍ରଶାସନ ଓ ଗ୍ରାମବାସୀ ମୁହାଁମୁହିଁ

ଢେଙ୍କାନାଳ, ୬ ।୧୧(ସମିସ)



ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ଜନ୍ତାରିବୋଲଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୫୧୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପଛପଟେ ଖେଳପଡ଼ିଆ ପାଇଁ ଜାଗା ରହିଛି। ଖେଳପଡ଼ିଆ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଫଳକ ନିର୍ମାଣ କରାଯାଇଥିଲେ ମଧ୍ୟ ସେଠାରେ କାମ ନ କରି ବିଦ୍ୟାଳୟ ସମ୍ମୁଖ ସରକାରୀ ଜାଗାକୁ ବିନା ସ୍ୱୀକୃତିରେ ବିଦ୍ୟାଳୟର ଅଧ୍ୟକ୍ଷ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏହି ଜାଗାରେ ଗ୍ରାମବାସୀ ଯାନିଯାତ୍ରା କରିବା ସହ ଗାଁ ଖେଳାଳିମାନେ ବ୍ୟବହାର କରୁଥିଲେ। ଜାଗାଟି ଖୋଲା ଥିବାରୁ ଅସାମାଜିକ ଯୁବଗୋଷ୍ଠୀ ସନ୍ଧ୍ୟାରେ ମଦ୍ୟପାନ ଓ ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ସହ ଆଡ୍ଡା ଜମାଉଥିବାରୁ ଗ୍ରାମବାସୀ ତାରବାଡ଼ ଦେଇ ଅବରୋଧ କରିଥିଲେ। ଗୁରୁବାର ପୂର୍ବାହ୍ନରେ ଅଧ୍ୟକ୍ଷଙ୍କ ଅଭିଯୋଗ ଆଧାରରେ କାମାକ୍ଷାନଗର ତହସିଲଦାର, ଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ୧ ପ୍ଲାଟୁନ ପୁଲିସ ଫୋର୍ସ ସହ ସେଠାରେ ପହଞ୍ଚି ତାରବାଡ଼ ଉଚ୍ଛେଦ ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ୩ଘଣ୍ଟା ଧରି ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ତାରବାଡ଼ ଉଚ୍ଛେଦ କରିଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ବଦଳି ସହ ଉକ୍ତ ଖେଳପଡ଼ିଆକୁ ଜନ୍ତାରିବୋଲ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଧ୍ୟକ୍ଷ ଗ୍ରାମବାସୀଙ୍କୁ କଟୁ ମନ୍ତବ୍ୟ ଦେଇ ସମସ୍ୟା ଉପୁଜାଉଥିବା କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରି ଘଟଣାର ସମାଧାନ କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲିମି ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା




ଖଜୁରିଆକଟା, ୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ହିନ୍ଦୋଳ ଏସଡିପିଓ ସତ୍ୟକୁମର ନନ୍ଦ ମୁଖ୍ୟଅତିଥି, ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ହିନ୍ଦୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ, ବଜାର କମିଟି ସଭାପତି ଲୋଚନ ସାହୁ, ସମାଜସେବୀ ଉପେନ୍ଦ୍ର ମାହୁନ୍ତ, ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର, ବାଲିମି ଥାନାଧିକାରିଣୀ ସୁଚିସ୍ମିତା ମହାନ୍ତି, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଇବର ଅପରାଧୀ ଅବଲମ୍ବନ କରୁଥିବା ନୂଆ କୌଶଳ ସମ୍ପର୍କରେ ଅତିଥିମାନେ ଲୋକଙ୍କୁ ସଚେତନ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅସରଡ଼ା ଗ୍ରାମର ଶ୍ରୀରାମ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ବାଲିମି ଗ୍ରାମର ଶିଶୁ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବାଲିମି ଥାନାଠାରୁ ଖଜୁରିଆକଟା ବଜାର ଦଶହରା ପଡ଼ିଆ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଇଲେ। ପରେ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସଡିପିଓ ନନ୍ଦ ଏଥିରେ ଯୋଗଦେଇ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନାଧିକାରିଣୀ ଚାରୁଲତା ବେହେରା ଏବଂ ହିନ୍ଦୋଳ ଥାନା ଓ ସାତମାଇଲ ଫାଣ୍ଡିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୨,୩୫୦ (ଭୁବନେଶ୍ୱର)
- ରୁପା : ୧,୬୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୩୧୧.୦୦
- ନିଫ୍ଟି ୨୫,୫୦୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଆମେରିକା କଟକଣାର ପ୍ରଭାବ**

# ରୁଷରୁ କ୍ରୁଡ୍ ଆମଦାନୀ କମିବ

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଭାରତ ଏବେ ରୁଷରୁ ଏହାର ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବାକୁ ପ୍ରସ୍ତୁତ ହେଉଛି। ସୂଚନାନୁଯାୟୀ , ଆମେରିକା ଦ୍ୱାରା ରୁଷ ଉପରେ ନୂତନ କଟକଣା ଲାଗୁ ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମେରିକା ପୂର୍ବରୁ ରୁଷର ସରକାରୀ ମାଲିକାନା ତେଲ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକ୍ ଅଏଲ୍ ସହିତ ସମସ୍ତ କାରବାରକୁ ନିଷେଧ କରିଥିଲା। ଏହି କଟକଣା ନଭେମ୍ବର ୨୧ତାରିଖରୁ କାର୍ଯ୍ୟକାରୀ ହୋଇଛି। ଫାର୍ମ କେପ୍ଲରର ଅନୁଯାୟୀ, ଏହି କଟକଣା ଯୋଗୁଁ ଭାରତର ପ୍ରମୁଖ ତୈଳ ବିଶୋଧନାଗାରଗୁଡ଼ିକ ଆଉ ରୁଷରୁ ତେଲ କ୍ରୟ କରିବେନାହିଁ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷର ସରକାରୀ ମାଲିକାନା ତେଲ କମ୍ପାନୀ ରୋସ୍‌ନେଫ୍ଟରୁ ତେଲ କିଣିବା ବନ୍ଦ କରିବ। ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ୍ ମଧ୍ୟ ରୁଷରୁ ତେଲ କ୍ରୟ ହ୍ରାସ କରିବ। ଏହା ବ୍ୟତୀତ, ହିନ୍ଦୁସ୍ତାନ ପେଟ୍ରୋଲିୟମର ସହାୟକ କମ୍ପାନୀ ଏଚ୍‌ପିସିଏଲ୍-ମିତ୍ତଲ ଏନର୍ଜି ଲିମିଟେଡ୍ (ଏଚ୍‌ଏମ୍‌ଇଏଲ୍) ପୂର୍ବରୁ ରୁଷର ତେଲ ଆମଦାନୀ ବନ୍ଦ କରିସାରିଛି। ଏହି ତିନୋଟି କମ୍ପାନୀ ମିଳିତ ଭାବରେ ଭାରତର ରୁଷରୁ ହେଉଥିବା ମୋଟ ଅଶୋଧିତ ତୈଳ ଆମଦାନୀର ୫୦% ରୁ ଅଧିକ ଭାଗ ବହନ କରିଥାନ୍ତି। ତଥାପି, ଅକ୍ଟୋବର ମାସରେ ଦେଶରେ ରୁଷର ଅଶୋଧିତ ତୈଳ ଆମଦାନୀ ୨.୫% ବୃଦ୍ଧି ପାଇଛି।



**ରୁଷୀୟ ସରକାରୀ କମ୍ପାନୀଙ୍କଠାରୁ ତେଲ କିଣା ବନ୍ଦ କରିବ ରିଲାଏନ୍ସ**

କେପ୍ଲରର ମୁଖ୍ୟ ଗବେଷଣା ବିଶ୍ଳେଷକ ସୁମିତ ରାଟୋଲିଆ କହିଛନ୍ତି ଯେ ଅଧିକାଂଶ ଭାରତୀୟ ବିଶୋଧନଗାର ଆମେରିକାର କଟକଣା ପାଳନ କରିବେ ଏବଂ ରୁଷରୁ ସିଧାସଳଖ କ୍ରୟକୁ ହ୍ରାସ କରିବେ କିମ୍ବା ବନ୍ଦ କରିବେ। ଡିସେମ୍ବରରେ ଆମଦାନୀ ତୀବ୍ର ହ୍ରାସ ପାଇବ, ଯାହା ୨୦୨୬ ପ୍ରାରମ୍ଭ ସୁଦ୍ଧା ଧୀରେ ଧୀରେ ସୁଧାର ଆସିପାରେ। ଆମେରିକୀୟ ଟ୍ରେଜେରୀ କମ୍ପାନୀଗୁଡ଼ିକୁ ରୋସନେଫ୍ଟ ଏବଂ ଲୁକ୍ ଅଏଲ୍ ସହିତ କାରବାର ସମାପ୍ତ କରିବାକୁ ସମୟ ଦେଇଛି। ପାଳନ ନ କଲେ ଜରିମାନା, କଳାତାଲିକାଭୁକ୍ତ କିମ୍ବା ବାଣିଜ୍ୟ କଟକଣା ଲାଗୁ ହୋଇପାରେ। ଆମେରିକୀୟ ସଂସ୍ଥାଗୁଡ଼ିକୁ ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକ ସହିତ କୌଣସି ପ୍ରକାରର ବ୍ୟବସାୟ କରିବାରୁ ବାରଣ କରାଯାଇଛି। ଭାରତ ପାଇଁ ରୁଷ ତେଲ ଶସ୍ତା ଥିଲା, କିନ୍ତୁ ବର୍ତ୍ତମାନ ଭାରତୀୟ କମ୍ପାନୀଙ୍କୁ ମଧ୍ୟପ୍ରାଚ୍ୟ କିମ୍ବା ଆମେରିକା ଭଳି ବିକଳ୍ପ ଉତ୍ସରୁ ତୈଳ ସଂଗ୍ରହ କରିବାକୁ ପଡିବ, ଯାହା ଅଧିକ ମହଙ୍ଗା। ଭାରତର ମୋଟ ଆମଦାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୁଷ ତେଲ ଥିଲା, ତେଣୁ ବିଶୋଧନ ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ୨୦୨୨ ମସିହାରେ ରୁଷର ୟୁକ୍ରେନ ଆକ୍ରମଣ ପରେ ରୁଷୀୟ ତେଲ ଶସ୍ତା ହୋଇଗଲା। ଭାରତ ବିଶ୍ୱର ତୃତୀୟ ବୃହତ ତୈଳ ଆମଦାନୀକାରୀ ଦେଶ। ରୁଷୀୟ ତେଲ ଦର କମ୍ ରହୁଥିବାରୁ ଭାରତ ଏହାର ଆବଶ୍ୟକତା ପୂରଣ କରୁଥିଲା। ତଥାପି, ପ୍ରତିବନ୍ଧକ ଏବେ ଭାରତକୁ ରୁଷୀୟ ତେଲ କ୍ରୟ ହ୍ରାସ କରିବାକୁ ବାଧ୍ୟ କରିପାରେ। ଭାରତ ସରକାରଙ୍କ ତଥ୍ୟ ଦର୍ଶାଉଛି ଯେ ଦେଶ ୨୦୨୨ ମସିହାରୁ ପ୍ରାୟ ୧୪୦ ବିଲିୟନ ଡଲାର ମୂଲ୍ୟର ରିଆତି ମୂଲ୍ୟର ରୁଷୀୟ ତେଲ କିଣିଛି। ରିଲାଏନ୍ସ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ଏହି ତେଲକୁ ପେଟ୍ରୋଲ ଏବଂ ଡିଜେଲରେ ପ୍ରକ୍ରିୟାକରଣ କରି ଘରୋଇ ଏବଂ ଆନ୍ତର୍ଜାତୀୟ ବଜାରରେ ବିକ୍ରି କରିଛନ୍ତି।

ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ ତେଲ କିଣିବା ବନ୍ଦ କରିବ। ବୁଧବାର, ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କୁ ସୂଚନାଦେଇ ଟ୍ରମ୍ପ୍ ୫ମ ଥର ପାଇଁ କହିଛନ୍ତି, ତେଲ କ୍ରୟ ଏପରି ଏକ ଜିନିଷ ଯାହାକୁ ତୁରନ୍ତ ବନ୍ଦ କରାଯାଇପାରିବନାହିଁ, କିନ୍ତୁ ସେମାନେ ବର୍ଷ ଶେଷ ସୁଦ୍ଧା ଏହାକୁ ଶୂନ୍ୟକୁ ହ୍ରାସ କରିବେ। ସେ ଏ ବିଷୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଛି। ଅଗଷ୍ଟ ପୂର୍ବରୁ, ଟ୍ରମ୍ପ୍ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଥିଲେ। ୨୭ ଅଗଷ୍ଟରୁ ଭାରତ ମୋଟ ୫୦ ଶୁଳ୍କ ଲାଗୁ ହୋଇଛି। ଏଥିରେ ରୁଷରୁ ତେଲ କିଣିବା ପାଇଁ ୨୫% ପାରସ୍ପରିକ ଶୁଳ୍କ ଏବଂ ୨୫% ଜରିମାନା ଅନ୍ତର୍ଭୁକ୍ତ।

## ପାନ୍-ଆଧାର ଲିଙ୍କ୍‌ର ଶେଷ ଅବଧି ଡିସେମ୍ବର ୩୧ ତାରିଖ

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଯଦି ଆପଣ ଏ ପର୍ଯ୍ୟନ୍ତ ଆପଣଙ୍କର ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରିନାହାଁନ୍ତି, ତେବେ ବିଳମ୍ବ କରନ୍ତୁ ନାହିଁ। ଡିସେମ୍ବର ୩୧ ସୁଦ୍ଧା ଏପରି କରିବାରେ ବିଫଳ ହେଲେ, ୨୦୨୬ ଜାନୁଆରୀ ପହିଲାରୁ ଆପଣଙ୍କର ପାନ୍ କାର୍ଡ ନିଷ୍କ୍ରିୟ ହୋଇଯିବ। ଏମିତିକି ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରାଯାଇ ନ ଥିଲେ ଆପଣ ଆୟକର ରିଟର୍ଣ୍ଣ (ଆଇଟିଆର୍) ଫାଇଲ୍ କରିପାରିବେ ନାହିଁ ଏବଂ ରିଫଣ୍ଡ ମଧ୍ୟ ପାଇପାରିବେ ନାହିଁ।

ଏମିତିକି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ଆସିବା ଏବଂ କିମ୍ବା ଏସ୍‌ଆଇପି ଆର୍ଥିକ ଉତ୍ପାଦରେ ନିବେଶରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁମାନେ ୨୦୨୪ ଅକ୍ଟୋବର ପହିଲା ପୂର୍ବରୁ ସେମାନଙ୍କର ଆଧାର ପଞ୍ଜିକରଣ ଆଇଡି ବ୍ୟବହାର କରି ସେମାନଙ୍କର ପାନ୍ ପାଇଥିଲେ, ସେମାନଙ୍କୁ ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ଏହାକୁ ଲିଙ୍କ୍ କରିବାକୁ ପଡିବ। ନିୟମ ଅନୁଯାୟୀ, ଯଦି ଆପଣଙ୍କର ପାନ୍ ନିଷ୍କ୍ରିୟ ହୋଇଯାଏ ଏବଂ ଆପଣ ଏହାକୁ ବ୍ୟାଙ୍କ କାରବାର କିମ୍ବା ଅନ୍ୟ କୌଣସି ସ୍ଥାନରେ ବ୍ୟବହାର କରନ୍ତି, ତେବେ ଏହା ବିବେଚନା କରାଯିବ ଯେ ଆପଣ ଆଇନ ଅନୁଯାୟୀ ପାନ୍ ପ୍ରଦାନ କରିନାହାଁନ୍ତି। ଏପରି କ୍ଷେତ୍ରରେ, ଆପଣଙ୍କୁ ଆୟକର ଆଇନର ଧାରା ୨୭୨ବି ଅନୁଯାୟୀ ୧୦,୦୦୦ ଟଙ୍କା ଜରିମାନା ଦେବାକୁ ପଡିପାରେ। ଆଇନର ଧାରା ୧୩୯ଏ ଅନୁଯାୟୀ ପଚରାଗଲେ ପାନ୍‌ଦେଖାଇବା ବାଧ୍ୟତାମୂଳକ। ଆୟକର ଆଇନ ୧୯୬୧ ଅନୁଯାୟୀ, କିଛି ଲୋକଙ୍କୁ ପାନ୍ ସହିତ ଆଧାର ଲିଙ୍କ୍ କରିବାରୁ ମୁକ୍ତ କରାଯାଇଛି। ଏହି ବର୍ଗରେ ଆସାମ, ଜମ୍ମୁ ଏବଂ କାଶ୍ମୀର ଏବଂ ମେଘାଳୟର ଲୋକ, ଅଣ-ନିବାସୀ, ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସର ଲୋକ ଏବଂ ବିଦେଶୀ ନାଗରିକ ଅନ୍ତର୍ଭୁକ୍ତ।

## ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ



**କଟକ, ୬।୧୧ :** ଖାଇବା ତେଲ ବ୍ରାଣ୍ଡ 'ଫ୍ରିଡମ୍'ର ଷ୍ଟଲ୍ କଟକ ବାଲିଯାତ୍ରାରେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଏବଂ ଖାଦ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ଯୋଗଦେଇ ଫ୍ରିଡମ୍ ଷ୍ଟଲ୍‌କୁ ଉଦଘାଟନ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଅଫର ହିଁ ଅଫର୍ ପ୍ରଦାନ କରାଯାଉଛି। ଗ୍ରାହକ ୫ ଲିଟର ସନ୍‌ଫ୍ଲାୱାର ତେଲ କିଣିଲେ ଗୋଟିଏ ବାଲ୍‌ଟି ମାଗଣା ମିଳୁଥିବାବେଳେ ରାଇସ ବ୍ରାନ୍ ୫ ଲିଟର ତେଲ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି। ଏଥିସହିତ ସନଫ୍ଲାୱାର୍ ୨ ଲିଟର ଏବଂ ସୋରିଷ ତେଲ ୧ ଲିଟର କମ୍ବୋ ଅଫର ସହ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଦିଆଯାଉଥିବାବେଳେ, ୫ ଲିଟର କଟିଘନି ସୋରିଷ ତେଲ ବକେଟ୍ ଜାରରେ ମଧ୍ୟ ଆକର୍ଷଣୀୟ ଅଫରରେ ଗୃହିଣୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିବା ଫ୍ରିଡମ୍ ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ୍ କୁମାର ମହାନ୍ତି, ଆଶିଷ ଦାସ, ସମୀର କୁମାର ଜେନା, ଶରତ ପଟ୍ଟନାୟକ, ଜିବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଫ୍ରିଡମ୍‌ର ଆକର୍ଷଣୀୟ ଅଫରରେ ଗୃହିଣୀଙ୍କ ଗହଳି**

## ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଯୁବ ଉଦ୍ଭାବକ ଦୃଷ୍ଟିହୀନଙ୍କ ପାଇଁ ଏଆଇ ସମାଧାନ




**ଭୁବନେଶ୍ୱର, ୬।୧୧(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଦୁଇ ଯୁବ ଉଦ୍ଭାବକ - ଲୋକେଶ ଲାଲ ମାଝୀ ଏବଂ ଅମୟ ପ୍ରସାଦ ମହାକୁଡ, ଉଭୟ ଏକାଦଶ ଶ୍ରେଣୀର ଛାତ୍ରଙ୍କ ଉଲ୍ଲେଖନୀୟ ସଫଳତାକୁ ଗର୍ବର ସହିତ ପାଳନ କରୁଛି। ଛାତ୍ରମାନେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଷ୍ଠିତ ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ - ଫ୍ୟୁଚର୍ ମେକର୍ ଆଇଡିଆଥନ୍ ରେ ପ୍ରଥମ ପୁରସ୍କାର ଜିତି କଳାହାଣ୍ଡି ପାଇଁ ଅତ୍ୟନ୍ତ ଗର୍ବ ଆଣିଛନ୍ତି। ସାରା ଓଡ଼ିଶାର ସ୍କୁଲରୁ ୧୦୮ଟି ଅଭିନବ ପ୍ରକଳ୍ପ ସହ ପ୍ରତିଯୋଗିତା କରି, ତାଙ୍କର ପ୍ରୋଜେକ୍ଟ ଏହାର ମୌଳିକତା, ଉଦ୍ଦେଶ୍ୟ ଏବଂ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା, ସେମାନଙ୍କୁ ଶ୍ରେଷ୍ଠ ୧୫ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ଦେଇଥିଲା ଏବଂ ଶେଷରେ ଚାମ୍ପିଅନ ଉପାଧି ହାସଲ କରିଥିଲା। ଏହି ଯୁଗଳଙ୍କୁ ଚାମ୍ପିଅନ ଟ୍ରଫି ସହିତ ୧୫,୦୦୦ ଟଙ୍କାର ନଗଦ ପୁରସ୍କାର ମିଳିଥିଲା, ଯାହା ସ୍କୁଲ ଏବଂ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା।

## ମେକ୍ ମାଇଁ ଟ୍ରିପ୍ ର ଟ୍ରାଭେଲ୍ କା ମହୁରତ

**ନୂଆଦିଲ୍ଲୀ,୬।୧୧ :** ମେକ ମାଇଁ ଟ୍ରିପର ପ୍ରଥମ 'ଟ୍ରାଭେଲ୍ କା ମହୁରତ (ଅକ୍ଟୋବର ୨୯ - ନଭେମ୍ବର ୩)ର ପ୍ରଥମ ଛଅ ଦିନର ପ୍ରାରମ୍ଭିକ ଧାରା ଦର୍ଶାଉଛି ଯେ ଅଧିକ ଲୋକ ପୂର୍ବରୁ ସେମାନଙ୍କର ଯାତ୍ରା ଯୋଜନା କରୁଛନ୍ତି, ନୂତନ ଗନ୍ତବ୍ୟସ୍ଥଳ ଅନୁସନ୍ଧାନ କରୁଛନ୍ତି ଏବଂ ପ୍ରିମିୟମ୍ ରହଣିକୁ ବାଛିଛନ୍ତି। ସମାନ ସମୟରେ, ଯାତ୍ରୀମାନେ ଭଲ ଡିଲ୍ ଏବଂ ଅଫର ଖୋଜୁଛନ୍ତି। ବର୍ଷ ଶେଷ ବିମାନ ପାଇଁ ପ୍ରାରମ୍ଭିକ ବୁକିଂ ଗତ ବର୍ଷ ତୁଳନାରେ ଦୁଇଗୁଣ ହୋଇଛି। ପ୍ରିମିୟମ୍ ହୋଟେଲ ଏବଂ ରହଣି ବିକଳ୍ପର ଏକ ବ୍ୟାପକ ପରିସର ଏହି ଋତୁର ମୁଖ୍ୟ ଆକର୍ଷଣ ମଧ୍ୟରେ ରହିଛି। ଘରୋଇ କ୍ଷେତ୍ରରେ, ଛଅ ଦିନର ଅବଧି ମଧ୍ୟରେ ଯାତ୍ରୀମାନେ ସାରା ଭାରତରେ ବିମାନ ବୁକ୍ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଅନ୍ତର୍ଜାତୀୟ ବିମାନ ବୁକିଂ ୧୧୫ଟି ଦେଶର ୩୬୨ଟି ବିମାନବନ୍ଦରରେ ବ୍ୟାପିଥିଲା, ଯାହା ୧୧୩ଟି ଏୟାରଲାଇନ୍ସ ଦ୍ୱାରା ସେବା ଯୋଗାଇ ଦିଆଯାଇଥିଲା।

## ସୌର ବିକାଶ ୩୭୦୦ କୋଟିର ପୁନଃଚକ୍ରଣ ବଜାର ସୃଷ୍ଟି କରିପାରିବ: ସିଇଇଡବ୍ଲ୍ୟୁ

**ନୂଆଦିଲ୍ଲୀ, ୬।୧୧(ଏଜେନ୍ସି):** ଦେଶରେ ପରିତ୍ୟକ୍ତ ସୌର ପ୍ୟାନେଲରୁ ସାମଗ୍ରୀ ପୁନରୁଦ୍ଧାର ଏବଂ ପୁନଃବ୍ୟବହାର ଜରିଆରେ ୨୦୪୭ ସୁଦ୍ଧା ୩୭୦୦ କୋଟି ଟଙ୍କାର ବଜାର ସୁଯୋଗ ସୃଷ୍ଟି କରାଯାଇପାରୀବ। ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ଦ୍ୱାରା ଆଜି ପ୍ରକାଶିତ ନୂତନ ସ୍ୱାଧୀନ ଅଧ୍ୟୟନରେ ଏହା କୁହାଯାଇଛି। ଅଧ୍ୟୟନଗୁଡ଼ିକରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦି ଏହି ସମ୍ଭାବନାକୁ ବାସ୍ତବରେ ପରିଣତ କରାଯାଏ ତେବେ ସୌର ଅପଚୟରୁ ସିଲିକନ୍, ତମ୍ବା, ଆଲୁମିନିୟମ୍ ଏବଂ ରୂପା ଭଳି ମୂଲ୍ୟବାନ ସାମଗ୍ରୀ ପୁନରୁଦ୍ଧାର ୨୦୪୭ ମସିହାରେ କ୍ଷେତ୍ରର ଉତ୍ପାଦନ ଇନପୁଟ୍‌ର ୩୮ପ୍ରତିଶତ ପୂରଣ କରିପାରିବ ଏବଂ ପୁନଃଚକ୍ରିତ ସମ୍ବଳଗୁଡ଼ିକୁ ପୁନଃସ୍ଥାପିତ ସହିତ ବଦଳାଇ୩୭ ନିୟୁତ ଟନ୍ କାର୍ବନ ନିର୍ଗମନକୁ ଏଡାଇ ପାରିବ। ଭାରତର ସୌର ମଡ୍ୟୁଲ୍ ପୁନଃଚକ୍ରଣ ବଜାର ବର୍ତ୍ତମାନ ଏକ ବହୁତ ନବଜାତ ପର୍ଯ୍ୟାୟରେ ରହିଛି, କେବଳ କିଛି ବାଣିଜ୍ୟିକ ପୁନଃଚକ୍ରଣକାରୀ କାର୍ଯ୍ୟ କରୁଛନ୍ତି। ଯୁଗ୍ମ ସିଇଇଡବ୍ଲ୍ୟୁ ଅଧ୍ୟୟନ ଏକ ଘରୋଇ ସୌର ପୁନଃଚକ୍ରଣ ଇକୋସିଷ୍ଟମ ନିର୍ମାଣ ପାଇଁ ଭାରତର ପ୍ରଥମ ବ୍ୟାପକ ବ୍ଲୁପ୍ରିଣ୍ଟ ପ୍ରଦାନ କରୁଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଉତ୍ପାଦନ ଆତ୍ମନିର୍ଭରଶୀଳତା ଉଭୟକୁ ସମର୍ଥନ କରେ। ୨୦୪୭ ସୁଦ୍ଧା ଭାରତର ସ୍ଥାପିତ ସୌର କ୍ଷମତା ୧୧ ନିୟୁତ ଟନ୍‌ରୁ ଅଧିକ ସୌର ଅପଚୟ ଉତ୍ପାଦନ କରିପାରିବ, ମୁଖ୍ୟତଃ ସ୍ଫଟିକ-ସିଲିକନ୍ ମଡ୍ୟୁଲ୍‌ରୁ। ଏହାକୁ ପରିଚାଳନା କରିବା ପାଇଁ ସାରା ଦେଶରେ ପ୍ରାୟ ୩୦୦ ପୁନଃଚକ୍ରଣ ପ୍ଲାଣ୍ଟ ଏବଂ ୪୨୦୦ କୋଟି ନିବେଶ ଆବଶ୍ୟକ ହେବ ବୋଲି ଅଧ୍ୟୟନରେ ଆକଳନ କରାଯାଉଛି।

## ୮.୯୬% କାର୍ବନ ତୀବ୍ରତା କମାଇଲା ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୬।୧୧(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଆର୍ଥିକବର୍ଷ ୨୫ ପାଇଁ ଏହାର ସ୍ଥାୟୀ ବିକାଶ ରିପୋର୍ଟ ପ୍ରକାଶ ସହିତ ଏକ ସ୍ଥାୟୀତ୍ୱ ନେତା ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି। ରିପୋର୍ଟ ଟି ଡିକାର୍ବୋନାଇଜେସନ, ନବୀକରଣୀୟ ଶକ୍ତି ଗ୍ରହଣ ଏବଂ ବୃତାକାର ଅର୍ଥନୀତି ଅଭ୍ୟାସରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରଦର୍ଶନ କରେ ଯାହା ଭାରତର ନେଟ୍ ଶୂନ୍ୟ ୨୦୭୦ ଦୃଷ୍ଟିକୋଣ ସହିତ ଏହାର ସମନ୍ୱୟକୁ ଗୁରୁତ୍ୱ ଦିଏ ଏବଂ ଏକ ଅଧିକ ସ୍ଥାୟୀ ଶିଳ୍ପ ଭବିଷ୍ୟତ ଗଠନରେ ଏହାର ଭୂମିକାକୁ ଗୁରୁତ୍ୱ ଦିଏ। ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟର ପ୍ରତ୍ୟେକ ଦିଗରେ ସ୍ଥାୟୀତ୍ୱକୁ ସାମିଲ କରୁଛି ଯାହା ସ୍ମେଲଟରଗୁଡ଼ିକୁ ଡିକାର୍ବୋନାଇଜେସନ୍ କରିବା ଏବଂ ରିଫାଇନିଂ ପ୍ରକ୍ରିୟା ଠାରୁ ଆରମ୍ଭ କରି ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ଇକୋସିଷ୍ଟମକୁ ପୁନରୁଦ୍ଧାର କରିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ରିପୋର୍ଟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ଯେ କମ୍ପାନୀର ଦର୍ଶନ, ରେସପନ୍ସିବଲ୍ ଟୁଡେ, ସଷ୍ଟେନେବଲ୍ ଅଲୱେଜ୍, ଭାରତର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳରେ ଏକ ଆଦର୍ଶ ପରିବର୍ତ୍ତନ ଆଣିଛି। ଓଡ଼ିଶା ଏବଂ ଛତିଶଗଡ଼ରେ ବିଶ୍ୱସ୍ତରୀୟ ସୁବିଧା ସହିତ, ବେଦାନ୍ତ ଆଲୁମିନିୟମ ଆର୍ଥିକବର୍ଷ ୨୫ ରେ ପରିବେଶଗତ ଅଣ-ପାଳନ ପାଇଁ ଶୂନ୍ୟ ସହନଶୀଳତା ବଜାୟ ରଖି ଭାରତର ମୋଟ ଉତ୍ପାଦନର ଅଧାରୁ ଅଧିକ ୨.୪୨ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।




## ବିଓବି ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬।୧୧(ସମିସ):** ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ୍‌ରେ ୨୦୨୫ ନଭେମ୍ବର ୩ ଓ ୪ ତାରିଖରେ ଆନ୍ତଃ-ଜୋନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କର୍ପୋରେଟ୍ କାର୍ଯ୍ୟାଳୟ , ମୁଖ୍ୟ କାର୍ଯ୍ୟାଳୟ ଓ ସାରା ଭାରତରେ ଥିବା ୨୫ଟି ଜୋନ୍‌କୁ ପ୍ରତିନିଧିତ୍ୱ କରୁଥିବା ୧୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କର୍ମଚାରୀ କଲ୍ୟାଣକୁ ଉତ୍ସାହିତ କରିବା ଏବଂ ଚେସ୍ ଭଳି ଏକ ବୌଦ୍ଧିକ କ୍ରୀଡ଼ା ଜରିଆରେ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ୍ର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ସମେତ ଉପ ମହାପ୍ରବନ୍ଧକ (ବ୍ୟବସାୟ ବିକାଶ) ଶିବ ପଦ ନାୟକ ଓ ଉପ ମହାପ୍ରବନ୍ଧକ (କମ୍ପ୍ଲାଏନ୍ସ ଆଣ୍ଡ ଆସ୍ୟୁରାନ୍ସ) ଭି ଏମ୍ ଏନ୍ ଏସ୍ ସାଇବାବୁ ଯୋଗଦେଇଥିଲେ। ଏଥିରେ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି ଯେ, ବ୍ୟାଙ୍କ୍ ଅଫ୍ ବରୋଦା ବିଶ୍ୱାସ କରେ କି କର୍ମଚାରୀଙ୍କ କଲ୍ୟାଣ ଯୋଜନା ସେମାନଙ୍କ ପେସାଦାର ସଫଳତାରେ ସହାୟତା କରିଥାଏ।

## ଡିଜିଟାଲ ପଦ୍ଧତିରେ ପେନ୍‌ସନ୍‌ଭୋଗୀ ପାଇବେ ଜୀବନ ପ୍ରମାଣପତ୍ର

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ଅଧିନସ୍ଥ ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲ୍ୟୁ), ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର (ଡିଏଲସି) ଅଭିଯାନ ୪.୦ ଆରମ୍ଭ କରିଛି। ଏହି ଅଭିଯାନ ଚଳିତମାସ ୧ରୁ ୩୦ ପର୍ଯ୍ୟନ୍ତ ଚାଲିବ। ପେନସନଭୋଗୀଙ୍କ ଡିଜିଟାଲ ସଶକ୍ତୀକରଣ ଲାଗି ସରକାରଙ୍କ ଦୃଷ୍ଟିକୋଣ ଅନୁସାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅଭିଯାନ ଦେଶର ୨,୦୦୦ ସହର ଓ ଟାଉନରେ ଆୟୋଜନ ହେଉଛି। ତେବେ ଏହି ଅଭିଯାନ ଜରିଆରେ ଏକାଧିକ ଡିଜିଟାଲ ପଦ୍ଧତି ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦେବାକୁ ପେନସନଭୋଗୀଙ୍କୁ ସୁବିଧା ପ୍ରଦାନ କରାଯାଇଛି। ପେନସନଭୋଗୀଙ୍କ ପାଇଁ ସହଜ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ, ବିଭାଗ ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଆଧାର-ଭିତ୍ତିକ ମୁଖ ସତ୍ୟାପନ ପ୍ରଯୁକ୍ତିବିଦ୍ୟା (ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି)ର ବ୍ୟବହାରକୁ ପ୍ରୋତ୍ସାହିତ କରିଚାଲିଛି, ଯାହା ଦ୍ୱାରା ପେନସନଭୋଗୀମାନେ ଘରେ ବସି ସ୍ମାର୍ଟଫୋନ୍ ବ୍ୟବହାର କରି ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଅତି ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ପେନସନଭୋଗୀମାନଙ୍କୁ ସେମାନଙ୍କ ଘରକୁ ଯାଇ ଡିଏଲସି ସେବା ପ୍ରଦାନ କରିଥିଲା। ସେହିପରି ବ୍ୟାଙ୍କ, ପେନସନଭୋଗୀ ସଂଘ ଏବଂ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକ ସଚେତନତା ଶିବିର ଆୟୋଜନ କରିଥିଲେ ଏବଂ ସେସବୁ ସ୍ଥାନରେ ସହାୟତା ପ୍ରଦାନ କରିଥିଲେ।



## "ଭାରତୀୟ ଉଦ୍ୟୋଗ ଉପରେ ନିୟାମକ ଅନୁପାଳନ ବୋଝ ଅଧିକ"

### ନିୟମାବଳୀ 'ନବସୃଜନ ଓ ରୋଜଗାର ସୃଜନରେ ବାଧା ନ ଆଣୁ'

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଭାରତର ପୂର୍ବତନ ଜି-୨୦ ଶେରପା ଅମିତାଭ କାନ୍ତ ଗୁରୁବାର ଭାରତୀୟ ଉଦ୍ୟୋଗ ଉପରେ ପଡୁଥିବା ନିୟାମକ ଅନୁପାଳନ ଜନିତ ବୋଝ କଥା ଉଠାଇଛନ୍ତି। ଦେଶରେ ଏଭଳି ସମାଜବାଦୀ ମାନସିକତା ଏବେ ବି ଜାରି ରହିଥିବା ସେ ଦୁଃଖର ସହ କହିଛନ୍ତି। ଏକ୍ସଲେନ୍ସ ଏନେବଲର୍ସ କାର୍ଯ୍ୟକ୍ରମରେ ଭାଷଣ ଦେଇ ଅମିତାଭ କାନ୍ତ କହିଛନ୍ତି, ଭାରତର ନିୟାମକ ବାତାବରଣ ଅନୁପାଳନର ଅଧିକ ବୋଝ ପକାଉଛି। ବ୍ରିଟିଶ ରାଜ୍ ଅନେକ ଦିଗରେ ଲାଇସେନ୍ସ ରାଜର ରୂପ ନେଇଛି ଏବଂ ଆମର ସମାଜବାଦୀ ମାନସିକତା ଏବେ ବି ବଜାୟ ଅଛି।

ସେ କହିଛନ୍ତି ଯେ ଭାରତର ଉଦ୍ୟୋଗଗୁଡ଼ିକୁ ଅତ୍ୟଧିକ ନିୟନ୍ତ୍ରଣ ଏବଂ ଅନୁପାଳନ ବୋଝରୁ ମୁକ୍ତ କରାଯିବା ଆବଶ୍ୟକ। ପୂର୍ବତନ ବ୍ୟୁରୋକ୍ରାଟ୍ ୬ ବର୍ଷ ପାଇଁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କହିଛନ୍ତି ଯେ ନିୟମାବଳୀକୁ "ନିରପେକ୍ଷ ନିୟନ୍ତ୍ରଣ ପାଇଁ ଖଣ୍ଡା ଭାବରେ ନୁହେଁ, ବିଶ୍ୱାସ ଏବଂ ସ୍ୱଚ୍ଛତାର ଢାଲ ଭାବରେ ପୁନଃଆକାର ଦେବା ଆବଶ୍ୟକ। ନିୟମାବଳୀ ଏପରି ପ୍ରସ୍ତୁତ କରାଯିବା ଦରକାର ଯାହା, ନବସୃଜନ ଓ ରୋଜଗାର ସୃଜନରେ ବାଧା ପହଞ୍ଚାଉ ନ ଥିବ, ବରଂ ଏପରି ଭୂମିକା ଗ୍ରହଣ କରିବା ଦରକାର ଯାହା ବିକାଶକୁ ପ୍ରୋତ୍ସାହିତ କରିବ। ସେ ଚେତାବନୀ ଦେଇ କହିଛନ୍ତି ଯେ ବିକଶିତ ଭାରତ ଅଭିଯାନ ଅଧିନରେ ୩୦ ଟ୍ରିଲିୟନ ଆମେରିକୀୟ ଡଲାରର ଜିଡିପି ଲକ୍ଷ୍ୟ ଜଟିଳ ନିୟମାବଳୀ ସହ ହାସଲ କରାଯାଇପାରିବ ନାହିଁ। ଅମିତାଭ କାନ୍ତ କହିଛନ୍ତି, ସରକାର ଓ ନିୟମାବଳୀର ଭୂମିକାକୁ ନିୟନ୍ତ୍ରିତରୁ ସକ୍ଷମକୁ ପରିବର୍ତ୍ତନ କରିବାକୁ ପଡ଼ିବ। ସେ ଏକ ପ୍ରଭାବ ମୂଲ୍ୟାଙ୍କନକୁ ସଂସ୍ଥାଗତ କରିବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଗୋଟିଏ ନିୟାମକ ଭିତରେ ଶକ୍ତିଗୁଡ଼ିକୁ କେନ୍ଦ୍ରିତ କରିବା ଉପରେ ସେ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ଭାରତୀୟ ନିୟାମକ ସଂସ୍ଥାମାନଙ୍କୁ ନିୟମ ପ୍ରଣୟନ, ପ୍ରବର୍ତ୍ତନ ଏବଂ ବିଚାର ପାଇଁ ତିନୋଟି ସ୍ୱତନ୍ତ୍ର ପର୍ଯ୍ୟାୟ ପାଇଁ ପୁନର୍ଗଠିତ କରାଯିବା ଉଚିତ। ଯେଉଁଠାରେ ଏହା ସମ୍ଭବ ନୁହେଁ, ସେଠାରେ ସ୍ୱାଧୀନ ଟ୍ରିବ୍ୟୁନାଲଗୁଡ଼ିକ ହସ୍ତକ୍ଷେପ କରିବା ଉଚିତ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୫୮ - ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ।
- ୧୮୭୫- ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ଗୀତର ରଚନା କଲେ।
- ୧୯୬୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୨- ତୁର୍କୀରେ ସମ୍ବିଧାନ ଲାଗୁ କରାଗଲା।
- ୨୦୦୨- ଇରାନ୍ ଆମେରିକୀୟ ଉତ୍ପାଦର ବିଜ୍ଞାପନ ଉପରେ କଟକଣା ଲଗାଇଲା।
- ୨୦୧୨- ଗୁଏଟ୍‌ମାଲାରେ ଭୂମିକମ୍ପ ଯୋଗୁ ୫୨ ଜଣକ ମୃତ୍ୟୁ।



## ୨୦୨୬ରେ 'କିଙ୍ଗ୍'

ବଲିଉଡ୍ ବାଦଶାହ ଶାହାରୁଖ ଖାନ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ଶାହାରୁଖ୍‌ଙ୍କ ଜନ୍ମଦିନ (ନଭେମ୍ବର ୨) ଅବସରରେ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଟିଜର୍ ଆସିଛି। ଏଥିରେ ଫିଲ୍ମର ନାମ ସହ ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି। ଟିଜର୍‌ରେ ଶାହାରୁଖ୍ ଧଳା କେଶ, କାନରେ କାନଫୁଲ ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ଆକ୍ସନ ସିନ୍‌ଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାସହ ଫିଲ୍ମର ନାମ 'କିଙ୍ଗ୍' ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ। ଫିଲ୍ମର ବଜେଟ୍ ରହିଛି ୨୦୦ କୋଟି। ଏଥିରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଦେଖାଯିବେ।

## ଶରୀର ପାଇଁ ଭଲ ବିନା ତେଲର ଖାଦ୍ୟ



ଅତ୍ୟଧିକ ତେଲ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ହେଲେ ବିନା ତେଲରେ ରୋଷେଇ କରିବା ଅସମ୍ଭବ, ଏକଥା ସମସ୍ତେ ଜାଣନ୍ତି। ଅବଶ୍ୟ ଆଜିକାଲି ବିନା ତେଲରେ କେତେକ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ଖାଦ୍ୟ ପ୍ରସ୍ତୁତି ଲାଗି କେଉଁ ତେଲ ଉତ୍ତମ, ତା'କୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହେ। ବିଶେଷକରି ସୋରିଷ ତେଲ ଓ ଅଲିଭ୍ ତେଲ ବ୍ୟବହାର କରିବାକୁ ନେଇ ଲୋକେ ଶଙ୍କାରେ ରହନ୍ତି। ହେଲେ ଭାରତୀୟଙ୍କ ମଧ୍ୟରେ ସୋରିଷ ତେଲ ଖୁବ୍ ଲୋକପ୍ରିୟ। ଭାରତୀୟ ବ୍ୟଞ୍ଜନଗୁଡ଼ିକରେ ସୋରିଷ ତେଲର ଅଧିକ ବ୍ୟବହାର କରାଯାଏ। ଅନେକ ଗବେଷଣାନୁସାରେ, ହାଲକାଫୁଲକା ବ୍ୟଞ୍ଜନରେ ଅଲିଭ୍ ତେଲ ବ୍ୟବହାର କରିବା ଭଲ। ଅନ୍ୟପକ୍ଷରେ ଏନେଇ ଡାକ୍ତରଙ୍କ କହିବା କଥା, ଏମିତି କୌଣସି ତେଲ ନାହିଁ, ଯାହା ଶରୀର ପାଇଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ତେଣୁ ଖାଦ୍ୟରେ ଯେତେସମ୍ଭବ କମ୍ ମାତ୍ରାରେ ତେଲ ବ୍ୟବହାର କରିବା ଉଚିତ। ତେବେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକେ ନିଜ ଡାଏଟ୍‌ରେ ତେଲ କମ୍ କରିବା ଦରକାର। ଲଗାତାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟରୁ ତେଲ ବାଦ୍ ଦେବା ଦ୍ୱାରା ଏହାଦ୍ୱାରା ଅନେକ ଫାଇଦା ମିଳିଥାଏ। ବିନା ତେଲର ଖାଦ୍ୟ ପାଚନକ୍ରିୟା ପାଇଁ ଭଲ ହୋଇଥାଏ। ବିନା ତେଲରେ ଖାଦ୍ୟ ଖାଇବା ଦ୍ୱାରା ପେଟ ଫୁଲା ଓ ହଜମ ଜନିତ ସମସ୍ୟାର ଆଶଙ୍କା କମ୍ ଥାଏ। ତେଲରେ ବହୁତ ଅଧିକ କ୍ୟାଲୋରି ଥାଏ। ତେଣୁ ଏହାକୁ ଖାଦ୍ୟରେ ବ୍ୟବହାର ନ କରିବା ଦ୍ୱାରା ଶରୀରରେ କ୍ୟାଲୋରି ପରିମାଣ ହ୍ରାସ ପାଏ। ତେଲରେ ଚର୍ବି ଓ କ୍ୟାଲୋରି ଥାଏ। ତେଣୁ ବିନା ତେଲରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ଓଜନ କମ୍ କରିବାରେ ଏହା ସାହାଯ୍ୟ କରେ। ବିନା ତେଲରେ ରୋଷେଇ କରିବା ଦ୍ୱାରା ସାଚ୍ୟୁରେଟେଡ୍ ଫ୍ୟାଟ୍ ଏବଂ ଟ୍ରାନ୍ସ ଫ୍ୟାଟ୍ କମ୍ ହୁଏ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍(ଖରାପ) କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଏ, ହୃଦ୍ ରୋଗ ଆଶଙ୍କା କମ୍ ହୁଏ। ଅନ୍ୟପଟେ ବିନା ତେଲରେ ବି ଆଜିକାଲି ଅନେକ ସ୍ୱାଦିଷ୍ଟ ରାନ୍ଧଣା ପ୍ରସ୍ତୁତ କରାଯାଉଛି। ଇଡ୍‌ଲି, ଢୋକଲା, ସୁପ୍, ଓଟ୍ସ, ଉପମା, ଦଲିଆ, ସାଲାଡ ମଧ୍ୟ ତିଆରି କରାଯାଇପାରିବ। ଅନ୍ୟପକ୍ଷରେ ଜଣେ ତେଲ ବଦଳରେ ଘିଅ ବ୍ୟବହାର କରିପାରିବେ। ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ।

## ଦୋକାନ ଅଛି ଦୋକାନୀ ନାହାନ୍ତି



ବିଶ୍ୱର ପ୍ରତ୍ୟେକ ସହର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ଏଭଳି ଏକ ସହର ହେଉଛି ନାଗାଲାଣ୍ଡର ଫୁତ୍‌ସେରୋ। ଏହି ସହରରେ ଥିବା ଥିବା ଦୋକାନଗୁଡ଼ିକରେ ଦୋକାନୀ ବସନ୍ତିନି। ଦୋକାନରେ ଜିନିଷ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ ବିକ୍ରି କରିବା ପାଇଁ ଦୋକାନୀ ନ ଥାନ୍ତି। ଦୋକାନରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଏହାର ମୂଲ୍ୟ ଲେଖାଯାଇଥାଏ। ସେହି ଅନୁଯାୟୀ, ଲୋକେ ନିଜ ଆବଶ୍ୟକ ଜିନିଷ କିଣି ଦୋକାନରେ ଟଙ୍କା ରଖି ଦେଇ ଯାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୋକାନରେ ଥିବା କ୍ୟାସ୍ ବକ୍ସରୁ ଚୋରି ମଧ୍ୟ ହୁଏନାହିଁ। ଏଠାକାର ଦୋକାନୀମାନଙ୍କର ଲୋକଙ୍କ ଉପରେ ଥିବା ବିଶ୍ୱାସ ଓ ଗ୍ରାହକଙ୍କ ସଚ୍ଚୋଟପଣିଆ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏଠାରେ ୨୦ ଟି ଦୋକାନ ଅଛି। ବିଶେଷ କରି ମହିଳା ଚାଷୀମାନେ ଏହି ଦୋକାନ ଚଳାଉଥାନ୍ତି। ଦୋକାନଗୁଡ଼ିକରେ ଫଳ, ପନିପରିବା, ଆଚାର, ଜାମ୍ ଓ ଜୁସ୍ ବିକ୍ରି ହୋଇଥାଏ। ସକାଳୁ ନେଇ ସଞ୍ଜ ଯାଏ ଏହି ଦୋକାନ ସବୁ ଖୋଲା ରହିଥାଏ। ଏହାର ମାଲିକମାନେ କ୍ଷେତରୁ ଘରକୁ ଫେରିଲାବେଳେ ଦୋକାନରୁ ଟଙ୍କା ନେଇ ଯାଆନ୍ତି। ଦୋକାନ ମଧ୍ୟରେ ସିସିଟିଭି କ୍ୟାମେରା ଲାଗି ନାହିଁ କି ଏହାକୁ ସୁରକ୍ଷାକର୍ମୀମାନେ ମଧ୍ୟ ଜଗନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ ଅଙ୍ଗ ବେଖାଟାଲୁଙ୍କ କହିବାନୁଯାୟୀ, ଏହି ଦୋକାନଗୁଡ଼ିକ ୧୫ ବର୍ଷ ପୂର୍ବରୁ ଖୋଲାଯାଇଛି। ଦୋକାନରୁ ନାଗା ଓ ଅଣନାଗା ଶ୍ରେଣୀର ଲୋକମାନେ ଜିନିଷ କିଣାବିକା କରିଥାନ୍ତି। ଲୋକମାନେ ଜିନିଷ ନେଇ ଦୋକାନରେ ଥିବା ବାକ୍ସରେ ଟଙ୍କା ରଖି ଦିଅନ୍ତି। ସେହିପରି କେହି କେହି ୟୁପିଆଇ ପେମେଣ୍ଟ ମଧ୍ୟ କରିଥାନ୍ତି। ଏଠାକାର ମହିଳା ଚାଷୀମାନେ ଦୋକାନରୁ ନିତିଦିନ ପାଖାପାଖି ୨୦୦୦ ଟଙ୍କା ଆୟ କରନ୍ତି। ଅବଶ୍ୟ ବେଳେ ବେଳେ ଲୋକ ଟଙ୍କା ନ ଦେଇ ମଧ୍ୟ ଜିନିଷ ନେଇଯାଆନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଭଳି ଦୋକାନ ଦେଖି ଆଚମ୍ବିତ ହୋଇଥାନ୍ତି।

## ସୁନା ଷ୍ଟ୍ରରେ ପିଅନ୍ତି ଚା'

ଥଣ୍ଡାପାନୀୟ କିମ୍ବା ପଇଡ଼ ପିଇବା ସମୟରେ ଅନେକ ଲୋକ ଷ୍ଟ୍ର ବ୍ୟବହାର କରନ୍ତି। ଷ୍ଟ୍ର ମୁଖ୍ୟତଃ ପ୍ଲାଷ୍ଟିକ୍ କିମ୍ବା କାଗଜରୁ ତିଆରି ହୋଇଥାଏ। ହେଲେ ଚୀନ୍, ଝେଜିୟାଙ୍ଗ ପ୍ରଦେଶର ଶୌଉ ନାମକ ବ୍ୟକ୍ତି କେବଳ ଚା ପିଇବା ପାଇଁ ଭାରତୀୟ ମୁଦ୍ରାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ସୁନାର ଷ୍ଟ୍ର ତିଆରି କରିଛନ୍ତି। ବିନା ଷ୍ଟ୍ରରେ ଚା' ପିଇବାକୁ ତାଙ୍କୁ ଭଲ ଲାଗୁ ନ ଥିବାରୁ ବରାଦ ଦେଇ ସେ ୧୦୦ ଗ୍ରାମ୍ ସୁନାରେ ଏହି ଷ୍ଟ୍ରଟିକୁ ତିଆରି କରିଥିଲେ। ଦିନେ ସେ ଇଲେକ୍ଟ୍ରିକ୍ ବାଇକ୍‌ରେ ଘରକୁ ଯାଉଥିବାବେଳେ ଭୁଲବଶତଃ ଷ୍ଟ୍ରଟି ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଖସି ଯାଇଥିଲା। ଘଣ୍ଟାଏ ଖୋଜିବା ପରେ ବି ଷ୍ଟ୍ରଟି ମିଳି ନ ଥିଲା। ଏହାପରେ ସେ ପୁଲିସ୍‌ର ସହାୟତା ନେଇଥିଲେ। ଦୁଇଜଣ ପୁଲିସ୍ ଅଧିକାରୀ ବହୁତ ଖୋଜାଖୋଜି ପରେ ସୁନା ଷ୍ଟ୍ରଟିକୁ ଏକ ମ୍ୟାନ୍‌ହୋଲରୁ ୧୦୦ ମିଟର ଦୂରରେ ଫୁଟପାଥ ନିକଟରେ ପାଇଥିଲେ। ସୁନା ନିର୍ମିତ ଷ୍ଟ୍ରଟିକୁ ପାଇବା ପରେ ଶୌଉ ବହୁତ ଖୁସି ହୋଇଯାଇଥିଲେ। ଅବଶ୍ୟ ଏହା ଏବେ ଚେପା ହୋଇ ଯାଇଥିବାରୁ ଏହାକୁ ତରଳାଇ ପୁଣିଥରେ ଏକ ନୂଆ ଷ୍ଟ୍ର ତିଆରି ପାଇଁ ସେ ଚିନ୍ତା କରିଛନ୍ତି। ଭବିଷ୍ୟତରେ ଏହାକୁ ଆଉ ପ୍ୟାଣ୍ଟ ପକେଟ୍‌ରେ ନେଇ କୌଣସି ସ୍ଥାନକୁ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଶୌଉଙ୍କ ପାଖରେ ସୁନା ସହ ଏକ ରୂପାର ଷ୍ଟ୍ର ମଧ୍ୟ ରହିଛି।



## ସଞ୍ଜୀବନୀ

## ଯନ୍ତ୍ରଣା ଲାଘବ କରେ ଫିଜିଓଥେରାପି



**ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ ବ୍ୟବହାର ହେଉଥିବା ଚିକିତ୍ସାକୁ ଫିଜିଓଥେରାପି କୁହାଯାଏ। ଫିଜିଓଥେରାପି ଦ୍ୱାରା ଅନେକ ରୋଗର ଯନ୍ତ୍ରଣା ଦୂର ହୁଏ। ତେଣୁ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ ଫିଜିଓଥେରାପିର ସାହାଯ୍ୟ ନେଇ ପାରିବେ।**


**ସ୍ପଣ୍ଡିଲାଇଟିସ୍:** ଆଜିକାଲି ଭୁଲ୍ ଶୈଳୀରେ ବସିବା ଓ ବ୍ୟାୟାମ ନ କରିବା ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହେଉଛି। ଅଣ୍ଟାରୁ ନେଇ ମୁଣ୍ଡପଛ ପର୍ଯ୍ୟନ୍ତ ରହିଥିବା ମେରୁଦଣ୍ଡ ହାଡ଼ର ହେଉଥିବା ଯନ୍ତ୍ରଣାକୁ ସ୍ପଣ୍ଡିଲାଇଟ୍ସ କୁହାଯାଏ। ଏଥିପାଇଁ ଫିଜିଓ ଥେରାପି ନେଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ସେହିପରି ମେରୁଦଣ୍ଡ ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ସନ୍ଧିବାତ, କାନ୍ଧଖଞ୍ଜା ଯନ୍ତ୍ରଣା, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ହେଲେ ଫିଜିଓ ଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ଗାଉଟ୍, ଅଣ୍ଟାବ୍ୟଥା, ବ୍ରେନ୍‌ଷ୍ଟ୍ରୋକ୍, ସ୍ପୋର୍ଟସ ଇଞ୍ଜୁରି, ଲିଗାମେଣ୍ଟ ଇଞ୍ଜୁରି ଆଦି ପାଇଁ ଫିଜଓଥେରାପିର ମୁଖ୍ୟ ଭୂମିକା ରହିଛି।

**ଶ୍ୱାସକ୍ରିୟା ଜନିତ ସମସ୍ୟା:** ଆଜ୍‌ମା, ସିଓପିଡି, ବ୍ରୋଙ୍କାଇଟିସ୍ ଆଦି ଶ୍ୱାସଜନିତ ସମସ୍ୟାରୁ ଉପଶମ ପାଇବାକୁ ଫିଜିଓଥେରାପିର ସାହାଯ୍ୟ ନେଇପାରିବେ।

**ମାଇଗ୍ରେନ ବା ମୁଣ୍ଡବିନ୍ଧା:** ଲଗାତାର ମୁଣ୍ଡ ବିନ୍ଧି ବେକରୁ କାନ୍ଧପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ। ତେବେ ଫିଜିଓଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ତେବେ ରୋଗୀର ବୟସ ଏବଂ ଯନ୍ତ୍ରଣାର ତୀବ୍ରତା ଅନୁସାରେ ଫିଜିଓଥେରାପି କରାଯାଏ। ଏହା ସରଳ ବ୍ୟାୟାମ ସହିତ ସମାନ ନୁହେଁ, ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ କରିବା ଆବଶ୍ୟକ।

'ସକାଳ'ର ସ୍ୱାସ୍ଥ୍ୟ

## ମଳାଶୟ କର୍କଟ



**ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଏବେ ବହୁ ଲୋକ କର୍କଟର ଶିକାର ହେଉଛନ୍ତି। ତନ୍ମଧ୍ୟରୁ ମଳାଶୟ ତଥା ରେକ୍ଟମରେ ହେଉଥିବା କର୍କଟକୁ ମଳାଶୟ କର୍କଟ କୁହାଯାଏ। ଏହି କର୍କଟରେ ମଳାଶୟରୁ ରକ୍ତ ବାହରିଥାଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ପୀଡ଼ିତ ସ୍ୱାଭାବିକ ଜୀବନ ଅତିବାହିତ କରି ପାରିବେ।**

ମଳାଶୟ କର୍କଟ ହେଲେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ। ପତଳା ଝାଡ଼ା ହୋଇ ଥକ୍କାପଣ ଲାଗିବା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା ଆଦି ହୁଏ। ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ। ପ୍ରାଥମିକ ପର୍ଯ୍ୟାୟରୁ ଏହାକୁ ଅଣଦେଖା କଲେ, ମଳାଶୟରୁ କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରେକ୍ଟମ ୧୨ରୁ ୧୫ ସେମି ଲମ୍ବା। ଏହା ତିନିଟି ଭାଗରେ ବିଭକ୍ତ। ତେଣୁ କର୍କଟ ହୋଇଥିବା ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ। କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ। ତେବେ କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ। ଏବେ ରୋବୋଟିକ୍ ସର୍ଜରୀ ମଧ୍ୟ ହୋଇପାରୁଛି। ସନ୍ତୁଳିତ ଖାଦ୍ୟ ସେବନ ସହିତ ନିୟମିତ ବ୍ୟାୟାମ ଜରୁରି। ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି।



## ମଧୁମେହ ପାଇଁ ରାମବାଣ ବଥୁଆ

**ବଥୁଆ ଶାଗ କେବଳ ସ୍ୱାଦରେ ସୀମିତ ନୁହେଁ, ଏହା ସଞ୍ଜୀବନୀ ସଦୃଶ। ଏହା ଭିଟାମିନ୍- ବି୧, ବି୨, ବି୫ ଏବଂ ଭିଟାମିନ୍-ସିରେ ଭରପୂର। ଏଥିରେ କ୍ୟାଲ୍‌ସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ।**

ବଥୁଆ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି।

**ମଧୁମେହ ପାଇଁ ବରଦାନ:** ବଥୁଆ ମଧୁମେହ ପାଇଁ ପ୍ରାକୃତିକ ଔଷଧ ରୂପେ କାମ କରେ। ରକ୍ତରେ ଇନସୁଲିନ୍‌ସ୍ତରକୁ ସନ୍ତୁଳିତ ରଖେ। ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ। ତେଣୁ ଗିଲପତ୍ର, ଭୂର୍ସୁଙ୍ଗପତ୍ର, ବଥୁଆ, ଗୁଡ୍ଡୁମାରୀ, ଜାମୁକୋଳି ମଞ୍ଜି ୧୦ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ସକାଳ ସନ୍ଧ୍ୟାରେ ଦୁଇବେଳା ସେବନ କଲେ ଏହା ହିତକର ହୋଇଥାଏ।

**ଓଜନ ନିୟନ୍ତ୍ରଣକାରୀ:** ବଥୁଆରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପୂରିଲା ରଖିବାରେ ସାହାଯ୍ୟ କରେ। ଏହା ଶରୀରର ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରି ହୃଦ୍‌ସ୍ୱାସ୍ଥ୍ୟ ଠିକ୍ ରଖିବାରେ ସାହାଯ୍ୟ କରେ। ତ୍ୱଚା ଏବଂ କେଶର ଚମକ ବୃଦ୍ଧି ପାଏ। ଯଦି ଚାହିଁବେ, ବଥୁଆରୁ ତିଆରି ପରଟା ଏବଂ ଶାଗ ଖାଇପାରିବେ। ଏହା ଶୀତଋତୁରେ ଶରୀରକୁ ଶକ୍ତି ଦେଇଥାଏ। ବଥୁଆ ରସ ୧୦ ମିଲିକୁ ମହୁ ସହିତ ମିଶାଇ ଦିନକୁ ଦୁଇଥର ସେବନ କରିପାରିବେ।

## ହୃଦ୍‌ଘାତ ପୂର୍ବରୁ ସୂଚନା ଦେବ ଏଆଇ



ହୃଦ୍‌ଘାତ ଏପରି ଏକ ସ୍ଥିତି ଯେଉଁଥିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ୍। ହୃଦ୍‌ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ, ତୁରନ୍ତ ଡାକ୍ତରୀ ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ହେଲେ ଏବେ ଏଆଇ ଭବିଷ୍ୟତରେ ଜଣେ ହୃଦ୍‌ଘାତର ଶିକାର ହେବ କି ନାହିଁ କହିପାରିବ। ଏନେଇ ନେଦରଲ୍ୟାଣ୍ଡ, ରେଡ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ମେଡିକାଲ ସେଣ୍ଟରର ବୈଜ୍ଞାନିକମାନେ ନୂତନ ଏଆଇ କୌଶଳ ବିକଶିତ କରିଛନ୍ତି। ଏହି କୌଶଳ ରୋଗୀର ରକ୍ତ ନଳୀରେ ଅନ୍ତଃଆବରଣର ଦୁର୍ବଳତାକୁ ଚିହ୍ନଟ କରି ହୃଦ୍‌ଘାତ ଆଶଙ୍କା ସମ୍ବନ୍ଧରେ ଭବିଷ୍ୟବାଣୀ କରିପାରିବ। ଏନେଇ ବୈଜ୍ଞାନିକମାନେ କିଛି ଜଣଙ୍କ କ୍ଷେତ୍ରରେ ପରୀକ୍ଷା କରିଥିଲେ। ଏଥିପାଇଁ ରକ୍ତନଳୀରେ କ୍ଷୁଦ୍ର କ୍ୟାମେରାକୁ ପ୍ରୟୋଗ କରାଯାଏ। କ୍ୟାମେରାଟି ଧମନୀ ପଥରୁ ଅନେକ ଫଟୋ ନେଇ ଏଆଇକୁ ପଠାଇଥାଏ। ଏଆଇ ଫଟୋକୁ ସଠିକ୍ ଭାବେ ବିଶ୍ଳେଷଣ କରି ଧମନୀର କେଉଁ ଅଂଶ କମ୍‌ଜୋର ରହିଛି ଏବଂ ଭବିଷ୍ୟତରେ ହୃଦ୍‌ଘାତର ଆଶଙ୍କା କେଉଁଠି ସୃଷ୍ଟି ହେବ ତାହା ଜଣାଇଥାଏ। ଏନେଇ ଗବେଷକ କୁହନ୍ତି, ଏଆଇ ଦ୍ୱାରା ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ହୋଇପାରିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ସଠିକ୍ ସମୟ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ। ଆବଶ୍ୟକସ୍ଥଳେ ଷ୍ଟେଣ୍ଟ ଲଗାଇ ସମ୍ଭାବିତ ହୃଦ୍‌ଘାତ ପୂର୍ବରୁ ସୂଚନା ମିଳିପାରିବ। ଏହାଦ୍ୱାରା ଅନେକଙ୍କ ଜୀବନ ବଞ୍ଚି ପାରିବ।

# ଭାରତକୁ ଜିତାଇଲେ ସ୍ପିନର୍

## ଚତୁର୍ଥ ଟି-୨୦ରେ ଅକ୍ଷର ପଟେଲ୍ ଶ୍ରେଷ୍ଠ ଖେଳାଳି




ଗୋଲ୍ଡକୋଷ୍ଟ,୬ା୧୧(ଏଜେନ୍ସି): ସ୍ପିନରଙ୍କ କଞ୍ଜୁସ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନପାରି ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୨ୱିକେଟ ଓ ବ୍ୟାଟିଂରେ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରିଥିବା ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଆଜିର ବିଜୟ ପରେ ଭାରତ ୨୦୦୮ ପରେ ଅଷ୍ଟ୍ରେଲିଆରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହି ସମୟ ମଧ୍ୟରେ ଖେଳାଯାଇଥିବା ୪ଟି ସିରିଜ୍ ମଧ୍ୟରୁ ୨ଟି ଡ୍ର ରହିଥିଲାବେଳେ ଅନ୍ୟ ୨ଟିରେ ଭାରତ ବିଜୟୀ ହୋଇଥିଲା। ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଘରୋଇ ମାଟିରେ ଦ୍ୱିତୀୟ ସର୍ବନିମ୍ନ ଟି-୨୦ ସ୍କୋର କରିଛି। ଦଳର ସର୍ବନିମ୍ନ ଟି-୨୦ ସ୍କୋର ହେଉଛି ୧୧୧। ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ମ୍ୟାଚ୍‌ରେ ଏହା ହୋଇଥିଲା। ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଡିଫେଣ୍ଡ କରିବାରେ ମଧ୍ୟ ଏହା ଦ୍ୱିତୀୟ ସର୍ବନିମ୍ନ। ପୂର୍ବର ଭାରତ ୨୦୨୦ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୬୨ ରନ୍ ସ୍କୋରକୁ ଡିଫେଣ୍ଡ କରିଥିଲା। ଏହି ସବୁ ସଫଳତା ଲାଗି ଭାରତ ୨୦୦୮ରୁ ଅଷ୍ଟ୍ରେଲିଆରେ ଟି-୨୦ ସିରିଜ୍‌ରେ ଅପରାଜେୟ ରହିଛି।

କାରାରା ଓଭାଲରେ ପ୍ରଥମକରି ଏକ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯାଉଥିଲାବେଳେ ବ୍ୟାଟିଂ ଲାଗି ପିଚ୍ ଆଦୌ ସହଜ ନ ଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅନଇଭିନ ବାଉନ୍ସ ଓ ଟର୍ଣ୍ଣର ମୁକାବିଲା କରିବାରେ ସଫଳ ହୋଇ ନ ଥିଲା। ଯାହା ଫଳରେ ବଡ ବଡ ସଟ୍ ଦେଖିବାକୁ ମିଳିଥିଲେ ମଧ୍ୟ ଦଳ କ୍ରମାଗତ ୱିକେଟ ହରାଇ ୧୬୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ପ୍ରଥମ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରି ପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଓପନର ଶୁବମନ ଗିଲ ୩୯ ବଲ୍‌ରେ ସର୍ବାଧିକ ୪୬, ଅଭିଷେକ ଶର୍ମା ୨୧ ବଲ୍‌ରୁ ୨୮ ରନ୍ ଉଠାଇଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଶିବମ ଦୁବେ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୦ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ନ ଥିଲେ। ତିଳକ ବର୍ମା ୫, ଜିତେଶ ଶର୍ମା ୩, ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ। ଅକ୍ଷର ପଟେଲ ୨୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ନାଥାନ ଏଲିସ ଓ ଲେଗ୍ ସ୍ପିନର ଆଦାମ ଜାମ୍ପା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ୧୬୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆର ଦୁଇ ଓପନର ମିଚେଲ ମାର୍ଶ (୨୪ବଲ୍‌ରେ ୩୦) ଓ ମାଥ୍ୟୁ ସର୍ଟ (୧୯ବଲ୍‌ରେ ୨୫) ଭଲ ଆରମ୍ଭ କରିଥିଲେ। ସର୍ଟଙ୍କୁ ୩୭ ରନ୍ ସ୍କୋରରେ ଆଉଟ କରି ଶିବମ ଦୁବେ ବ୍ରେକ୍ ଥ୍ରୁ ଦେଇଥିଲେ। ଏହି ସମୟରେ ଭାରତୀୟ ସ୍ପିନର ମିଡ୍‌ଲ ଓଭରରେ ଟାଇଟ ବୋଲିଂ କରି ଅଷ୍ଟ୍ରେଲିଆକୁ ଅଟକାଇଥିଲେ। ଏମାନେ ମିଳିତଭାବେ ୯.୨ ଓଭର ବୋଲିଂ କରି ୪୯ ରନ୍ ବିନିମୟରେ ୬ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ତୃତୀୟ ସ୍ପିନର ଭାବେ ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ୧.୨ ଓଭରରେ ୩ ରନ୍ ଦେଇ ସର୍ବାଧିକ ୩ଜଣ, ଅକ୍ଷର ପଟେଲ ୨୦ ରନ୍‌ରେ ୨ଜଣ ଓ ବରୁଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲରଙ୍କ ମଧ୍ୟରେ ସବୁଠାରୁ ମନ୍ଥର ବୋଲିଂ କରୁଥିବା ଶିବମ ଦୁବେ ମଧ୍ୟ ପିଚ୍‌ରୁ ଫାଇଦା ଉଠାଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଅନ୍ୟ ୩ଜଣ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଏହାର ଅର୍ଥ ଭାରତ ପକ୍ଷରୁ ବୋଲିଂ କରିଥିବା ୬ଜଣ ବୋଲରଙ୍କୁ ୱିକେଟ ମିଳିଥିଲା। ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨, ଟିମ୍ ଡେଭିଡ୍ ୧୪, ଜୋଶ ଫିଲିପି ୧୦, ମାର୍କସ ଷ୍ଟୋଇନିସ ୧୭ ରନ୍ କରିଥିଲେ। ଏଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳି ବୋଲିଂ କରି ନ ଥିବା ମ୍ୟାକ୍ସୱେଲ ମାତ୍ର ୪ଟି ବଲ୍ ଖେଳି ୨ ରନ୍ କରିପାରିଥିଲେ। ଦଳ ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା।



## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱ ଚାମ୍ପିଅନ ଖେଳାଳି

ନୂଆଦିଲ୍ଲୀ,୬ା୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ହରାଇ ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତର ଖେଳାଳିମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି। ମହିଳା ଖେଳାଳିଙ୍କ ଏହି ଚମତ୍କାର ପ୍ରଦର୍ଶନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବେଶ ପ୍ରଶଂସା କରିଛନ୍ତି। ଏଭଳି ଖେଳ ମାଧ୍ୟମରେ ଦେଶର ଗୌରବ ବଢ଼ାଇଥିବାରୁ ସମସ୍ତ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ ସମସ୍ତ ଖେଳାଳିମାନଙ୍କର ସ୍ୱାକ୍ଷର ଥିବା ଏକ ଜର୍ସି ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ରାଷ୍ଟ୍ରପତିଙ୍କୁ କରକମଳରେ ପ୍ରଦାନ କରାଯାଇଥିଲା। ଖେଳାଳିମାନେ ଯେପରି ସାହସ, ଏକତା ଓ ଏକାଗ୍ରତା ଦେଖାଇ ଟାଇଟଲ ବିଜୟୀ ହୋଇଛନ୍ତି ତାହା ଭାରତର ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଦ୍ରୌପଦୀ ମୁର୍ମୁ କହିଥିଲେ।

## ଚେସଷ୍ଟ୍ରଫ୍ ପକ୍ଷରୁ ଓଡ଼ିଶାରେ ବୃହତ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୬ା୧୧(ସମିସ): ରାପିଡ୍ ଓ ବ୍ଲିଜ୍ ଫର୍ମାଟରେ ଏକ ବୃହତ୍ ଚେସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ରାଜଧାନୀ ୟୁନିଟ୍-୩'ରେ ଥିବା ଓଏଏସ୍ ଭବନରେ ଅନୁଷ୍ଠିତ ହେବ। ଏଥିରେ ମୋଟ ପୁରସ୍କାର ରାଶି ରହିଛ ରେକର୍ଡ ୧ ଲକ୍ଷ ୭୫୦୦୦ ଟଙ୍କା। ଏହା ମଧ୍ୟରୁ ରାପିଡ଼ ଚାମ୍ପିଅନଙ୍କୁ ଟ୍ରଫି ସହ ନଗଦ ୨୧,୦୦୦ ଟଙ୍କା ଓ ବ୍ଲିଜ୍ ଚାମ୍ପିଅନଙ୍କୁ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟ ଓ ସମ୍ବିତ ପଣ୍ଡାଙ୍କ ସମେତ ଏକାଧିକ ଶୀର୍ଷ ଖେଳାଳି ସ୍ୱୀକୃତି ପ୍ରଦାନ କରିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ନିହାରରଞ୍ଜନ ସାସମଲ ଓ ତାଙ୍କ ଟିମ୍ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ନଭେମ୍ବର ୭ ବା ଶୁକ୍ରବାର ସୁଦ୍ଧା ଚିଫ୍ ଆର୍ବିଟର ନିହାର ସାସ୍‌ମଲଙ୍କୁ ଫୋନ ନଂ ୯୯୩୭୦-୦୭୯୪୫ କିମ୍ବା ଆୟୋଜକ ଚେସ୍‌ଷ୍ଟ୍ରଫ ଏକାଡେମୀ ନିର୍ଦ୍ଦେଶକ ସ୍ୱାଂଶୁ ସତ୍ୟକାମଙ୍କୁ ଫୋନ୍ ନଂ ୮୨୪୯୬-୧୭୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ମହିଳା ପ୍ରିମିୟର ଲିଗ୍ ନିଲାମ

## ଲୌରା, ଦୀପ୍ତିଙ୍କୁ ଛାଡ଼ିଲା ଜ୍ୟାଣ୍ଟ୍ସ





ଅହମ୍ମଦାବାଦ୍, ୬ା୧୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡିକ କେଉଁର୍ ଖେଳାଳିଙ୍କୁ ରଖିବେ ଓ କାହାକୁ ଛାଡିବେ ତାହା ଘୋଷଣା କରିଛନ୍ତି। ସର୍ବଶେଷ ଟିମ୍ ଗୁଜରାଟ ଜ୍ୟାଣ୍ଟ୍ସ ଦିନିକିଆ ବିଶ୍ୱକପ୍ ରନର୍ସଅପ୍ ଦଳ ଦକ୍ଷିଣ ଆଫ୍ରିକାର ଅଧିନାୟକ ଲୌରା ୱଲଭାର୍ଟଙ୍କୁ ଛାଡ଼ିଦେଇଛି। ସେହିପରି ଦିନିକିଆ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦୀପ୍ତି ଶର୍ମାଙ୍କୁ ମଧ୍ୟ ତାଙ୍କ ଟିମ୍ ଛାଡିଦେଇଛି।

ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ନାଟ-ସିଭର ବ୍ରଣ୍ଟ, ହରମନପ୍ରୀତ୍ କୌର, ହ୍ୟାଲି ମାଥ୍ୟୁସ, ଅମନଜ୍ୟୋତ କୌର ଓ ଜି କାମିନି ରହିଛନ୍ତି। ଆରସିବି ସ୍ମୃତି ମନ୍ଧାନା, ରିଚା ଘୋଷ, ଏଲିସେ ପେରୀ, ଶ୍ରେୟଙ୍କା ପାଟିଲ, ଗୁଜରାଟ ଜାଏଣ୍ଟସ ଆସ୍‌ଲେ ଗାର୍ଡନର ଓ ବେଥ ମୁନୀ ଓ ୟୁପି ୱାରିୟର୍ଜ ଶ୍ୱେତା ସେରାୱତଙ୍କୁ ରିଟେନ କରିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଆନାବେଲ ସଦରଲାଣ୍ଡ, ମାରିଜାନ କାପ୍ ଓ ନିକି ପ୍ରସାଦଙ୍କୁ ନିଲାମି ପ୍ରକ୍ରିୟାର ବାଦ୍ ଦେଇଛି। ନଭେମ୍ବର ଶେଷ ସପ୍ତାହରେ ମହିଳା ପ୍ରିମିୟର ଲିଗ୍‌ର ମହାନିଲାମ ହେବ।

## ଆଜିଠୁ ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍



ଭୁବନେଶ୍ୱର,୬ା୧୧(ସମିସ): ଓଡ଼ିଶା ଥ୍ରୋବଲ ଆସୋସିଏସନ ଏବଂ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ କ୍ୟାମ୍ପସ-୨ରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାଶ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଟେକ୍ନିକାଲ ଅଫିସିଆଲ ଦୀପ୍ତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗକରାଯିବ। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ୨ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଯିବେ। କ୍ୱାର୍ଟରଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୨୫ଜଣ ଲେଖାଏଁ ଖେଳାଳି ଚୟନ କରାଯିବ। ଏମାନଙ୍କୁ ଏକ ଶିବିରରେ ପ୍ରଶିକ୍ଷଣ ଦେବା ପରେ କେରଳରେ ଡିସେମ୍ବର ମାସ ଖେଳାଯିବାକୁ ଥିବା ଜାତୀୟ ଥ୍ରୋବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ।

### ଚାପ୍‌ମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ, ୬ା୧୧ (ଏଜେନ୍ସି): ମାର୍କ ଚାପମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଇଡେନ ପାର୍କରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାପ୍‌ମ୍ୟାନ୍ ୧୯ ବଲ୍‌ରୁ ଅର୍ଦ୍ଧଶତକ ଓ ୨୮ଟି ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ରୋଭମ୍ୟାନ୍ ପାୱେଲ, ରୋମାରିଓ ସେଫର୍ଡ ଓ ମାଥ୍ୟୁ ଫୋର୍ଡେଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୨୦୪ ରନ୍ କରି ମାତ୍ର ୩ ରନ୍‌ରେ ହାରିଯାଇଥିଲା। ୨୦୮ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୩ ଓଭର ସୁଦ୍ଧା ୯୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ୭ମ ୱିକେଟରେ ପାୱେଲ ଓ ସେଫର୍ଡ ୨୪ ବଲ୍‌ରୁ ୬୨ ଓ ୮ମ ୱିକେଟରେ ପାୱେଲ ଓ ଫୋର୍ଡ ୧୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ ମଧ୍ୟ ଦଳ ଟାର୍ଗେଟରେ ପହଞ୍ଚିପାରି ନ ଥିଲା। ୮ମ ଖେଳାଳିଭାବେ ଆଉଟ ହୋଇଥିବା ପାୱେଲ ୧୬ ବଲ୍‌ରୁ ୧ଚୌକା ଓ ୬ଛକା ସହ ସର୍ବାଧିକ ୪୫, ୭ମ ଖେଳାଳି ଭାବେ ଆଉଟ ହୋଇଥିବା ସେଫର୍ଡ ୧୬ ବଲ୍‌ରୁ ୧ଚୌକା ଓ ୪ଛକା ସହ ୩୪ ଏବଂ ଫୋର୍ଡେ ୧୩ବଲ୍‌ରୁ ଅପରାଜିତ ୨୯ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ଓ ଇସ୍ ସୋଧି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଚାପମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ


## ଜୁରେଲ-୧୩୨*, ଭାରତ ୨୫୫

ବେଙ୍ଗାଲୁରୁ,୬ା୧୧(ଏଜେନ୍ସି): ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୧୨୬ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଜୁରେଲ ୧୩୨ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ଇନିଂସରେ ୨୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଜୁରେଲଙ୍କୁ ଉପଯୁକ୍ତ ସହାୟତା ଦେଇଥିବା କୁଲଦୀପ ଯାଦବ ୮୮ ବଲ୍‌ରେ ୨୦ ଓ ମହମ୍ମଦ୍ ସିରାଜ ୩୧ ବଲ୍‌ରୁ ୧୫ ରନ୍ ଉଠାଇଥିଲେ। ୮ମ ୱିକେଟରେ ଜୁରେଲ ଓ କୁଲଦୀପ ୧୭୩ ବଲ୍‌ରୁ ୭୯ ଏବଂ ୮ମ ୱିକେଟରେ ଜୁରେଲ ଓ ସିରାଜ ୫୫ ବଲ୍‌ରୁ ୩୪ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ। ଶେଷଯାଏ ଆଉଟ ହୋଇ ନ ଥିବା ଜୁରେଲ ୧୭୫ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୩୨ ରନ୍ କରିଥିଲେ। ଭାରତର ପ୍ରଥମ ୫ଜଣ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଓପନର ଲୋକେଶ ରାହୁଲ ୧୦ ଓ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲି ପାରି ନ ଥିଲେ। ପରବର୍ତ୍ତୀ ୩ଜଣ ବ୍ୟାଟର ସାଇ ସୁଦର୍ଶନ ୧୭, ଦେବଦତ୍ତ ପଡ଼ିକାଲ ୫ ଓ ଅଧିନାୟକ ଋଷଭ ପନ୍ତ୍ ୨୪ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏମାନଙ୍କ ପରେ ହର୍ଷ ଦୁବେ ୧୪ ଓ ଆକାଶଦୀପ ୦ରେ ଆଉଟ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୪ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ତିଆନ ଭାନ୍ ଭୁରେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ସେପୋ ମୋରେକିଙ୍କୁ ୨ଟି, ଅଫ୍ ସ୍ପିନର ପ୍ରେନେଲାନ୍ ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଇଡେନ ଗାର୍ଡେନ୍ସରେ ନଭେମ୍ବର ୧୪ରୁ ଆରମ୍ଭ ହେବ।

### ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬

## ଅହମ୍ମଦାବାଦ କିମ୍ବା ଶ୍ରୀଲଙ୍କାରେ ଫାଇନାଲ




ଦୁବାଇ,୬ା୧୧(ଏଜେନ୍ସି): ଭାରତର ଛୋଟିଆ ସେଣ୍ଟରରେ ମହିଳା ବିଶ୍ୱକପ୍ କ୍ରିକେଟର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌କୁ ଟପ୍ ସେଣ୍ଟରେ ଆୟୋଜନ କରିବାକୁ ଆଇସିସି ସ୍ଥିର କରିଛି। ଏଠାରେ ଅନୁଷ୍ଠିତ ଆଇସିସି ବୈଠକରେ ଏହା ଏକପ୍ରକାର ସ୍ଥିର ହୋଇଛି, କେବଳ ଔପଚାରିକ ଘୋଷଣାକୁ ବାକି ରହିଛି। ଟି-୨୦ ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତଭାବେ ଆୟୋଜନ କରିବେ। ପୂର୍ବ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ସେହିପରି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଗଲେ କଲମ୍ବୋରେ ଏହି ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ଖେଳାଯିବାକୁ ସ୍ଥିର ହୋଇଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲକୁ ଯାଏ, ତେବେ ଏହି ମ୍ୟାଚ୍‌ଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳାଯିବ ବୋଲି ଆଇସିସି ଟୁର୍ ଆଣ୍ଡ ଫିକ୍‌ସଚର କମିଟି ପକ୍ଷରୁ ଖେଳସୂଚୀ ପ୍ରସ୍ତୁତ କରାଯାଇଛି। ଭାରତର ଟପ୍ ଭେନ୍ୟୁ ଯଥା ଅହମ୍ମଦାବାଦ୍, ମୁମ୍ବାଇ, ଦିଲ୍ଲୀ, କୋଲକାତା ଓ ଚେନ୍ନାଇରେ ଖେଳାଯିବ। ନିକଟରେ ଶେଷ ହୋଇଥିବା ୫୦ ଓଭର ବିଶିଷ୍ଟ ମହିଳା ବିଶ୍ୱକପ୍ ଇନ୍ଦୋର, ବିଶାଖାପାଟଣା, ଗୌହାଟି, ନଭି ମୁମ୍ବାଇରେ ଖେଳାଯାଇଥିଲା। ସେହିପରି ଭାରତକୁ ଆସି ନ ଥିବାରୁ ପାକିସ୍ତାନ ତାହାର ମ୍ୟାଚ୍ ଗୁଡିକ ଶ୍ରୀଲଙ୍କାର କଲମ୍ବୋରେ ଖେଳିଥିଲା। ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କାରେ ୨ କିମ୍ବା ୩ଟି ଭେନ୍ୟୁ ଚିହ୍ନଟ କରାଯାଇଛି। ବେଙ୍ଗାଲୁରୁ ଏହି ତାଲିକାରୁ ବାଦ୍ ପଡ଼ିଥିବା ଜଣାଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନବେଳେ ହୋଇଥିବା ଦଳାଚକଟା ଯୋଗୁଁ ଏହି ଷ୍ଟାଡିୟମ୍‌କୁ ଏବେ ବନ୍ଦ ରଖାଯାଇଛି। ଏପରିକି ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ମହିଳା ବିଶ୍ୱକପ୍ ଲାଗି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଭେନ୍ୟୁ ଚୟନ କରାଯାଇଥିଲା। କିନ୍ତୁ ସରକାର ସେଠାରେ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ନ ଦେବାରୁ ଚିନ୍ନାସ୍ୱାମୀରେ ଖେଳାଯିବାକୁ ଥିବା ମ୍ୟାଚ୍ ଗୁଡିକୁ ନଭି ମୁମ୍ବାଇକୁ ସ୍ଥାନାନ୍ତରିତ କରାଯାଇଥିଲା।

ଏଥର ୨୦୨୬ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ଖେଳିବେ ଓ ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୮'କୁ ଉନ୍ନୀତ ହେବେ। ସୁପର-୮'ରେ ଦଳଗୁଡିକୁ ଦୁଇଟି ଗ୍ରୁପରେ ଭାଗ କରାଯିବ। ଏଥିରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆସନ୍ତାବର୍ଷ ଫେବୃଆରୀରେ ଏହି ବିଶ୍ୱକପ୍ ଖେଳାଯିବ। ଏଠାରେ ଦେଖିବାର କଥା ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଉଛନ୍ତି କି ନା। ଏହା ଯଦି ହୁଏ, ତେବେ ପାକିସ୍ତାନ ସହ ଖେଳିବାକୁ ଭାରତ ଶ୍ରୀଲଙ୍କା ଯିବ।



ଥାଇଲାଣ୍ଡରେ ଆୟୋଜିତ ବିଶ୍ୱ ଜୁ-ଜିତ୍‌ସୁ ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS